## ସାମ୍ବାଦିକତା ଓ ଗଣ ଯୋଗାଯୋଗ

JMC 01/05

# ସାମ୍ବାଦିକତାର ନୀତି
# (ମିଡ଼ିଆ ଏଥିକ୍ସ)

**ବ୍ଲକ୍ ୫**

ୟୁନିଟ୍-୧ : ସାମ୍ବାଦିକତାର ନୀତି ଓ ମୂଲ୍ୟବୋଧ

ୟୁନିଟ୍-୨ : ବ୍ୟକ୍ତିଗତ ଗୋପନୀୟତା

ୟୁନିଟ୍-୩ : ସାମ୍ବାଦିକତାର ଆଚରଣ ନିୟମାବଳୀ (କୋଡ୍ ଅଫ୍ କଣ୍ଡକ୍ଟ )

## ବିଶେଷଜ୍ଞ କମିଟି

**ଡ. ମୃଣାଳ ଚାଟାର୍ଜୀ**
ପ୍ରଫେସର ଓ ମୁଖ୍ୟ, ଭରାତୀୟ ଜନସଂଚାର ସଂସ୍ଥାନ, ଢେଙ୍କାନାଳ **-ଅଧ୍ୟକ୍ଷ**

**ଡ. ଆଶିଷ କୁମାର ଦ୍ୱିବେଦୀ**, ଆସିଷ୍ଟାଣ୍ଟ ପ୍ରଫେସର ( କମ୍ୟୁନିକେସନ୍ ଷ୍ଟଡ଼ିଜ୍), ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର **-ସଭ୍ୟ**

**ଶ୍ରୀ ସୁଧୀର ପଟ୍ଟନାୟକ**,ସଂପାଦକ, ସମଦୃଷ୍ଟି **-ସଭ୍ୟ**

**ଶ୍ରୀ ସୁଜିତ କୁମାର ମହାନ୍ତି**, ଆସିଷ୍ଟାଣ୍ଟ ପ୍ରଫେସର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ**-ସଭ୍ୟ**

**ଡ. ଦୀପକ ସାମନ୍ତରାୟ**
ନିର୍ଦ୍ଦେଶକ, ନେସ୍‌ନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍‌ଟିମିଡ଼ିଆ, ଭୁବନେଶ୍ୱର**-ସଭ୍ୟ**

**ଶ୍ରୀ ଜ୍ୟୋତି ପ୍ରକାଶ ମହାପାତ୍ର**, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର **-ଆବାହକ**

| ମୂଳ ଇଂରାଜୀ | ଅନୁବାଦ | ସମ୍ପାଦନା |
|---|---|---|
| ଏସ୍. ବି ଧୀର | ସୁକନ୍ୟା ଜେନା | ଜ୍ୟୋତି ପ୍ରକାଶ ମହାପାତ୍ର |
| | ଓଡ଼ିଶା ଜୀବିକା ମିଶନ | ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର |

## ସାମଗ୍ରୀ ଉତ୍ପାଦନ

**ଡ. ଜୟନ୍ତ କର ଶର୍ମା**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

© OSOU, 2018. *Medic Ethics* is made available under a Creative Commons Attribution-ShareAlike 4.0
http://creativecommons.org/licences/by-sa/4.0
Printers by : Sri Mandir Publication, Sahid Nagar, Bhubaneswar

# -:ସୂଚୀପତ୍ର :-


**ୟୁନିଟ-୧: ସାମ୍ବାଦିକତାର ନୀତି ଓ ମୂଲ୍ୟବୋଧ** ୧

୧.୦ ବିଷୟ ଗଠନ ୧

୧.୧ ପଠନର ଉଦ୍ଦେଶ୍ୟ ୧

୧.୨ ଉପକ୍ରମ ୧

୧.୩ ସାମ୍ବାଦିକତାର ନୀତି ଓ ମୂଲ୍ୟବୋଧ ୨

୧.୪ ଇଚ୍ଛା ଏବଂ ବିବାଦ ୫

୧.୫ ସାମ୍ବାଦିକତା ନୀତି ଏବଂ ଯୋଗ୍ୟତା ୭

୧.୬ ନୈତିକ ସଙ୍କଟ ୭

୧.୭ ପେସାଦାର ସାମ୍ବାଦିକଙ୍କ ଆୟତନ, ଆଚରଣ ନିୟମାବଳୀ ( କୋଡ୍ ଅଫ୍ ଏଥିକ୍ସ ) ୧୦

୧.୮ ଆସ ପ୍ରଗତି ମାପିବା ୧୩

**ୟୁନିଟ-୨: ସ୍ୱାଧୀନତାର ଅଧିକାର** ୧୪

୨.୦ ବିଷୟ ଗଠନ ୧୪

୨.୧ ପଠନର ଉଦ୍ଦେଶ୍ୟ ୧୪

୨.୨ ଉପକ୍ରମ ୧୪

୨.୩ ବ୍ୟକ୍ତିଗତ ଗୋପନୀୟତା ୧୫

୨.୪ ଷ୍ଟିଙ୍ଗ୍ ସାମ୍ବାଦିକତା ୨୩

୨.୫ କାମଳ (ୟେଲୋ) ସାମ୍ବାଦିକତା ୨୫

୨.୬ ପେଡ୍ ନ୍ୟୁଜ୍ ୨୫

୨.୭ ମିଡିଆ ନେଟ୍ ଓ ବେସରକାରୀ ଆଚରଣ ୨୮

୨.୮ ଆସ ପ୍ରଗତି ମାପିବା ୨୯

**ୟୁନିଟ-୩ : ସାମ୍ବାଦିକତାର ଆଚରଣ ନିୟମାବଳୀ ( କୋଡ୍ ଅଫ୍ କଣ୍ଡକ୍ଟ)** ୩୦

୩.୦ ବିଷୟ ଗଠନ ୩୦

୩.୧ ପଠନର ଉଦ୍ଦେଶ୍ୟ ୩୦

୩.୨ ଉପକ୍ରମ ୩୦

୩.୩ ସାମ୍ବାଦିକତାର ମୂଳ କାର୍ଯ୍ୟ ଏବଂ ଆଚରଣ ବିଧିର ଉଦ୍ଦେଶ୍ୟ ୩୧

୩.୪ ପ୍ରେସ କାଉନସିଲ ଅଫ ଇଣ୍ଡିଆ ଅନୁଯାୟୀ ସାମ୍ବାଦିକ ଆଚରଣବିଧି ୩୨

୩.୫ ନିଜସ୍ୱ-ନିୟନ୍ତ୍ରଣ ୩୪

୩.୬ ଲୋକପାଳ ୩୭

୩.୭ ଗଣମାଧମ ନୀତିନିୟମର ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ୩୮

୩.୮ ଆସ ପ୍ରଗତି ମାପିବା ୪୦

ଅଧିକ ପଠନ ୪୦

ପ୍ରଗତିର ପରିମାପକ ନିମନ୍ତେ ଉତ୍ତର ୪୧

ଆଦର୍ଶ ପ୍ରଶ୍ନାବଳୀ ୪୪

# ୟୁନିଟ-୧: ସାମ୍ବାଦିକତାର ନୀତି ଓ ମୂଲ୍ୟବୋଧ

୧.୦ ବିଷୟ ଗଠନ
୧.୧ ପଠନର ଉଦ୍ଦେଶ୍ୟ
୧.୨ ଉପକ୍ରମ
୧.୩ ସାମ୍ବାଦିକତାର ନୀତି ଓ ମୂଲ୍ୟବୋଧ
୧.୪ ଇଚ୍ଛା ଏବଂ ବିବାଦ
୧.୫ ସାମ୍ବାଦିକତା ନୀତି ଏବଂ ଯୋଗ୍ୟତା
୧.୬ ନୈତିକ ସଙ୍କଟ
୧.୭ ଅଭିଜ୍ଞ ସାମ୍ବାଦିକଙ୍କ ଦୁନିଆ, ଆଚରଣ ନିୟମାବଳୀ (କୋଡ୍ ଅଫ୍ ଏଥିକ୍ସ)
୧.୮ ଆସ ପ୍ରଗତି ମାପିବା

## ୧.୧ ପଠନର ଉଦ୍ଦେଶ୍ୟ

ଜଣେ ଦାୟିତ୍ୱସମ୍ପନ୍ନ ସାମ୍ବାଦିକ ସମ୍ମୁଖୀନ ହେଉଥିବା ସମସ୍ତ ସମସ୍ୟା ଉପରେ ଏହି ବିଷୟରେ ଆଲୋଚନା କରାଯାଇଛି । ଏଥିରୁ ସାମ୍ବାଦିକତା ନୀତି ଓ ମୂଲ୍ୟବୋଧ ଉପରେ ଏକ ସଂକ୍ଷିପ୍ତ ଚିନ୍ତାଧାରା ମିଳିପାରିବ । ଏହି ବିଭାଗ ଶେଷରେ, ଛାତ୍ରଛାତ୍ରୀ ପେସାଦାର ସାମ୍ବାଦିକଙ୍କ ମୂଲ୍ୟବୋଧ ବିଷୟରେ ଅନେକ ଜ୍ଞାନ ହାସଲ କରିପାରିବେ । ସାମ୍ବାଦିକତାର ନୀତି ନିୟମରେ ଦେଖାଦେଉଥିବା ସମସ୍ୟା ଉପରେ ବି ଧାରଣା ପାଇପାରିବେ ।

## ୧.୨ ଉପକ୍ରମ

ସମସ୍ତ ପେସାରେ ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରିତ ହୋଇଥାଏ । ସେ ଶିକ୍ଷକ ହୁଅନ୍ତୁ କି ପ୍ରଶାସକ ସବୁଥିରେ କିଛିଟା ନୀତି ନିୟମ ପାଳନର ଯଥାର୍ଥତା ରହିଛି । ଏହାକୁ ଆଧାର କରି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥାଏ । ସାମ୍ବାଦିକତାକୁ ଚତୁର୍ଥ ସ୍ତମ୍ଭ କୁହାଯାଏ । ଏଣୁ ଏ କ୍ଷେତ୍ରରେ ନୀତି ନିୟମ ସଠିକ୍ରୂପେ ପାଳନ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ।

ୱେବଷ୍ଟରଙ୍କ ନିୟୁ ୱାର୍ଲଡ୍ ଅଭିଧାନ ଅନୁଯାୟୀ, ନୀତିଶାସ୍ତ୍ର ହେଉଛି, ବ୍ୟକ୍ତି, ଜାତି, ଗୋଷ୍ଠୀ,ପେସା କ୍ଷେତ୍ରର ନୈତିକତା ବା ପଦ୍ଧତି । ଏହିପରି ମେକ୍ୱାରୀଙ୍କ ଅଭିଧାନ ଅନୁସାରେ ନୀତିଶାସ୍ତ୍ର ହେଉଛି ନୈତିକ ପଦ୍ଧତିର ମୂଳତତ୍ତ୍ୱ । ଏହା ଦ୍ୱାରା କୌଣସି ପଦକ୍ଷେପର ଭଲମନ୍ଦ ତଥା ଭୁଲ୍ ଠିକ୍କୁ ବିଚାର କରାଯାଇଥାଏ । ନୀତିନିୟମ ସୂଚାଇଦିଏ ଯେ, କେଉଁ ପରିସ୍ଥିତିରେ ଆମକୁ କ'ଣ କରିବାକୁ ପଡିବ । କେଉଁ କ୍ଷେତ୍ରରେ ଆମେ ପେସାଦାର ବା କ୍ରିୟାଶୀଳଭାବେ କାର୍ଯ୍ୟ କରିବା ଉଚିତ୍ । ପରିବର୍ତ୍ତିତ ପରିସ୍ଥିତିର ପ୍ରକାରଭେଦ ଏବଂ ମାନଦଣ୍ଡ ଅନୁଯାୟୀ ନୀତି ନିୟମ ପ୍ରୟୋଗ କରିବା କଷ୍ଟକର । ନୂତନ ନିୟମାବଳୀ ପ୍ରସ୍ତୁତ କରିବା ଏବଂ ନାନାଦି ଦ୍ୱନ୍ଦ୍ୱ ତଥା ସମସ୍ୟା ସମାଧାନର ବୃହତ୍ ମାଧମ ହେଉଛି ନୀତି ଅନୁସରଣ ।

## ୧.୩ ସାମ୍ବାଦିକତାର ନୀତି ଓ ମୂଲ୍ୟବୋଧ

ପ୍ରତି ଦେଶରେ ସାମ୍ବାଦିକଙ୍କ ନିମନ୍ତେ ଆଇନ ଧାର୍ଯ୍ୟ ହୋଇଛି । ଏହିଭଳି କିପରି ଏହା ଦେଶର ଜନତାଙ୍କ ଉପରେ ନ୍ୟସ୍ତ କରାଯିବ ସେଥିପ୍ରତି ବି ଧ୍ୟାନ ଦିଆଯାଇଥାଏ । ଆଇନ କହିଲେ ମାନହାନି, ଅଦାଲତ ଅବମାନନା, ସମ୍ବିଧାନର ଅବମାନନା ଇତ୍ୟାଦିକୁ ବୁଝାଯାଏ । ଏହି ଆଇନ ଅନୁଯାୟୀ ସାମ୍ବାଦିକଙ୍କ ଭୁଲ୍ ଏବଂ ଅତିରିକ୍ତ କାର୍ଯ୍ୟକଳାପକୁ ତଦାରଖ କରାଯାଇଥାଏ ।

କେଉଁ ମାଧ୍ୟମରୁ ଖବର ସଂଗ୍ରହ ହେଉଛି ଏବଂ କିଭଳି ଏହା ରିପୋର୍ଟିଂ କରାଯାଉଛି, ଏହା ସାମ୍ବାଦିକତାର ମାନଦଣ୍ଡକୁ ସୂଚାଏ । ନ୍ୟୁଜ୍ ରିପୋର୍ଟିଂ ଏବଂ ସଂଗ୍ରହର ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ସାମ୍ବାଦିକ "ନୀତି "।

ଜଣେ ପେସାଦାର ସାମ୍ବାଦିକଙ୍କ କାର୍ଯ୍ୟପ୍ରଣାଳୀରେ କିଛିଟା ବ୍ୟକ୍ତିଗତ ମାନଦଣ୍ଡ ରହିଥାଏ । ତାକୁ ଆମେ "ପେସାଗତ ନୀତି" ବି କହିପାରିବା । ନୀତି ଅନୁସରଣ କରିବାକୁ କାହାକୁ ବାଧ କରାଯାଇ ନାହିଁ । ମାତ୍ର ପ୍ରତ୍ୟେକ ପେସାରେ ବ୍ୟକ୍ତିଗତ ଗୋପନୀୟତା ରହିଥାଏ, ଯାହାକୁ ପାଥେୟ କରି ନୀତିସବୁକୁ ଅଭ୍ୟାସ କରାଯାଇଥାଏ । ନୀତି ନିୟମାବଳୀ ପ୍ରତି ପେସାର ବୈଶିଷ୍ଟ୍ୟତାକୁ ଦର୍ଶାଇଥାଏ । ଏହାର ଆବଶ୍ୟକତା ପଡିଥାଏ ଦୁର୍ବ୍ୟବହାରକୁ ଦୂର କରିବା, ଅଂସଯତ ଶକ୍ତିର ଅହରହ ବ୍ୟବହାରକୁ ରୋକିବା, କୌଣସି ବି ପେସାକୁ ସାଧୀକାର ଦେବା । ଭାରତରେ ଭିନ୍ନ ଭିନ୍ନ ଖବରକାଗଜ ନିଜ ସଂଗଠନ ଅନୁଯାୟୀ କର୍ମଚାରୀଙ୍କ ନିମନ୍ତେ ନୀତି ପ୍ରଣୟନ କରିଥାନ୍ତି । ଯାହାକୁ ଅନୁସରଣ କରି କର୍ମଚାରୀ କାମ କରିଥାନ୍ତି । ଏହା ଫଳରେ ଯେକୌଣସି ଅନୁଷ୍ଠାନର କାର୍ଯ୍ୟ ପ୍ରଣାଳୀର ମାନଦଣ୍ଡ ସୁଦୃଢ଼ ହୋଇଥାଏ ।

ଏକଦା ସମୟ ଥିଲା ଯେତେବେଳେ, ସାମ୍ବାଦିକତା ପେସାକୁ ଆଦର୍ଶବାଦ ପେସାଭାବେ ଗ୍ରହଣ କରାଯାଉଥିଲା । ଯେଉଁଠି କି ଲେଖନୀର ଶକ୍ତି ଖଣ୍ଡାର ଧାର ଭଳି ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଥିଲା । ସେତେବେଳେ ସେହିଭଳି ଲେଖାଶୈଳୀ ଏବଂ ବିଷୟବସ୍ତୁକୁ ମଜଭୁତ୍ ବି କରାଯାଉଥିଲା । ବର୍ତ୍ତମାନ ସାମ୍ବାଦିକତା ପେସା ଉପରୁ ଲୋକଙ୍କ ଭରସା ବି ତୁଟିଗଲାଣି । ଏହାସହ ବାସ୍ତବିକ ଦୁନିଆରେ ପ୍ରତ୍ୟେକ ଗଣମାଧ୍ୟମ ସଂସ୍ଥା ଖବର ପ୍ରସାରଣ ଦୌଡରେ ନିଜର ନୀତି, ମାନବିକତାକୁ ଭୁଲି ଯାଉଛନ୍ତି । ସାମ୍ବାଦିକତା ବର୍ତ୍ତମାନ ବ୍ୟବସାୟରେ ପରିଣତ ହୋଇଗଲାଣି । ସଫଳତା ପାଇବା ଏବଂ ଅଧିକ ଲୋକପ୍ରିୟତା (ଟିଆର୍‌ପି) ପାଇବା ଆଶାରେ ଗଣମାଧ୍ୟମ ସଂସ୍ଥା ନିଜର ସାମ୍ବାଦିକତା ଧର୍ମ, ନୀତିକୁ ବି ପଛରେ ପକାଇଦେଉଛନ୍ତି । ଲୋକଙ୍କୁ ମନୋରଞ୍ଜନ ଦେବାକୁ ଯାଇ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମ ସଂସ୍ଥା କୌଣସି ବି ସ୍ତରକୁ ଯାଉଛନ୍ତି । ହେଲେ କେତୋଟି ସାଧାରଣ ନୀତିନିୟମ ଯାହାକୁ ଜଣେ ସାମ୍ବାଦିକ ରିପୋର୍ଟିଂ କଲାବେଳେ ନିଶ୍ଚିତରୂପେ ଧ୍ୟାନରେ ରଖିବା ଆବଶ୍ୟକ ସେତକ ବି ଆଜିକାଲିର ସାମ୍ବାଦିକଙ୍କ ରିପୋର୍ଟିଂରେ ସମ୍ଭବପର ହୋଇପାରୁନାହିଁ।

### ୧.୩.୧ ଉଦ୍ଦେଶ୍ୟ

କୌଣସି ଖବରକାଗଜ ବା ଚ୍ୟାନେଲର ରାଜନୈତିକ ଦଳ ବା ବାଣିଜ୍ୟିକ ଗୋଷ୍ଠୀ ସହିତ ଅନୁବନ୍ଧନ ରହିଥାଏ । ମାତ୍ର ନ୍ୟୁଜ୍ ରିପୋର୍ଟିଂରେ ଏହାର ପ୍ରଭାବ ପ୍ରତିଫଳିତ ହେବା ଅନୁଚିତ୍ । ଏପରିକି ରିପୋର୍ଟ ସଂଗ୍ରହ କରୁଥିବା ରିପୋର୍ଟର ବି ସଜାଗ ରହିବା ଆବଶ୍ୟକ ଯେପରିକି ତାଙ୍କ ନିଜସ୍ୱ ମତ ଖବରରେ ନ ରୁହେ । ସାମ୍ବାଦିକ ସର୍ବଦା ନ୍ୟୁଜ୍ ଏବଂ ମତାମତର ଉଦ୍ଦେଶ୍ୟକୁ ଅଲଗାଭାବେ ବିବେଚନା କରିବା

ଆବଶ୍ୟକ । ଲୋକଙ୍କ ଆବଶ୍ୟକତାନୁଯାୟୀ ରିପୋର୍ଟ ପ୍ରସ୍ତୁତ କରିବେ । ଏଥିରେ କୌଣସି ବ୍ୟବସାୟିକ ମନୋଭାବ ବା ସଂସ୍ଥାର ନିଜସ୍ୱ ସ୍ୱାର୍ଥ ପ୍ରତିଫଳିତ ହେବା ଅନୁଚିତ୍ । ନଚେତ୍ ଏଭଳି ଉପସ୍ଥାପନ ଗଣମାଧ୍ୟମ ସଂସ୍ଥାର ନୀତି ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ ।

### ୧.୩.୨ କର୍ତ୍ତବ୍ୟନିଷ୍ଠ, ସତ୍ୟତା, ପରିଶୁଦ୍ଧତା

ଜଣେ ଭଲ ସାମ୍ବାଦିକଙ୍କ ପରିଚୟ ହେଉଛି ତାଙ୍କ ଲେଖା ପ୍ରତି ପାଠକଙ୍କ ବିଶ୍ୱାସ । ପ୍ରତି ଥର ପ୍ରକାଶନରେ ଖବରକାଗଜ ସତ୍ୟତାକୁ ନଜରରେ ରଖିଲେ ହିଁ ବିଶ୍ୱାସନୀୟ ହୋଇପାରେ । କୌଣସି ବି ଘଟଣାର ଭୁଲ୍ ପ୍ରକାଶନ ଖବରକାଗଜର ଅକ୍ତିଆରରେ ନ ଥିଲା ବୋଲି ଆମେ କହିପାରିବା ନାହିଁ । ଅଥବା ଖବରକାଗଜ ନିଜ ଗୁଣବତ୍ତା ପ୍ରମାଣିତ କରିବାରେ ଅସଫଳ ହେଲା ବୋଲି କହିବା ବି ମୂର୍ଖାମୀ ।

### ୧.୩.୩ ଶାଳୀନତା

ସାମ୍ବାଦିକମାନେ ଖବର ପ୍ରକାଶନ ସମୟରେ ବ୍ୟବହାର କରୁଥିବା ଶବ୍ଦ ଏବଂ ଚିତ୍ରଣ ପ୍ରତି ସଜାଗ ରହିବା ଆବଶ୍ୟକ । ଅଗ୍ନି ସଂଯୋଗ, ଦୁର୍ଘଟଣା, ଯୌନ ନିର୍ଯାତନା ଏଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ରିପୋର୍ଟିଂ ସମୟରେ ସମସ୍ତ ଘଟଣା ସଠିକ୍ ଏବଂ ସବିଶେଷ ତଥ୍ୟମୂଳକ ଉପସ୍ଥାପନା ହେବା ଆବଶ୍ୟକ । ଯେ କୌଣସି ନିଷ୍ପତ୍ତି ଯଦି ନିଆଯାଏ ତା ବି ପ୍ରକାଶିତ ହେବା ନିହାତି ଜରୁରୀ । ରିପୋର୍ଟ ଯେପରି ଅତ୍ୟାଚାର ବା ଅଶ୍ଳିଳତାକୁ ସହମତି ଦେଉଛି କିମ୍ବା ଅଧିକ ପରିମାଣରେ ଅତିରଞ୍ଜିତ ଘଟଣା ଦର୍ଶକଙ୍କ ସାମ୍ନାକୁ ଆଣିବାକୁ ଚେଷ୍ଟା କରୁଛି ଏଭଳି ପ୍ରତିଫଳିତ ହେବା ଅନୁଚିତ୍ । ଆମକୁ ମନେ ରଖିବାକୁ ହେବ ଶିଶୁଙ୍କ ପ୍ରତି ଆମ ନୈତିକ କର୍ତ୍ତବ୍ୟ କ'ଣ ? ଏହାକୁ ବଜାୟ ରଖିବା ଆଇନ ଅନୁଯାୟୀ ବାଧ୍ୟତାମୂଳକ । ସାମ୍ବାଦିକ ସର୍ବଦା ଖବର ପ୍ରକାଶନ ସମୟରେ ଧ୍ୟାନ ଦେବା ଆବଶ୍ୟକ ଯେପରି ଖବର ଦ୍ୱାରା କେହି ପ୍ରଭାବିତ ନ ହୁଅନ୍ତି ଏବଂ ଏହା ସମାଜ ଉପରେ କୌଣସି ଖରାପ ପ୍ରଭାବ ନ ପକାଏ ।

### ୧.୩.୪ ନିରପେକ୍ଷତା

ରିପୋର୍ଟକୁ ଯଦି ରେକର୍ଡ କରାଯାଏ ତେବେ ସେଥିରେ ନ୍ୟୁଜ୍ ରିପୋର୍ଟର ତାତ୍ପର୍ଯ୍ୟ ଏବଂ ଉଦ୍ଦେଶ୍ୟ ସ୍ୱଷ୍ଟଭାବରେ ପ୍ରତିଫଳିତ ହୋଇଥାଏ । କୌଣସି ବି ନ୍ୟୁଜ୍ ରିପୋର୍ଟ ସର୍ବଦା ସ୍ୱାଧୀନଭାବେ ପ୍ରକାଶିତ ହେବା ଆବଶ୍ୟକ । ମାତ୍ର କେତେକ ସ୍ତମ୍ଭକାର ବା କାହାଣୀର ଲେଖକ ଏହାକୁ ଗ୍ରହଣ କରନ୍ତି ନାହିଁ । ଲେଖକ ନିଜର ମତାମତ ଦେଇ କାହାଣୀକୁ ଶେଷ କରିଥାନ୍ତି । ନ୍ୟୁଜ୍ ରିପୋର୍ଟିଂରେ ସବୁ ପକ୍ଷର ମତାମତକୁ ପ୍ରାଧାନ୍ୟ ଦିଆଯାଇ ରିପୋର୍ଟ ପ୍ରସ୍ତୁତ ହୋଇଥାଏ । ଏଥିରେ ସମସ୍ତଙ୍କ ମତ ସହ ଘଟଣାର ସବିଶେଷ ବିବରଣୀ ସଠିକ୍‌ଭାବରେ ପାଠକଙ୍କ ନିକଟକୁ ପହଞ୍ଚା ଯାଇଥାଏ ।

### ୧.୩.୫ ବ୍ୟବସାୟିକ ପଦ୍ଧତି ବା ମନୋଭାବ

ବ୍ୟବସାୟିକ ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦୀର ଗଳା କାଟି ଏକାକୀ ଆଗକୁ ବଢିବାର ଲକ୍ଷ ରଖି କାମ କରିବାର ଅଭ୍ୟାସ, ତା ସହ ଅର୍ଥ ଲୋଭରେ ଏହାର ପ୍ରଭାବ ସମାଜ ପ୍ରତି କେତେ ଦୂର ଠିକ୍ ବା ଭୁଲ ହୋଇପାରେ ବିଚାରକୁ ନ ନେବା, ଏହାକୁ ମୂର୍ଖ ବ୍ୟବସାୟିକ ପଦ୍ଧତି ବା ମନୋଭାବ କୁହାଯାଏ । ସମସ୍ତ ଗଣମାଧ୍ୟମ ସଂସ୍ଥା ଲାଭବାନ ହେବାର ସମ୍ପୂର୍ଣ୍ଣ ହକଦାର । ମାତ୍ର ଏହାର ଅର୍ଥ ନୁହେଁ ଯେ, କେବଳ ଅର୍ଥ ଆଶା ରଖିବା । ଅନ୍ୟାୟ ମାର୍ଗରେ ଅର୍ଥ ଆଦାୟ ଯେପରି ନ ହେଉ ଏହାକୁ ଗଣମାଧ୍ୟମ ସଂସ୍ଥା ପାଳନ

କରୁନାହାଁନ୍ତି । ଏମାନେ ମୂର୍ଖ ବ୍ୟବସାୟିକ ପଦ୍ଧତି ଯେପରିକି, ଅଶ୍ଳୀଳ ଦୃଶ୍ୟ, ଚିତ୍ର, ଲେଖା ଏସବୁ ଅନ୍ୟାୟ କାର୍ଯ୍ୟରୁ ନିବୃତ ରହିବା ଆବଶ୍ୟକ । ଏଭଳି ବର୍ଣ୍ଣନା ଯୁବପୀଢି ତଥା ଶିଶୁଙ୍କ ମାନସିକସ୍ତରକୁ ଦୂଷିତ କରିଥାଏ । ଏସବୁ ମନ୍ଦ କାର୍ଯ୍ୟ ସେମାନଙ୍କ ଉପରେ କୁପ୍ରଭାବ ପକାଇବାର ସମ୍ଭାବନା ରହିଥାଏ ।

## ୧.୩.୬ ଆବେଗପୂର୍ଣ୍ଣ ଉତ୍ତେଜନା

ସାମ୍ବାଦିକ ନୈତିକତା ଅନୁଯାୟୀ ଆବେଗପୂର୍ଣ୍ଣ ଉତ୍ତେଜନାରେ ଜଡିତ ଥିବା ଖବରରୁ ନିବୃତ ରହିବା ଆବଶ୍ୟକ । ବିଶେଷ କରି ଗୋଷ୍ଠୀ ବା ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଏବଂ ଦୁର୍ବିପାକ ସମୟରେ ଲୋକେ ଅଧିକ ଉତ୍ସୁକ ରୁହନ୍ତି ଘଟଣା ବିଷୟରେ ଜାଣିବା ପାଇଁ । ଘଟଣା ପ୍ରତି ତଥ୍ୟ ଜାଣିବାର ଲୋକଙ୍କ ସମସ୍ତ ଆଶାକୁ ନଜରରେ ରଖି ରିପୋର୍ଟିଂ କରିବା ଆବଶ୍ୟକ । ଯାହା ଫଳରେ କୌଣସି ସମ୍ପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ସଂଘର୍ଷ ଉପରେ ପ୍ରଭାବ ନ ପଡେ ଅଥବା କୌଣସି ଦୁର୍ବିପାକ ଉପରେ ଲୋକଙ୍କୁ ଭୟଭୀତ ନ କରାଯାଉ ।

## ୧.୩.୭ ଗୋପନୀୟତା

ବ୍ୟକ୍ତିଗତ ଗୋପନୀୟତାକୁ ମାଇକ୍ରୋଫୋନ୍ ମାଧ୍ୟମରେ ଅନ୍ୟ କାହାମୁଖରୁ ପୁରା ସମାଜକୁ ଜଣାଇବା ବା ଖବରକାଗଜରେ ପ୍ରକାଶିତ କରିବା ଆଦୌ ଶୋଭନୀୟ ନୁହେଁ । ଏପରିକି କୌଣସି ବ୍ୟକ୍ତିଗତ ସୂଚନାକୁ ଏଭଳି ସମାଜ ସମ୍ମୁଖରେ ପ୍ରକାଶିତ କରିବା ଗ୍ରହଣୀୟ ନୁହେଁ । ଗୁପ୍ତ ତଥ୍ୟ, ଫଟୋଚିତ୍ର, ବ୍ୟକ୍ତିଗତ ତଥ୍ୟ ଏସବୁକୁ ବିନା ସମ୍ମତିରେ ପ୍ରକାଶିତ କରିବା ଅନୁଚିତ୍ । ଏଭଳି ତଥ୍ୟର ଉନ୍ମୋଚନ ସେତେବେଳେ ଗ୍ରହଣୀୟ ହୁଏ, ଯେତେବେଳେ ସାଧାରଣ ଜନତାଙ୍କ ନ୍ୟାୟ ପାଇଁ ଏହା ସଫଳ ମୂଲ୍ୟାୟନ ହୋଇଥାଏ । ଅଥବା ଜଣେ ସାଧାରଣ ବ୍ୟକ୍ତିଙ୍କ ମାନବିକ କ୍ଷମତା ଧାର୍ଯ୍ୟ ପାଇଁ ଲଢେଇ ବେଳେ ଏହା ମାନଦଣ୍ଡ ହୋଇଥାଏ । ଗୁରୁତ୍ୱପୂର୍ଣ୍ଣ ଖବର ପ୍ରସାରଣ ସମୟରେ ବ୍ରେକିଙ୍ଗ୍ ନ୍ୟୁଜ୍‌ରେ ଆବଶ୍ୟକୀୟ ପ୍ରମାଣମୂଳକ ତଥ୍ୟ ପ୍ରକାଶିତ ହୋଇଥାଏ । ମାତ୍ର ଏଥିରେ ବ୍ୟକ୍ତିଗତ ସ୍ୱାଧୀନତାକୁ ନଜରରେ ରଖି ଖବର ପ୍ରକାଶିତ ଯଥାର୍ଥମୂଳକ ହୋଇଥାଏ । କୌଣସି ବି ଗଣମାଧ୍ୟମ ନିଜ ମନ ମୁତାବକ ଖବର ପ୍ରସାରଣ କରିପାରିବେ ନାହିଁ । ବରଂ ଏସବୁ ପ୍ରକାଶନ ପାଇଁ ଆଇନଗତ ନିୟମ ଅନୁସରଣର ଆବଶ୍ୟକତା ପଡିଥାଏ।

## ୧.୩.୮ ଅଶ୍ଳୀଳତା

ସମସ୍ତ କାର୍ଯ୍ୟରେ ଅଶ୍ଳୀଳ ମନୋଭାବ ପୋଷଣ କାର୍ଯ୍ୟକୁ ପ୍ରଭାବିତ କରିଥାଏ ଅଥବା କୌଣସି ବିଷୟରେ ଆପତ୍ତିଜନକ ବର୍ଣ୍ଣନା ବି ଅଶାଳୀନରୂପେ ଗ୍ରହଣ କରାଯାଇଥାଏ । ବ୍ୟବହାର, ଶବ୍ଦ, ଚିତ୍ର ଏବଂ ଆଚାର ବ୍ୟବହାରରେ ଦୁର୍ବ୍ୟବହାର ପରିଲକ୍ଷିତ ହେବା ବି ଅଶ୍ଳୀଳତା ବୋଲି ବୁଝାଯାଏ । ଅପରାଧ ଏବଂ ମହିଳାଙ୍କ ଉପରେ ରିପୋର୍ଟିଂ କଲାବେଳେ ସାମ୍ବାଦିକମାନେ ବହୁ ସଂଯତ ଏବଂ ଶାଳୀନତା ସହ ଖବର ଉପସ୍ଥାପନ କରିବା ଆବଶ୍ୟକ । କୌଣସି ବିବାଦ ବା ଅଶ୍ଳୀଳତା ଯେପରି ରିପୋର୍ଟରେ ସାମିଲ ନ ହୁଏ ବା କୌଣସି ବ୍ୟକ୍ତି ବିଶେଷଙ୍କ ଚରିତ୍ର ଉପରକୁ କୌଣସି ପ୍ରଭାବ ନ ପକାଏ, ଏଥିପ୍ରତି ଧ୍ୟାନ ଦେବା ଉଚିତ୍ ।

## ୧.୪ ଇଚ୍ଛାକୁ ନେଇ ବିବାଦ

ଯେତେବେଳେ ଗଣମାଧମ ଉପରୁ ଜନତାଙ୍କ ବିଶ୍ୱାସ ହ୍ରାସ ପାଇବାରେ ଲାଗେ, ସେ ସ୍ଥାନରେ ସାମ୍ବାଦିକ ନିଜ ରିପୋର୍ଟରେ ବିବାଦକୁ ଏଡାଇବାକୁ ଚେଷ୍ଟା କରିବା ଆବଶ୍ୟକ । ଏଭଳି ସ୍ଥାନରେ ରିପୋର୍ଟକୁ ବ୍ୟକ୍ତିଗତ, ନିଜସ୍ୱ ଏବଂ ବାଣିଜ୍ୟିକସ୍ତରରେ ବିଚାର କରି ଆଇନ ଅନୁଯାୟୀ ବାଧତାମୂଳକ ନିଷ୍ପତ୍ତି ନିଆଯାଉଛି ବୋଲି ପ୍ରକାଶ କରାଯିବା ଆବଶ୍ୟକ । ଦର୍ଶକ ତଥା ପ୍ରତ୍ୟୁତ୍ତରକୁ ଅନୁମାନ କରି ଖବର ପ୍ରସାରଣ ଆବଶ୍ୟକ ।

**ବନ୍ଧୁ ଏବଂ ଘର ସଦସ୍ୟଙ୍କ ବିଷୟରେ ଲେଖୁଥିଲା ବେଳେ –**

ଅନେକ ଖବରକାଗଜର ରିପୋର୍ଟର ନିଜର ଲେଖା ବନ୍ଧୁ କିମ୍ବା ପରିବାର ସଦସ୍ୟଙ୍କଠୁଁ ତଥ୍ୟ ନେଇ ଲେଖିଥାନ୍ତି । ଏପରିକି ଅଧିକ ତଥ୍ୟ ପାଇଁ ଅନ୍ୟ ଉତ୍ସ ଏବଂ ଅନୁମାନକୁ ବି ପ୍ରାଧାନ୍ୟ ଦିଆଯାଇଥାଏ । ଆତ୍ମଜୀବନୀ ଅଥବା କୌଣସି ବ୍ୟକ୍ତିଙ୍କ ଅନୁଭୂତି ଲେଖିଲାବେଳେ ଏଭଳି ରିପୋର୍ଟିଂ ସମ୍ଭବ ହୋଇଥାଏ । ସେ ଯାହା ବି ହେଉ ଆଇନଗତ ବାଧତା ଦୃଷ୍ଟିରୁ ରିପୋର୍ଟରଙ୍କୁ ଯଦି ସ୍ୱଚ୍ଛ ରିପୋର୍ଟ ପାଇଁ କୌଣସି ସମ୍ପର୍କ ନିର୍ଦ୍ଧାରଣ କରିବା ଆବଶ୍ୟକ ପଡେ, ଏଥିପାଇଁ ତାଙ୍କୁ କୌଣସି ଉପାୟରେ ଏହି ରିପୋର୍ଟ ଉପସ୍ଥାପନ କରିବାକୁ ହୋଇଥାଏ। ରିପୋର୍ଟ ନିମନ୍ତେ ଯଦି କୌଣସି ମତାମତ ଉଦାହରଣସ୍ୱରୂପ ନେବାକୁ ହୁଏ ଅଥବା କୌଣସି ଅଭିଜ୍ଞ ଲୋକଙ୍କ ମତାମତ ଆବଶ୍ୟକ ହୁଏ ଏସବୁ ସମ୍ପର୍କକୁ ରିପୋର୍ଟର କାହାଣୀରେ ଆଣିଲେ ତାଙ୍କ ଉପରକୁ ଅନେକ ପ୍ରଶ୍ନ ଉଠିଥାଏ । କାରଣ ଏଭଳି ସ୍ଥଳରେ ରିପୋର୍ଟକୁ ରିପୋର୍ଟରଙ୍କ ବ୍ୟକ୍ତିଗତ ମତାମତ ବା ସମ୍ପୃକ୍ତଙ୍କୁ ସମ୍ପର୍କୀୟ ବୋଲି ବି ଧରାଯାଏ । ଏଣୁ କୌଣସି ବି ଲେଖାରେ ଗ୍ରହଣ କରାଯାଉଥିବା ମତାମତ ଓ ବ୍ୟକ୍ତିବିଶେଷଙ୍କ  ତଥ୍ୟକୁ ସ୍ୱଚ୍ଛଭାବେ ପ୍ରକାଶ କରିବା ଆବଶ୍ୟକ ।

**ଗଣମାଧମ ଉତ୍ସବ-**

ଅନେକ ଖ୍ୟାତିସମ୍ପନ୍ନ ଗଣମାଧମ ସଂସ୍ଥା ନିଜର ଉତ୍ସବରେ ସହଭାଗିତାଙ୍କ ଉପସ୍ଥିତିକୁ ନିଷେଧ କରନ୍ତି । ସାମ୍ବାଦିକଙ୍କ ଏଭଳି ନିଷ୍ପତ୍ତି କିଛି କ୍ଷେତ୍ରରେ ରିପୋର୍ଟରଙ୍କୁ ଅନେକ ସମସ୍ୟାରେ ପକାଇଥାଏ । ଚଳଚ୍ଚିତ୍ର ଷ୍ଟୁଡିଓ, ଇଲେକ୍ଟ୍ରୋନିକ କମ୍ପାନୀ, ସରକାରୀ ଏଜେନ୍ସି ଉପରେ ନ୍ୟୁଜ୍ ରିପୋର୍ଟବେଳେ ଏଭଳି ସମସ୍ୟା ଦେଖାଦିଏ ।

- **ଆତିଥ୍ୟ ଗ୍ରହଣ-**

ଜଣେ ସାମ୍ବାଦିକ ଯେତେବେଳେ ସି.ଇ.ଓ କିମ୍ବା କମ୍ପାନୀର  ଏକଜ୍ୟୁକେଟିଭ୍‌ଙ୍କ ସାକ୍ଷାତକାର ନେଉଛନ୍ତି ସେ ସ୍ଥାନରେ ସେ ଶୀତଳ ପାନୀୟ (କୋଲ୍ଡ ଡ୍ରିଙ୍କ୍‌ସ୍) ବା ସ୍ୟାଣ୍ଡ ୱିଚ୍ ଆତିଥ୍ୟ ସ୍ୱରୂପ ଗ୍ରହଣ କରିପାରିବେ । କୌଣସି ରେଷ୍ଟୁରାଣ୍ଟରେ ଖାଦ୍ୟ ଖାଇବା ବା ପାଣି ପିଇବା ପରେ ଆବଶ୍ୟକୀୟ ଖର୍ଚ୍ଚ ଦେବା ସ୍ୱାଭାବିକ । ମାତ୍ର ମଦ ଗ୍ରହଣ ଶୋଭନୀୟ ନୁହେଁ । ୨୦୦୫ ମସିହାରେ କାଲାମାଜୋ ଗ୍ୟାଜେଟ୍‌ର ଜଣେ ଫଟୋଗ୍ରାଫର ଏବଂ ସାମ୍ବାଦିକ କଲେଜ୍ କ୍ୟାମ୍ପସରେ ଗୁରୁତ୍ୱପୂର୍ଣ୍ଣ ଖବର ସଂଗ୍ରହ ସମୟରେ ମଦ୍ୟପାନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ବିବାଦକୁ ଆସିଥିଲେ । ଖବରକାଗଜର ସମ୍ପାଦକ ଏହାକୁ ଆପୋଷ ସମାଧାନ ମାଧମରେ ଖବରକାଗଜର ଅଖଣ୍ଡତାକୁ ବଜାୟ ରଖିବାରେ ସଫଳ ହୋଇଥିଲେ ।

- **ଉପହାର-**

ସାମ୍ବାଦିକ ସାଧାରଣତଃ ନିଜ ଘଟଣା ସମ୍ପୃକ୍ତ ସ୍ଥାନ ବା ଅନ୍ୟ କୌଣସି ସ୍ଥାନରୁ ଉପହାର ଗ୍ରହଣ କରନ୍ତି ନାହିଁ । ଅନେକ ଥର ଖବର ପ୍ରକାଶନ ପରେ ସାମ୍ବାଦିକଙ୍କ ନିକଟକୁ ସମ୍ପୃକ୍ତ ଘଟଣାବଳୀ ନିମନ୍ତେ ଅନେକ ଉପହାରର ସୁଅ ଛୁଟିଥାଏ । ସମସ୍ତ ଗଣମାଧମ ସଂସ୍ଥାର ନିଜସ୍ୱ ନୀତି ରହିଥାଏ ଏଭଳି ଉପହାର ଗ୍ରହଣ ପାଇଁ । ଏମାନେ ଖାଦ୍ୟ, ବେସରକାରୀ ଲଜିଂଗ୍ ଏସବୁକୁ ସ୍ୱୀକୃତି ଦେଇପାରନ୍ତି , ମାତ୍ର ଅତ୍ୟଧିକ ବିଳାସପୂର୍ଣ୍ଣକୁ ସମ୍ମତି ଦିଅନ୍ତି ନାହିଁ । ଅନ୍ୟାନ୍ୟ ଦେଶ(ଜାପାନ)ରେ ସାକ୍ଷାତକାର ପୂର୍ବରୁ ସାମ୍ବାଦିକଙ୍କୁ ଅନେକ ଉପହାର ଦିଆଯାଇଥାଏ । ଯାହାକୁ ସେମାନେ ଗ୍ରହଣ କରନ୍ତି, ଯଦି ସାକ୍ଷାତକାର ନିଜ ସଂସ୍ଥାରେ ହେଉଥାଏ । ମାତ୍ର ସବୁପରେ ଏଭଳି ସ୍ଥଳରେ ନିଜର ସାଧାରଣ ଜ୍ଞାନ ବ୍ୟବହାର କରିବା ଆବଶ୍ୟକ । ସାମ୍ବାଦିକ କଦାପି ଅନୁମାନ କରିବା ଯଥାର୍ଥ ନୁହେଁ ଯେ, ଖବରଟି ପ୍ରଭାବଶାଳୀ ହେବ କି ନାହିଁ ।

- **ମାଗଣା ଟିକେଟ୍ -**

ଅନେକ ପ୍ରକାଶନ ସଂସ୍ଥାରେ ନିଜ ସାମ୍ବାଦିକଙ୍କୁ ନିଷେଧ କରନ୍ତି ଯେ, ସମ୍ପୃକ୍ତ ଘଟଣାର ପ୍ରକାଶନ ନିମନ୍ତେ ମାଗଣା ଟିକେଟ୍ ବା କୌଣସି ସହାୟତା ପ୍ରତିପକ୍ଷଠୁଁ ଯେପରି ଗ୍ରହଣ କରିବେ ନାହିଁ । ନ୍ୟୁୟର୍କ ଟାଇମ୍ସରେ ଏହାକୁ ଘୋର ବିରୋଧ କରାଯାଏ । କୌଣସି ବି ସଂସ୍ଥାର ସାମ୍ବାଦିକ ଘଟଣାରେ ସମ୍ପୃକ୍ତ ବ୍ୟକ୍ତି କିମ୍ବା କମ୍ପାନୀଠୁଁ ମାଗଣା ସିନେମା ଟିକେଟ୍, ବାଟ ଖର୍ଚ୍ଚ, ରେଷ୍ଟୁରାଣ୍ଟରେ ଖାଇବା ଇତ୍ୟାଦିକୁ ପସନ୍ଦ କରନ୍ତି ନାହିଁ । କୌଣସି ବହି ପ୍ରକାଶନ, କ୍ୟାସେଟ୍ ଉପସ୍ଥାପନ ଏବଂ ୱେବ୍‌ସାଇଟ୍ ପରିଚାଳନାବେଳେ ଏଭଳି ସମସ୍ୟା ଦେଖାଦେଇଥାଏ ।

- **ଉତ୍ସର ମୂଲ୍ୟାୟନ-**

ଖ୍ୟାତିସମ୍ପନ୍ନ ଗଣମାଧମ ସଂସ୍ଥା ଖବର ସଂଗ୍ରହ ଉତ୍ସ ନିମନ୍ତେ ଅର୍ଥ ସଂଗ୍ରହ କରନ୍ତି ନାହିଁ । ଯଦି ଏଭଳି କରନ୍ତି ତେବେ ତଥ୍ୟର ଅଖଣ୍ଡତା ବଜାୟ ରଖି ତଦନ୍ତ କରିଥାନ୍ତି ।

- **ଅର୍ଥ ବିନିଯୋଗ (ପୁଞ୍ଜୀ, ବନ୍ଧନ, ଦୁଃସାହସିକ କାର୍ଯ୍ୟ)**

ସାମ୍ବାଦିକ କେବେ ବି ଅର୍ଥ ବିନିଯୋଗ ଫାଶରେ କୌଣସି ବ୍ୟକ୍ତି ବା କମ୍ପାନୀକୁ ପକାଇବାକୁ ଚାହାଁନ୍ତି ନାହିଁ ।

- **ରାଜନୈତିକ ଏବଂ ବଦାନ୍ୟ ଅର୍ଥଦାନ-**

ଯେତେବେଳେ ଗୋଟିଏ ରାଜନୈତିକ ଦଳ କିଛି ଅର୍ଥଦାନ କରନ୍ତି ତେବେ ସେ ସମୟରେ ଦଳ ବିଷୟରେ କୌଣସି ଘଟଣା ନିର୍ବାଚନ ବିପକ୍ଷରେ ଥିଲେ ପ୍ରକାଶନ କରିପାରିବେ ନାହିଁ । ଏହିପରି ଯଦି ସାମ୍ବାଦିକ କୌଣସି ରାଜନୈତିକ ଦଳର ଖବର ପ୍ରକାଶନ ନିମନ୍ତେ ଅର୍ଥଦାନ କରନ୍ତି ତା ବି ସଂସ୍ଥା ଆଡକୁ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ । ଅର୍ଥ ବଳରେ ଖବର ପ୍ରକାଶନ, କୌଣସି ସଂସ୍ଥାକୁ ସ୍ୱୀକୃତି ଦିଏ ନାହିଁ ।

- **ବ୍ଲଗ୍ସ୍-**

ବର୍ତ୍ତମାନର ସାମ୍ବାଦିକ ଏବଂ ସାମ୍ବାଦିକତା ଛାତ୍ରଛାତ୍ରୀଙ୍କୁ ମତାମତ ଦେବାର ସରଳ ଉପାୟ "ବ୍ଲଗ୍"। ରିପୋର୍ଟର ଯାହା ବି ବ୍ଲଗ୍‌ରେ ପୋଷ୍ଟ କରନ୍ତି ଏବଂ ଖବରକାଗଜରେ ପ୍ରକାଶନ କରନ୍ତି, ଏହା ଖବର ପ୍ରକାଶନର ନୈତିକତାକୁ ଆଧାର କରି ଉପସ୍ଥାପିତ ହେବା ଆବଶ୍ୟକ । ଉଦାହରଣ- ଯଦି ତୁମେ ହାର୍ଡ ନ୍ୟୁଜ୍ ପ୍ରକାଶନ କର, ତେବେ ଏଥିରେ ଗବେଷଣା ଦରକାର । କାରଣ ଏଥିରେ ସରକାରଙ୍କ ନୀତି , ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିଲେ ଲୋକେ ଏହାର ଉଦ୍ଦେଶ୍ୟତା ଉପରେ ପ୍ରଶ୍ନବାଚୀ କରିପାରନ୍ତି । ଏଣୁ ଏ ଦିଗରେ ଖବର ପ୍ରକାଶନ ପୂର୍ବରୁ ଧ୍ୟାନ ଦେବାକୁ ହେବ । ନିଜ ଲେଖା ପ୍ରତି ସତର୍କ ରହିବା ଆବଶ୍ୟକ, କାରଣ

ପ୍ରତିଟି ଲେଖା ସାଇବରରେ ଚିରସ୍ଥାୟୀଭାବେ ରହିବ । ଯେତେବେଳେ ୱେବ୍ ଅନ୍ୱେଷଣ କଲେ ଏହି ତଥ୍ୟର ସମସ୍ତ ବିଷୟ ଦେଖିହେବ । ଯଦି ତୁମ ଲେଖା ବିଦ୍ୱେଷ ପରାୟଣ, ଅପରିପକ୍ୱ ହୁଏ ଅଥବା ଯଦି ଲେଖା ଦ୍ୱାରା ଅଗ୍ନିବର୍ଷୀ ଯୁଦ୍ଧର ଆଭାସ ରହିଥାଏ, ତେବେ ଲେଖକ ନିଜ ଖ୍ୟାତି ଏବଂ ନୈତିକତା ହରାଇବାର ସମ୍ଭାବନା ରହିଥାଏ । ଏପରିକି ନିଜର ଗବେଷଣା ଏବଂ ଲେଖା ସଠିକ୍ ନ ରହିଲେ ନିଜ ଲେଖା ସପକ୍ଷରେ ଯୁକ୍ତିଯୁକ୍ତ ତଥ୍ୟ ବି ପାଇପାରିବେ ନାହିଁ । ଅନଲାଇନ ଗଣମାଧ୍ୟମରେ ପ୍ରକାଶ ପାଉଥିବା ପ୍ରତିଟି ଲେଖା ପ୍ରଭାବଶାଳୀ ରହିଥାଏ ଏବଂ ଏହା ସ୍ୱଳ୍ପ ସମୟରେ ବିସ୍ତୃତ ଜନଗହଳିଙ୍କ ପାଖରେ ପହଞ୍ଚିପାରିଥାଏ । ଏଣୁ ଏଥିରେ ଲେଖକଙ୍କ ସଚ୍ଚୋଟ ସାମ୍ବାଦିକତା ଏବଂ ନିରପେକ୍ଷତାକୁ ସୂଚାଇଥାଏ ।

## ୧.୫ ସାମ୍ବାଦିକତା ନୀତି ଏବଂ ମାନଦଣ୍ଡ

ସାମ୍ବାଦିକତା ନୀତି ଏବଂ ମାନଦଣ୍ଡର ଅନୁସରଣ ଯଥାର୍ଥଭାବେ ଆବଶ୍ୟକ । ଏହାର ପାଳନ ଦ୍ୱାରା ଅନେକ ସମୟରେ ସାମ୍ବାଦିକ ସାମ୍ନା କରୁଥିବା ସମସ୍ୟାର ସମାଧାନ ମିଳିଥାଏ । ଐତିହାସିକ ଯୁଗ ଏବଂ ବର୍ତ୍ତମାନ ସମୟରେ ସାମ୍ବାଦିକତା ପେସାରେ ଏଭଳି ନୀତିକୁ "କୋର୍ଡ ଅଫ୍ ଏଥିକ୍ସ" ଅଥବା "କେନନ୍‌ଅଫ୍ ଜର୍ଣ୍ଣାଲିଜିମ୍" ବୋଲି କୁହାଯାଏ । ସାଧାରଣ କୋର୍ଡ ଏବଂ ବ୍ୟବହୃତ କେନନ୍‌କୁ ସାମ୍ବାଦିକ ସଂଘ ଏବଂ ବ୍ୟକ୍ତିଗତ ଛାପା କାରଖାନା, ବ୍ରୋର୍ଡକାଷ୍ଟ ସଂସ୍ଥା ଏବଂ ଅନଲାଇନ୍ ନ୍ୟୁଜ୍ ସଂସ୍ଥା ଅନୁସରଣ କରି ତଦନୁଯାୟୀ କାର୍ଯ୍ୟଗ୍ରହଣ କରିଥାନ୍ତି । ସାମ୍ବାଦିକତାରେ ବ୍ୟବହୃତ ସମସ୍ତ କୋର୍ଡ ପରସ୍ପରଠୁଁ ଭିନ୍ନ ରହିଥାଏ । ସଠିକତା, ସତ୍ୟତା, ଉଦ୍ଦେଶ୍ୟ, ନିରପେକ୍ଷତା, ଜନସଂଖ୍ୟା ବା ଶ୍ରୋତାଙ୍କ ଗଣନା ଏସବୁ ଗୋଟିଏ ଅନ୍ୟଠୁଁ ଅଲଗା ରହିବ । ଏ ସବୁର ବ୍ୟବହାର ନ୍ୟୁଜ୍‌କୁ ଅଧିକ ପ୍ରଭାବଶାଳୀ କରିବାରେ ବ୍ୟବହାର କରାଯାଏ ଏବଂ ପରବର୍ତ୍ତୀ ସମୟରେ ଜନତାଙ୍କ ମଧ୍ୟରେ ଖବର ବିସ୍ତାର କରିବାରେ ସହାୟକ ହୁଏ ।

ସମସ୍ତ ଗଣମାଧ୍ୟମ ସଂସ୍ଥାର ନିଜର ନୀତି ରହିଛି । ମାତ୍ର ସବୁ ପରେ ବି ସାମ୍ବାଦିକତା ପେସାରେ ଅନ୍ୟକୁ ହାନି ନ ପହଞ୍ଚାଇବା ପାଇଁ କେତୋଟି ସୀମାରେଖା ରହିଛି "ଲିମିଟେସନ୍ ଅଫ୍ ହାର୍ମ" । ଏହାକୁ ପ୍ରତ୍ୟେକ ସଂସ୍ଥାକୁ ଅନୁସରଣ କରିବାକୁ ପଡିଥାଏ । ଯେତେବେଳେ ଦୁଷ୍କର୍ମରେ ଜଣେ ନାବାଳିକା ବା ମହିଳା ପୀଡିତ ହେଉଛନ୍ତି ତାଙ୍କ ନାମ ପ୍ରକାଶ ନ କରିବା, ଅନେକ ରିପୋର୍ଟରେ ସମସ୍ତ ତଥ୍ୟ ପରଦାକୁ ନ ଆଣିବା, ଆବଶ୍ୟକ ମୁତାବକ ତଥ୍ୟ ଜନତାଙ୍କ ସମ୍ମୁଖରେ ପ୍ରକାଶ କରିବା ଆଦି କେତେକ ସାଧାରଣ ନୀତି ପ୍ରତ୍ୟେକ ସାମ୍ବାଦିକ ସଂସ୍ଥା, ରିପୋର୍ଟର, ବ୍ୟକ୍ତିଗତ ଗଣମାଧ୍ୟମ ଅନଷ୍ଠାନକୁ ଅନୁସରଣ କରିବା ବିଧେୟ । କୌଣସି ବି ରିପୋର୍ଟ ଯେପରି କୌଣସି ବ୍ୟକ୍ତିବିଶେଷଙ୍କ ସମ୍ମାନହାନି ନ କରେ, ଦେଶ ବିରୁଦ୍ଧରେ ନ ହୁଏ ଏଥିପ୍ରତି ଧ୍ୟାନ ଦେବାକୁ ପଡିଥାଏ ।

ସାମ୍ବାଦିକ ନୀତିରେ ବେଳେବେଳେ ଭିନ୍ନତା ଦେଖାଦେଇଥାଏ । ବିଶେଷ କରି ୟୁରୋପୀୟ ଦେଶରେ ଦୁଷ୍କର୍ମ, ଶାରୀରିକ, ମାନସିକ ରୋଗରେ ପୀଡିତ ବ୍ୟକ୍ତିବିଶେଷ, ଜାତିପ୍ରଥା ଆଦି ବିଷୟରେ କୋର୍ଡ ଅଫ୍ ଏଥିକ୍ସ ଭିନ୍ନ ଭିନ୍ନ ରହିଥାଏ । ୧୯୯୩ ମସିହାରେ ୟୁରୋପୀୟ ଅଦାଲତର ୧୦୦୩ ନିୟମାନୁଯାୟୀ ଏହି ନିୟମରେ ପରିବର୍ତ୍ତନ ଅଣାଯାଇଛି । କୌଣସି ବି ସୂକ୍ଷ୍ମ ବିଷୟବସ୍ତୁ ଉପରେ ଭଲଭାବେ ବିଚାର

କରି ଆଇନ ଗ୍ରହଣ କରାଯିବ । ଆବଶ୍ୟକସ୍ଥଳେ ସବ୍ ଜୁଡିସିଆଲକୁ ବି ସ୍ଥାନିତ କରାଯାଇପାରିବ । କୌଣସି ବି ନିଷ୍ପତ୍ତି କାହାର ମାନସିକସ୍ତରରେ ଯେପରି ଆଘାତ ନ ଦିଏ ତାକୁ ଧ୍ୟାନ ଦିଆଯିବ ।

## ୧.୬ ନୈତିକ ସଙ୍କଟ

ସାମ୍ବାଦିକତାର ପ୍ରାଥମିକ ନୀତି ହେଉଛି ସମସ୍ତ ସାମ୍ବାଦିକଙ୍କ ସହ ହେଉଥିବା ନୈତିକ ସଙ୍କଟ ସହ ମୁକାବିଲା କରିବାରେ ସହାୟତା ପ୍ରଦାନ କରିବା । ସମସ୍ତଙ୍କ ମାନସିକସ୍ତରରେ ଗୋଟିଏ ଚିନ୍ତାଧାରା ରହିଥାଏ ଯେ, ସାମ୍ବାଦିକମାନେ ରାତ୍ର ଭୋଜନ ଗ୍ରହଣ, ମାଗଣା ଉପହାର ନେବା, ଗାଡିରେ ପ୍ରେସ୍ କାଗଜ ଲଗାଇ ବୁଲିବା ଏଭଳି କାର୍ଯ୍ୟରେ ଲିପ୍ତ ରହନ୍ତି । ମାତ୍ର ଲୋକଙ୍କ ଆବଶ୍ୟକତାକୁ ନଜରରେ ରଖି ରିପୋର୍ଟ ପ୍ରକାଶ, ଯାହା ଦର୍ଶକ ଜାଣିବା ଆବଶ୍ୟକ ତାକୁ ପ୍ରକାଶ କରିବା, ନିଜର ଗୁରୁତ୍ୱକୁ ପ୍ରତିପାଦନ ଇତ୍ୟାଦିକୁ ଧ୍ୟାନ ଦେବା ଆବଶ୍ୟକ । ବିବାଦକୁ ଭୟ ନ କରି ପ୍ରକାଶ କରିବା ଆବଶ୍ୟକ । ଏହା ସହ ଅନେକ ସମୟରେ କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ସୁସମ୍ପର୍କ ସ୍ଥାପନ , ସମ୍ପାଦକ, ରିପୋର୍ଟର, ପରିଚାଳନା କମିଟି ମଧ୍ୟରେ ତାଳମେଳ ରକ୍ଷା ଇତ୍ୟାଦିକୁ ଗୁରୁତ୍ୱ ଦେବାକୁ ପଡିଥାଏ । ଅନେକ ସମସ୍ୟା ମଧ୍ୟରେ ସାମ୍ବାଦିକ ନିଜ କାର୍ଯ୍ୟ ସମ୍ପାଦନ କରନ୍ତି । ନିମ୍ନରେ କେତେକ ଦୃଷ୍ଟାନ୍ତ ଦିଆଯାଇଛି । ବିଦେଶୀ ଖବରକାଗଜ ସଂସ୍ଥାର ସାମ୍ବାଦିକଙ୍କୁ ସରକାରଙ୍କ ହସ୍ତକ୍ଷେପ ସତ୍ତ୍ୱେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ ।

- ଅନ୍ତର୍ଜାତୀୟ ମିଡିଆ ଏଥିକ୍ସ , ଯାହାକି ଅନ୍ତର୍ଜାତୀୟ ମୁକ୍ତ ସଂସ୍ଥା , ଏଠାରେ "ପେସାଗତ ସାମ୍ବାଦିକଙ୍କୁ ଗଣମାଧ୍ୟମ ସଙ୍କଟ ଉପରେ ଶିକ୍ଷାଦାନ ଦିଆଯାଇଥାଏ" । ଏହାକୁ ବ୍ଲଗ୍ ମାଧ୍ୟମରେ ପ୍ରକାଶ କରାଯାଏ । ବର୍ତ୍ତମାନର କାହାଣୀ ଉପରେ ଗୁରୁତ୍ୱାରୋପ କରିବା ସହ ସମ୍ବାଦିକମାନେ ନିଜ ସମସ୍ୟା ଉପରେ ଆଲୋଚନା କରିଥାନ୍ତି । ଏଭଳି କାର୍ଯ୍ୟକ୍ରମ ସେମାନଙ୍କୁ ପ୍ରୋତ୍ସାହନ ଦେଇଥାଏ । ଏହି ସଂସ୍ଥା ସାମ୍ବାଦିକଙ୍କୁ ନିଜ ସମସ୍ୟା ଉପସ୍ଥାପନ କରିବା ସହ ନିଜର ମତାମତ ଦେବାର ସମ୍ପୂର୍ଣ୍ଣ ସାଧୀନତା ଦିଆଯାଇଥାଏ । ସମସ୍ୟାର ସାମାଧାନ ପାଇଁ ସାମ୍ବାଦିକଙ୍କ ଆଗାମୀ ରଣକୌଶଳ ଉପରେ ବି ପର୍ଯ୍ୟାଲୋଚନା ହୋଇଥାଏ ।
- ନୀତି ସର୍ବଦା ସାମ୍ବାଦିକଙ୍କୁ ଦୁଃସାହସିକ କାର୍ଯ୍ୟ , ଜନସେବା ନିମନ୍ତେ ପ୍ରୋତ୍ସାହନ ଯୋଗାଇଥାଏ । ପେସାଗତ ସାମ୍ବାଦିକଙ୍କ ନିମନ୍ତେ "ଚିକାଗୋ ହେଡଲାଇନ୍ କ୍ଲବ୍ ଚେପ୍ଟର" ଏବଂ ନୀତି ଓ ସାମାଜିକ ନ୍ୟାୟ ପାଇଁ "ଲୋୟେଲା ବିଶ୍ୱବିଦ୍ୟାଳୟ ଚିକାଗୋ" ସଙ୍କଟପୂର୍ଣ୍ଣ ଗଣମାଧ୍ୟମ ନୀତି, ସାମ୍ବାଦିକଙ୍କ ସମ୍ମୁଖରେ ଉଭା ହେଉଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଅନେକ ଉଦାହରଣ ଏବଂ ସମାଧାନ ଦର୍ଶାଇଛନ୍ତି । ଅନେକ ପେସାଦାର ସାମ୍ବାଦକ ନିଜ ଜୀବନକାଳରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏହାର ନୀତି ନିୟମ କ'ଣ ରହିଛି ଏବଂ ସମାଧାନ ପନ୍ଥା କ'ଣ ଏସବୁ ଉପରେ ଆଲୋଚନା କରାଯାଇଛି ।

### ୧.୬.୧ ନୈତିକ ସଙ୍କଟର ସମାଧାନ

ଗଣମାଧ୍ୟମର "କୋଡ୍ ଅଫ୍ ଏଥିକ୍ସ" ୧୯୪୭ ମସିହାରେ **ହଚିନ୍ସ କମିସନ**ର ମତାମତ ଅନୁଯାୟୀ ଏହି ନିୟମ ଗଠିତ ହୋଇଥିଲା । ଖବରକାଗଜ, ପ୍ରସାରଣ କେନ୍ଦ୍ର ଏବଂ ସାମ୍ବାଦିକଙ୍କୁ ସମସ୍ତ ନୀତି ନିୟମ

ଅନୁଯାୟୀ କାମ କରିବା ଆବଶ୍ୟକ । କାରଣ ସମ୍ବାଦ ପ୍ରକାଶନର ସମସ୍ତ ଦାୟିତ୍ୱ ଏମାନଙ୍କ ଉପରେ ରହିଥାଏ । ଏହାର ଫଳାଫଳ ବି ସମସ୍ତଙ୍କ କାର୍ଯ୍ୟ ଉପରେ ନିର୍ଭର କରିଥାଏ ।

### ୧.୬.୨ ପ୍ରକୃତ ନିୟମାବଳୀ

ସାମ୍ବାଦିକ ନୀତି ଷ୍ଟାଉଭାର , ଲାରୋଜ୍ ଓ ଡାଭେନ ପୋର୍ଟ ନାମକ ଦୁଇ ପ୍ରମୁଖଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଛି । ଏହାର ପ୍ରଥମ ନିୟମ ହେଉଛି , ଯେ କେହି ବି ସ୍ୱାଧୀନତାର ସ୍ୱାଦ ପାଉଛନ୍ତି, ସେ ପେସାଗତ ସାମ୍ବାଦିକ ବି ହୁଅନ୍ତୁ, ନିଜର ସମାଜ ପ୍ରତି ଆଇନମୁତାବକ କାର୍ଯ୍ୟ ବାଧ୍ୟତାମୂଳକ ରହିଛି । ତଦନୁଯାୟୀ ଶକ୍ତି ପ୍ରୟୋଗର ଦାୟିତ୍ୱ ବି ରହିଛି । ଏହି ନିୟମାବଳୀ ଦ୍ୱାରା ଶକ୍ତିଶାଳୀ ଦାୟିତ୍ୱରେ ଥିବା ବ୍ୟକ୍ତି ବିନା ଦ୍ୱିଧାରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରିବେ । ଯଦିବା କୌଣସି ପେସାରେ ସେମାନେ ନ ଥାନ୍ତି ତଥାପି ସାଧାରଣ ଜନତା ହିସାବରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିପାରିବେ । ଯେଉଁ ବ୍ୟକ୍ତି ଅଧିକ ଗଣମାଧମ କୈନ୍ଦ୍ରିକ ସେମାନେ ଶକ୍ତିର ଦୁରୁପଯୋଗ କରନ୍ତି ନାହିଁ । ଦ୍ୱିତୀୟ ନିୟମ ହେଉଛି ସମାଜର କଲ୍ୟାଣ , ବ୍ୟକ୍ତିଗତ ଉନ୍ନତି ଏବଂ ଅଧିକାରଠୁଁ ବି ସମାଜର ସାର୍ବଭୌମତ୍ୱ ଗୁରୁତ୍ୱପୂର୍ଣ୍ଣ । ଅନ୍ୟତ୍ର ସମାଜରେ କିଛି ବ୍ୟକ୍ତିବିଶେଷଙ୍କ ଚରିତ୍ର ଏବଂ ଭାବଭଙ୍ଗୀ ବି ଆଶାନୁରୂପ ନୁହେଁ । ଯାହା ସମାଜରେ କୁପ୍ରଭାବ ପକାଇଥାଏ ।

ଗଣମାଧମ ନିମନ୍ତେ ହଚିନ୍ସ କମିସନ୍ ଆଉ ପାଞ୍ଚୋଟି ନିୟମ ପ୍ରଣୟନ କରିଥିଲେ ।

୧. ସଦ୍ୟ ଆବଶ୍ୟକୀୟ ନ୍ୟୁଜ୍, ସଠିକ୍ ଏବଂ ମତାମତରୁ ଦୂରରେ ରହିଥିବ ।

୨. ମତାମତ ଏବଂ କଟାକ୍ଷ ନିମନ୍ତେ ପ୍ରସାରଣର ମାଧମ ସ୍ଥିର କରିବା ସହ ଯେପରି ଅଧିକରୁ ଅଧିକ ମତାମତ ମିଳିବ ସେଥିପ୍ରତି ଧ୍ୟାନ ଦେବା ।

୩. "ପ୍ରୋଜେକ୍ଟ" ସାମଜର ନିର୍ବାଚନ ଦଳର ପ୍ରତିନିଧି, ଯିଏକି ଧରାବନ୍ଧା ନିୟମକୁ ପ୍ରତିହତ କରି ସଂଖ୍ୟାଲଘୁ ଚୟନ ଦ୍ୱାରା ନିର୍ବାଚିତ ହେବେ ।

୪. ସମାଜର ଲକ୍ଷ୍ୟ ଏବଂ ଗୁରୁତ୍ୱକୁ ବର୍ଣ୍ଣନା କରିବା , ଭିତିରିଆ ଆପତ୍ତିରେ ସଂଖ୍ୟାଲଘୁଙ୍କୁ ସନ୍ତୁଷ୍ଟ କରିବା ଅନୁଚିତ୍ ।

୫. ସମାଜ ବିଷୟରେ ଜାଣିଥିବା ତଥ୍ୟକୁ ଭଲଭାବେ ବର୍ଣ୍ଣନା ସହ ରିପୋର୍ଟ କରିବା ।

ଏ ସମସ୍ତ ନିୟମାବଳୀ ଗଣମାଧମ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ । କାରଣ ସବୁଆଡକୁ ସମାନ୍ତରାଳଭାବେ ଧ୍ୟାନ ଦେଇ ଖବର ପ୍ରକାଶନ କରିବା, ସାଧାରଣ ତଥ୍ୟ ସାମ୍ନାକୁ ଆଣିବା ଗଣମାଧମ ସଂସ୍ଥାର କାର୍ଯ୍ୟ । ଏଥିରେ ଜନତା କିପରି ଖବର ଜାଣି ନିଜର ମତାମତ ଦେବାକୁ ଆଗଭର ହେବେ ତାକୁ ଧ୍ୟାନ ଦେବା ଆବଶ୍ୟକ ।

ପେସାଗତ ସାମ୍ବାଦିକ ଏସବୁ ନିୟମାବଳୀ ଅନୁସରଣ କରି ଖବର ପ୍ରକାଶନ ନିମନ୍ତେ, ଏସବୁ ନିୟମାବଳୀ ନିର୍ଦ୍ଧାରିତ ହୋଇଛି । ଯାହାର ନୂତନ ସଂସ୍କରଣ ୧୯୯୬ ମସିହାରେ ପୁନର୍ବାର ହୋଇଛି । ବର୍ତ୍ତମାନ ସମସ୍ତ ସାମ୍ବାଦିକ ଏହାକୁ ମାନି କାର୍ଯ୍ୟ କରୁଛନ୍ତି ।

## ୧.୭ ପେସାଗତ ସାମ୍ବାଦିକଙ୍କ ସମ୍ପ୍ରଦାୟ – କୋଡ୍ ଅଫ୍ ଏଥିକ୍ସ

ପେସାଗତ ସାମ୍ବାଦିକଙ୍କ ସମ୍ପ୍ରଦାୟ ନିଜର କାର୍ଯ୍ୟପନ୍ଥାକୁ ଅଧିକ ପ୍ରଭାବଶାଳୀ ଏବଂ ସଳଖ କରିବା ପାଇଁ "କୋଡ୍ ଅଫ୍ ଏଥିକ୍ସ"ର ପ୍ରୟୋଜନ କରିଛନ୍ତି । ଏହି ନିୟମାବଳୀର ମୂଳମନ୍ତ୍ର ହେଉଛି ସତ୍ୟର ଅନ୍ୱେଷଣ ଏବଂ ଏହାର ରିପୋର୍ଟ ପ୍ରସ୍ତୁତ । ଆହୁରି ମଧ୍ୟ ଏ କୋଡ୍‌ରେ ନିର୍ଦ୍ଧାରିତ ହୋଇଛି, ସାମ୍ବାଦିକ ସର୍ବଦା ସାଧୁ, ସତ୍ୟବାଦୀ, ରିପୋର୍ଟ ସଂଗ୍ରହ ଦିଗରେ ଆଗ୍ରହୀ ବା ଉତ୍ସୁକ ଏବଂ ତଥ୍ୟ ସଂଗ୍ରହରେ ତତ୍ପର ରହିବା ଆବଶ୍ୟକ ।

- ନିଜର ସଂଗୃହିତ ତଥ୍ୟର ସତ୍ୟତା ସମସ୍ତ ଦିଗରୁ ଯାଞ୍ଚ କରିବା ଆବଶ୍ୟକ ଏବଂ ଅନିଚ୍ଛାକୃତ ତ୍ରୁଟିକୁ ବାରଣ କରିବାକୁ ହୁଏ । ଉଦ୍ଦେଶ୍ୟମୂଳକ ବିକୃତିକରଣକୁ ପ୍ରଶ୍ରୟ ଯେପରି ଦିଆ ନ ଯାଏ ସେଥିପ୍ରତି ଧ୍ୟାନ ଦେବାକୁ ହୁଏ ।
- ତତ୍ପରତାପୂର୍ବକ କୌଣସି ଭୁଲ ନ୍ୟୁଜ୍ ରିପୋର୍ଟ କରି ଅଭିଯୋଗର ଅବସର ଦେବା ଅନୁଚିତ୍ ।
- ନ୍ୟୁଜର ଉତ୍ସ ସମ୍ଭବପର ହେଲେ ପ୍ରକାଶ କରାଯିବ । ଜନତାଙ୍କୁ ସର୍ବଦା ନିର୍ଭରଯୋଗ୍ୟ କରିବାକୁ ଉତ୍ସର ସତ୍ୟତା ପ୍ରତିପାଦନ କରିବାକୁ ହୋଇଥାଏ ।
- ନାମକୁ ଉନ୍ମୋଚନ କରିବା ପୂର୍ବରୁ, ସର୍ବଦା ନ୍ୟୁଜ୍‌ର ଉତ୍ସକୁ ନେଇ ପ୍ରଶ୍ନ ଉଠେ । ଯଦି ଉତ୍ସର ନାମ ପ୍ରକାଶ କରିବାରେ ସମସ୍ୟା ରହିଥାଏ ବା ଏହାକୁ ଗୋପନୀୟ ରଖିବାର ହୁଏ ଏହାକୁ ଜନସମ୍ମୁଖରେ ପ୍ରକାଶ କରିବା ଅନାବଶ୍ୟକ । କାରଣ ଯଦି ତୁମେ ପ୍ରତିଶ୍ରୁତିବଦ୍ଧ ଯେ, ନାମ ଗୋପନୀୟ ରହିବ ତେବେ ଏଥିରୁ ଓହରିବା ଠିକ୍ ନୁହେଁ ।
- ଶିରୋନାମା, ନ୍ୟୁଜ୍ ଟିଜେସ୍, ଫଟୋଚିତ୍ର, ଅଡିଓ, ଭିଡିଓର ସମ୍ପ୍ରସାରଣ ସମୟରେ ଗ୍ରାଫିକ୍ସ, ସାଉଣ୍ଡ ବାଇଟ୍ ଏବଂ ଉଦ୍ଧୃତ ପରିବେଷଣରେ ଯେପରି ତ୍ରୁଟି ନରୁହେ ସେଥିପ୍ରତି ଧ୍ୟାନ ଦେବାକୁ ପଡିବ । ଏଣୁତେଣୁ ପ୍ରକାଶନ ଅଥବା ଶିରୋନାମା ବାହାରୁ କୌଣସି ତଥ୍ୟ ପ୍ରକାଶ ଯେପରି ନ ହୁଏ ଧ୍ୟାନ ଦେବାକୁ ପଡିବ ।
- ନ୍ୟୁଜ୍ ସମ୍ବନ୍ଧିତ ଫଟୋଚିତ୍ର କିମ୍ବା ଭିଡିଓକୁ ଅନାବଶ୍ୟକ ଭାବେ ବିକୃତ କରିବା ଅନିର୍ବାର୍ଯ୍ୟ । ଆବଶ୍ୟକସ୍ଥଳେ କାରଣ ବଶତଃ ଉନ୍ନତ ଫଟୋଚିତ୍ର ନିମନ୍ତେ ବୈଷୟିକଶୈଳୀରେ ପରିବର୍ତ୍ତନ ପାଇଁ ସ୍ୱୀକୃତି ମିଳିଥାଏ । ଏହାର ଭାବ ସମାନ ରହିବା ସହ ଫଟୋଚିତ୍ର ଦୃଷ୍ଟାନ୍ତମୂଳକ ହେବା ଆବଶ୍ୟକ ।
- ଆଇନଗତ ତ୍ରୁଟିପୂର୍ଣ୍ଣ ଶିରୋନାମା ବ୍ୟବହାର ହ୍ରାସ କରିବା ଅଥବା ନ୍ୟୁଜ୍‌ର ସ୍ତର ନିର୍ଣ୍ଣୟ କରିବା । ଯଦି ବେଆଇନ ହେଲେ ବି କାହାଣୀ ନିମନ୍ତେ ଏଭଳି ରିପୋର୍ଟ ପାଇଁ ଲେଖା ଯଥାର୍ଥ ତେବେ ଏହାକୁ ସଠିକ୍ ଭାବେ ପ୍ରକାଶ କରିବା ଆବଶ୍ୟକ ।
- ବିବିଧତା ଏବଂ ମନୁଷ୍ୟର ଅନୁଭୂତିର ପରିଣାମସ୍ୱରୂପ କାହାଣୀକୁ ପ୍ରକାଶ କର । ଯଦିବା ଏହା ଅଧିକ ଲୋକପ୍ରିୟ ନ ହୁଏ ।

- ସେମାନଙ୍କ ସଂସ୍କୃତିକୁ ପରୀକ୍ଷା କର ଏବଂ ଏହା ଯେପରି ଅନ୍ୟ କୌଣସି ମାଧମରେ ବାଧାପ୍ରାପ୍ତ ନ ହୁଏ ସେଥିପ୍ରତି ଧ୍ୟାନ ଦିଅ ।
- ଲିଙ୍ଗ, ବୟସ, ସମ୍ପ୍ରଦାୟ, ମାନବ ଜାତୀୟତାବାଦ, ଭୌଗୋଳିକ, ଯୌନ ଅଭିମୁଖୀକରଣ, ଅସାମର୍ଥ୍ୟ, ଶାରୀରିକ ସମସ୍ୟା ଏସବୁ ଧରାବନ୍ଧା ନିୟମରୁ ବିଚ୍ୟୁତ ହେବା ଆବଶ୍ୟକ ।
- ଖୋଲାଖୋଲି ମତପ୍ରକାଶକୁ ସମର୍ଥନ ଜଣାଇବା, ଯଦିବା ସେ ମତ କଟୁ ସମାଲୋଚନା ବି ହୋଇଥାଉନା କାହିଁକି । ମୂକର ମତପ୍ରକାଶର ମାଧମ ହେବାକୁ ଚେଷ୍ଟା କରିବା ସହ ଅଫିସିଆଲ , ଅନଅଫିସିଆଲ ମତାମତକୁ ସମାନ ଉଦ୍ଦେଶ୍ୟମୂଳକ ଭାବରେ ପ୍ରକାଶ କରିବା ଆବଶ୍ୟକ । ପକ୍ଷ ପୋଷଣ ଏବଂ ନ୍ୟୁଜ୍ ରିପୋର୍ଟିଂକୁ ସମ୍ପୂର୍ଣ୍ଣରୂପେ ଅଲଗାଭାବେ ପ୍ରକାଶନ କରିବା ଆବଶ୍ୟକ । ତର୍ଜମା ଏବଂ ବଚନ ଏ ଦୁଇଟି ସଠିକ୍ ରୂପରେ ପ୍ରତିପାଦିତ ହେବ । ଏହା ତଥ୍ୟ କିମ୍ବା ବିଷୟକୁ ଯେପରି ପ୍ରଭାବ ନ ପକାଏ ଧ୍ୟାନ ଦେବାକୁ ହୋଇଥାଏ ।
- ବିଜ୍ଞାପନ ଏବଂ ସନ୍ ହାଇବ୍ରିଡରୁ ନ୍ୟୁଜ୍‌କୁ ମୁକ୍ତ ରଖିବା ଉଚିତ୍ ।
- ଜନତାଙ୍କ ବଜାର ବ୍ୟବସାୟ ଖୋଲାଖୋଲି ହୋଇଥାଏ । ଏଥିପାଇଁ ଏହାକୁ ଚିହ୍ନ ଏବଂ ସରକାରୀସ୍ତରରେ ସ୍ୱତନ୍ତ୍ର ଆଇନଗତ ବାଧ୍ୟତା ବୋଲି ଦର୍ଶାଇବା ଉଚିତ୍ । ଏହା ସହ ସରକାରୀ ତଥ୍ୟ ରେକର୍ଡ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିବ ।

### ୧.୭.୧ ମିନିମାଇଜ୍ ହାର୍ମ (ସର୍ବନିମ୍ନ କ୍ଷତି)

ନୈତିକତାବାଦ ସାମ୍ବାଦିକ ସମ୍ବାଦର ମୂଳଉତ୍ସ, ରିପୋର୍ଟ ଏବଂ ସମସ୍ତ କର୍ମଚାରୀଙ୍କୁ ମାନବିକତା ସହକାରେ ସମ୍ମାନ ଦେଇଥାନ୍ତି । ସାମ୍ବାଦିକଙ୍କୁ ନିମ୍ନୋକ୍ତ ଭାବମୂର୍ତ୍ତୀର ହେବା ଆବଶ୍ୟକ –

- କରୁଣ ବ୍ୟକ୍ତିଙ୍କୁ କ୍ଷତି ନ ପହଞ୍ଚାଇଲା ଭଳି ପ୍ରତିକୂଳ ନ୍ୟୁଜ୍‌କୁ ପ୍ରକାଶ କରିବା ଆବଶ୍ୟକ । ଶିଶୁ ତଥା ଅନଭିଜ୍ଞ ଉତ୍ସରୁ ଖବର ସଂଗ୍ରହ ସମୟରେ ରିପୋର୍ଟକୁ ସମ୍ବେଦନଶୀଳଭାବେ ଉପସ୍ଥାପନ କରିବା ଆବଶ୍ୟକ ।
- ବିୟୋଗାନ୍ତକ ତଥା ଦୁଃଖଭରା କାହାଣୀର ସାକ୍ଷାତକାର ଅଥବା ଫଟୋଚିତ୍ର ସମ୍ବେଦନଶୀଳ ଭାବେ ଉପସ୍ଥାପନ କରିବା ଆବଶ୍ୟକ ।
- ନିଶ୍ଚିତ ହେବା ଆବଶ୍ୟକ ଯେ, ଏଭଳି ସ୍ଥାନରେ ରୁଣ୍ଡ ହେବା ଏବଂ ରିପୋର୍ଟିଂ କରିବା ହୁଏତ ଅସୁବିଧା କିମ୍ବା ଅଶାଳୀନ ନ ଲାଗୁ । ନ୍ୟୁଜ୍‌ର ଖୋଳତାଡ କ୍ରୁରତାର ଅଧୀନସ୍ଥ ଯେମିତି ନ ହେଉ ।
- ବେସରକାରୀସ୍ତରରେ ଜନତାଙ୍କ ହାତରେ ତଥ୍ୟ ସମ୍ଭାଳିବାର ଅଧୀକାର ରହିଥାଏ । ଯେଉଁମାନେ ଉଚ୍ଚପଦସ୍ଥ, ଶକ୍ତିଶାଳୀ କିମ୍ବା କାହାର ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କରନ୍ତି ।

- ଭଲ ଖବରକୁ ଚୟନ କର । ରଙ୍ଗବେରଙ୍ଗୀ ନ୍ୟୁଜ୍ ମାଧ୍ୟମରେ ଲୋକଙ୍କ ଉତ୍ସୁକତା ବଢାଇବାକୁ ବିରୋଧ କର ।
- ଯୌନ ନିର୍ଯାତିତ ଅଥବା ତରୁଣ ଅପରାଧୀଙ୍କ ରିପୋର୍ଟ ସଂଗ୍ରହ ସମୟରେ ସାବଧାନତା ବଜାୟ ରଖିବା ଆବଶ୍ୟକ ।
- ଦୋଷୀ ବିଚାର ପୂର୍ବରୁ ନାମ ଉନ୍ମୋଚନ ଯଥାର୍ଥ ନୁହେଁ ।
- ଦୋଷୀର ମତ ସହ ଜନମତକୁ ସମାନଭାବେ ବିଚାର କରି ରିପୋର୍ଟ ପ୍ରସ୍ତୁତ କରିବା ଆବଶ୍ୟକ ।

## ୧.୭.୨ ସ୍ୱାଧୀନ ଅଧିନିୟମ

ଆଇନଗତ ବାଧତାରୁ ଓହରି ଜନତାଙ୍କ ଆବଶ୍ୟକତା ଅନୁଯାୟୀ ସାମ୍ବାଦିକ ନିଜର ରିପୋର୍ଟ ପ୍ରସ୍ତୁତ କରିବା ଆବଶ୍ୟକ । ଏମାନଙ୍କ ପାଇଁ ନିମ୍ନୋକ୍ତ କାର୍ଯ୍ୟାବଳୀ ଯଥାର୍ଥ ଅଟେ ।

- ବିବାଦ ପୂର୍ଣ୍ଣ ଇଚ୍ଛାକୁ ପ୍ରତିହତ କରି ପ୍ରକୃତ ତଥ୍ୟକୁ ଉପଲବ୍ଧି କର
- ସ୍ୱାଧୀନ ହୋଇ ସଂସ୍ଥା ସହ କାମ କର ଏବଂ ସଚ୍ଚୋଟତା ଅଥବା ବିଶ୍ୱାସକୁ କ୍ଷତି ପହଞ୍ଚାଇବା ଭଳି ଆପୋଷ ସମାଧାନ ଆବଶ୍ୟକ ହୋଇପାରେ
- ଉପହାର, ଫି', ବାଟ ଖର୍ଚ୍ଚ, ସ୍ୱତନ୍ତ୍ର ଚର୍ଚ୍ଚା, କର୍ମଚାରୀଙ୍କ ଅନ୍ୟାନ୍ୟ ଉପହାର ପରିହାର କରିବା, ରାଜନୈତିକ ଅନୁପ୍ରବେଶରୁ ଦୂରେଇ ରହିବା, ଅଫିସ ଏବଂ କମ୍ୟୁନିଟି ସଂସ୍ଥା ସାମ୍ବାଦିକୀୟରେ ସୁଖ୍ୟାତି ଏସବୁରୁ ଦୂରେଇ ରହିବେ
- ଅପରିହାର୍ଯ୍ୟ ବିବାଦକୁ ପ୍ରକଶ କରିପାରିବା
- ଶକ୍ତିଶାଳୀ ବ୍ୟକ୍ତିଙ୍କ ରିପୋର୍ଟ ସମୟରେ ସାବଧାନ ଏବଂ ନିର୍ଭୀକ ରୁହନ୍ତୁ
- ବିଜ୍ଞାପନଦାତାଙ୍କଠୁଁ ଦୂରରେ ରହିବା ସହ ତାଙ୍କ ପ୍ରଲୋଭନରେ ନ ପଡିଲେ ଭଲ
- ତଥ୍ୟ ସଂଗ୍ରହ ନିମନ୍ତେ ଥିବା ଉତ୍ସ ଯଦି ଟଙ୍କା ବା ଅନ୍ୟାନ୍ୟ ସହାୟତା ଦିଅନ୍ତି ଏଥିରୁ ନ୍ୟୁଜ୍ ରିପୋର୍ଟକୁ ବାଦ୍ ଦେବା ହିଁ ଯଥାର୍ଥ । ନ୍ୟୁଜ୍‌ର ନିଲାମ କେବେ ବି କରିବେ ନାହିଁ

## ୧.୭.୩ ଦାୟିତ୍ୱାଧୀନ ହେବା

ସାମ୍ବାଦିକ ନିଜ ପାଠକ, ଶ୍ରୋତା, ଦର୍ଶକ ଏବଂ ସମସ୍ତଙ୍କ ପାଇଁ ଦାୟିତ୍ୱାଧୀନ ରହନ୍ତି । ସାମ୍ବାଦିକଙ୍କୁ ନିମ୍ନୋକ୍ତ କାର୍ଯ୍ୟପ୍ରଣାଳୀ କରିବାକୁ ହୋଇଥାଏ ।

- ନ୍ୟୁଜ୍ ସଂଗ୍ରହ ଏବଂ ପ୍ରାଞ୍ଜଳ କରି ରିପୋର୍ଟ କରିବା ଓ ଜନତାଙ୍କ ମତାମତ ସହ ପ୍ରକାଶନ କରିବା ସାମ୍ବାଦିକଙ୍କ କାର୍ଯ୍ୟ
- ଗଣମାଧ୍ୟମରେ ପ୍ରସାରିତ ନ୍ୟୁଜ୍ ପାଇଁ ଅଭିଯୋଗକାରୀଙ୍କ ବିପକ୍ଷରେ ଜନତା ମତାମତ ଦେବାକୁ ପ୍ରୋତ୍ସାହିତ କରିବା
- ତ୍ରୁଟିକୁ ଜାଣି ତଦନୁଯାୟୀ ସଂଶୋଧନ କରିବା
- ସାମ୍ବାଦିକ ଏବଂ ଗଣମାଧ୍ୟମର ନ୍ୟୁଜ୍ ରିପୋର୍ଟର ଅନୈତିକ ଅଭ୍ୟାସକୁ ଦର୍ଶାଇବା

• ଅନ୍ୟ ସଂସ୍ଥା ପରି ଉଚ୍ଚ ସ୍ତରୀୟ ପ୍ରକାଶନ ପାଇଁ ପ୍ରତିଶୃତି ବଦ୍ଧ ରହିବା

ଏ ସମସ୍ତ ନିୟମାବଳୀ ହେଉଛି ଉତ୍କୃଷ୍ଟ ପ୍ରକାଶନ ଏବଂ ସମୃଦ୍ଧ ଗଣମାଧମ ପରିଚାଳନାର ମାର୍ଗଦର୍ଶକ ।

## ୧.୮ ଆସ ପ୍ରଗତି ମାପିବା

୧.୧ ସାମ୍ବାଦିକତା ନୀତି କହିଲେ କ'ଣ ବୁଝ ?

........................................................................................................

........................................................................................................

........................................................................................................

୧.୨ ନ୍ୟୁଜ୍ ପେପର କିପରି ପାଠକଙ୍କ ବିଶ୍ୱସ୍ତ ହୋଇପାରିବ ?

........................................................................................................

........................................................................................................

........................................................................................................

୧.୩ ବିବାଦୀୟ ଇଚ୍ଛା କହିଲେ କ'ଣ ବୁଝ ?

........................................................................................................

........................................................................................................

........................................................................................................

୧.୪ ଗଣମାଧମ ସଙ୍କଟ କହିଲେ କ'ଣ ବୁଝ ?

........................................................................................................

........................................................................................................

........................................................................................................

# ୟୁନିଟ-୨: ବ୍ୟକ୍ତିଗତ ଗୋପନୀୟତା ଅଧିକାର


୨.୦ ବିଷୟ ଗଠନ

୨.୧ ପଠନର ଉଦ୍ଦେଶ୍ୟ

୨.୨ ଉପକ୍ରମ

୨.୩ ବ୍ୟକ୍ତିଗତ ଗୋପନୀୟତା ଅଧିକାର

୨.୪ ଷ୍ଟିଙ୍ଗ୍ ସାମ୍ବାଦିକତା

୨.୫ କାମଳ (ୟେଲୋ) ସାମ୍ବାଦିକତା

୨.୬ ପେଡ୍ ନ୍ୟୁଜ୍

୨.୭ ମିଡିଆ ନେଟ୍ ଓ ବେସରକାରୀ ଆଚରଣ

୨.୮ ଆସ ପ୍ରଗତି ମାପିବା


## ୨.୧ ପଠନର ଉଦ୍ଦେଶ୍ୟ

ଏହି ବିଭାଗରେ ଆମେ ସାମ୍ବାଦିକତା ଏବଂ ଗୋପାନୀୟତା ସମ୍ପର୍କରେ ଥିବା ନୈତିକ ସମସ୍ୟା ଉପରେ ଆଲୋଚନା କରିବା । ଗଣମାଧମରେ ଥିବା ଅନ୍ୟାନ୍ୟ ସମସ୍ୟା ଯେପରିକି ପେଡ୍ ନ୍ୟୁଜ୍, ଗଣମାଧମ ନେଟ୍ ଏବଂ ଅନ୍ୟାନ୍ୟ ସମସ୍ୟା ଉପରେ ବି ଆଲୋଚନା କରିବା । ବିଭାଗର ଶେଷରେ ଛାତ୍ରଛାତ୍ରୀ ନିମ୍ନୋକ୍ତ ବିଷୟ ଉପରେ ଜ୍ଞାନ ଆହରଣ କରିପାରିବେ-

- ଗୋପନୀୟତା ଏବଂ ନୈତିକ ସମସ୍ୟା ଉପରେ ଭିନ୍ନ ଭିନ୍ନ ସ୍ତରର ଜ୍ଞାନ
- ଅନୈତିକ ସାମ୍ବାଦିକତା ଅଭ୍ୟାସ

## ୨.୨ ଉପକ୍ରମ

ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ ସାଧୀନତା ଅଧିକାର ରହିଛି । ଗୋପାନୀୟତା ହେଉଛି ଜଣଙ୍କ ବ୍ୟକ୍ତିଗତ ଜୀବନରେ ଅନଧିକାର ପ୍ରବେଶକୁ ରୋକିବା । ଏହା ବ୍ୟକ୍ତିଗତ ସାୟତ୍ତତାକୁ ସୂଚାଏ , ଏଥିରେ ବ୍ୟକ୍ତିଙ୍କ ନିଜ ଜୀବନ ଉପରେ ଆୟତ୍ତ ରହିବା ସହ ବ୍ୟକ୍ତିଗତ ତଥ୍ୟ ଗୋପନୀୟ ରହିଥାଏ । ଏହା ଏକ ସଂସ୍ଥା ଅଥବା ଦଳର କ୍ଷମତା ବ୍ୟକ୍ତିଙ୍କ ବିଷୟରେ ତଥ୍ୟ ସଂଗ୍ରହ କରି ଚୟନ ମୁତାବକ ତଥ୍ୟ ଉନ୍ମୋଚନ କରିବା । ମାନଦଣ୍ଡ ଅନୁଯାୟୀ ଅନୁସନ୍ଧାନ ସାମ୍ବାଦିକତାରେ "ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ" କହନ୍ତି, ଗଣ୍ୟମାନ ବ୍ୟକ୍ତି ହୁଅନ୍ତୁ ନା କାହିଁ ତାଙ୍କର ବି ବ୍ୟକ୍ତିଗତ ଜୀବନ ରହିଛି । ତାଙ୍କ ବ୍ୟକ୍ତିଗତ ଜୀବନକୁ ସମସ୍ତଙ୍କ ସମ୍ମୁଖକୁ ଆଣିବା ବା କୌଣସି ଆକ୍ରମଣାତ୍ମକ ପଦକ୍ଷେପ ନେବା ଗ୍ରହଣୀୟ ନୁହେଁ । ନଚେତ୍ ଭୁଲ୍ ପଦକ୍ଷେପର ଅଭିଯୋଗ ସହ ଅନେକ ପ୍ରଶ୍ନ ବି ଉଠିପାରେ । ଜଣଙ୍କ ସମ୍ମାନରେ ହାନି ପହଞ୍ଚାଇବା ସହ ତାଙ୍କ ଶକ୍ତିର ଦୂରୁପଯୋଗ ଏବଂ ଲୋକଙ୍କ ଉପରେ ଏନେଇ ଖରାପ ପ୍ରଭାବ ପକାଇବା ଭଳି ଅଭିଯୋଗ ଆସିଥାଏ ।

ବର୍ତ୍ତମାନ ପରିସ୍ଥିତିରେ ବ୍ୟକ୍ତିଗତ ହସ୍ତକ୍ଷେପ ଉପରେ କୌଣସି ଦଣ୍ଡ ବିଧାନ ନାହିଁ । ବ୍ୟକ୍ତିଗତ ଗୋପନୀୟତା ଅଧିକାର କହିଲେ ଆମେ ଧରିନେଉ ଦୁଇଟି ସାଧାରଣ ଅଧିକାର, ସମ୍ବିଧାନ ଧାରା ୧୯ରେ ଥିବା ଆଇନଗତ ସ୍ୱାଧୀନତା ଅଧିକାର ଏବଂ ଧାରା ୨୧ ରେ ଥିବା ସ୍ୱାଧୀନଭାବେ ଜୀବନ ଜିଇଁବା ଅଧିକାର ।

ଯଦିଓ ଗୋପନୀୟତା ବ୍ୟକ୍ତିଗତ ଜୀବନରେ ଗୁରୁତ୍ୱପୂର୍ଣ୍ଣ, ତଥାପି ସାମ୍ବାଦିକ ଜଣଙ୍କ ବ୍ୟକ୍ତିଗତ ଗୋପନୀୟତା ଉପରେ ରିପୋର୍ଟ କରିଥାନ୍ତି । କେତେକ ସମୟରେ ବ୍ୟକ୍ତିଗତ ଗୋପନୀୟତା ଉପରେ ଆକ୍ରମଣ ସାମ୍ବାଦିକଙ୍କ ପକ୍ଷେ ଗୁରୁତ୍ୱପୂର୍ଣ୍ଣ ହୋଇପଡେ । ଏସବୁ ବ୍ୟକ୍ତିଗତ ତଥ୍ୟକୁ ନେଇ ଅନେକ ତର୍ଜମା କରିବାକୁ ହୋଇଥାଏ । ଏହିଭଳି ସମୟରେ ସାମ୍ବାଦିକଙ୍କୁ ପେସାଗତ ସଙ୍କଟର ସମ୍ମୁଖୀନ ବି ହେବାକୁ ପଡିଥାଏ । ଏହି ବିଭାଗରେ ବ୍ୟକ୍ତିଗତ ଗୋପନୀୟତାକୁ ନେଇ ଥିବା ନୈତିକ ସମସ୍ୟା ଉପରେ ଆଲୋଚନା କରିବା ।

## ୨.୩ ବ୍ୟକ୍ତିଗତ ଗୋପନୀୟତା ଅଧିକାର

ଗଣମାଧମ ନଜରରେ ଅନେକ ଅଭିଯୋଗ ରହିଛି ଯେ, ଅନେକଙ୍କ ବ୍ୟକ୍ତିଗତ ଗୋପନୀୟତା କ୍ଷୁର୍ଣ୍ଣ ହେବାର ମୁଖ୍ୟ କାରଣ ହେଉଛି ଗଣମାଧମରେ ସେମାନଙ୍କ ବ୍ୟକ୍ତିଗତ ଖବର ଉପସ୍ଥାପନ । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଜାଣିବାକୁ ଜନତାଙ୍କ ଉତ୍ସାହ ରହିଥାଏ ଏବଂ ଏହା ତାଙ୍କ ଅଧିକାର । ହେଲେ ଗଣମାଧମରେ ପ୍ରକାଶିତ ଅନେକ ବ୍ୟକ୍ତିଗତ ଖବର ବ୍ୟକ୍ତିଗତ ସ୍ୱାଧୀନତାର ଖିଲାପ ହୋଇଥାଏ । ଆଇନ ଅନୁଯାୟୀ ଆମେ ଗଣମାଧମର ଏ ଅଧିକାରକୁ "ଫ୍ରିଡମ୍ ଅଫ୍ ସ୍ପିଚ୍"ରେ ଅନ୍ତର୍ଭୁକ୍ତ କରିପାରିବା ।

ସାମ୍ବାଦିକ ସର୍ବଦା ଭିନ୍ନ ଧରଣର ସମାନ୍ତରାଳ ଆଇନ ମଧ ଦେଇ କାର୍ଯ୍ୟ କରିଥାନ୍ତି । ସାମ୍ବାଦିକ ବି ଗୋପନୀୟତା ଅଧିକାରକୁ ସମ୍ମାନ ଦିଅନ୍ତି । ହେଲେ ଜନତାଙ୍କ ଆଗ୍ରହ ଏବଂ ନିଜ ପେସାର ସମ୍ମାନ କରି ଗଭୀର ଅନୁସନ୍ଧାନ କରିବା ସହ ରିପୋର୍ଟ ପ୍ରସ୍ତୁତ କରିଥାନ୍ତି । ଏହାର ଅର୍ଥ ଯେ, ଆବଶ୍ୟକସ୍ଥଳେ ଜଣେ ସାମ୍ବାଦିକ ରିପୋର୍ଟ ନିମନ୍ତେ ଜଣଙ୍କ ବ୍ୟକ୍ତିଗତ ଗୋପନୀୟତା ଉପରେ ଅନୁସନ୍ଧାନ କରି ଖବର ପ୍ରକାଶନ କରିପାରନ୍ତି ।

ଏଥିରେ ନିମ୍ନୋକ୍ତ ବିଷୟ ଅନ୍ତର୍ଭୁକ୍ତ

- କ୍ରାଇମ ଏବଂ ଅସାମାଜିକ ବ୍ୟବହାର
- ଦୁର୍ନୀତି ଅଥବା ଅନ୍ୟାୟ
- ଅକ୍ଷମତା ଏବଂ ଅଯୋଗ୍ୟ

ସର୍ବ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ନିୟମ ହେଉଛି ଜନତାଙ୍କ ପ୍ରତି ଉତ୍ତମ ଏବଂ ସଠିକ୍ ଆଚରଣ କରିବା । ସାମ୍ବାଦିକ ବି ନିଜ ଉଦ୍ଦେଶ୍ୟକୁ ନେଇ ସ୍ୱଚ୍ଛ ହେବା ଉଚିତ୍ । ସେ ନିଜ ଅନୁସନ୍ଧାନରେ ନିଜର ବ୍ୟକ୍ତିଗତ ଉଦ୍ଦେଶ୍ୟକୁ ଯେପରି ନ ଆଣନ୍ତି । ଏକମାତ୍ର ଯଥାର୍ଥତା ରହିଛି ଯେ, ସାମ୍ବାଦିକ ଯାହା ବି ଅନୁସନ୍ଧାନ କରନ୍ତି ସେସବୁ ଜନତାଙ୍କ ଇଚ୍ଛାକୁ ସମ୍ମାନ ଦେବା ଏବଂ ଅନୈତିକ କାର୍ଯ୍ୟକୁ ସମସ୍ତଙ୍କ ସମ୍ମୁଖକୁ ଆଣିବା ପାଇଁ ।

### ୨.୩.୧ ଗୋପନୀୟତାରେ କ'ଣ ଉପସ୍ଥାପିତ ହୋଇଥାଏ ?

ଗୋପନୀୟତା ହେଉଛି ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜୀବନର ଦର୍ପଣ ଯାହାକୁ ସେ ଜନତାଙ୍କ ସମ୍ମୁଖକୁ ଆଣିନଥାନ୍ତି ବା ଏସବୁ ଗୋପନୀୟତା ଜନତାଙ୍କ ଚିନ୍ତାର ବାହାରେ ରହିଥାଏ । ଏଥିରେ ଥିବା ତଥ୍ୟ ହୁଏତ କିଛି ଲୋକଙ୍କ ଅବଗତ ହୋଇଥାଏ ମାତ୍ର ସମସ୍ତଙ୍କ ପାଇଁ ନୁହେଁ । ପ୍ରତିଷ୍ଠିତ ବ୍ୟକ୍ତି ଯେତେବେଳେ ଜନଗହଳିପୂର୍ଣ୍ଣ ସ୍ଥାନକୁ ଯାଆନ୍ତି ନିଜର ବ୍ୟକ୍ତିଗତ ଗୋପନୀୟତା ଯେପରି ସୁରକ୍ଷିତ ରହୁ ସେଥିପ୍ରତି ସଜାଗ ରହନ୍ତି । କ୍ଲିନିକ୍ ବା ହସ୍‌ପିଟାଲରେ ଥିବା ସମୟରେ ଯେପରି ଏଭଳି ଘଟଣା ନ ହୁଏ ଅଧିକ ଧ୍ୟାନ ଦେବାକୁ ପଡିଥାଏ ।

### ୨.୩.୨ ଜମା ହୋଇଥବା ତଥ୍ୟ ବା ଉପକରଣ

ସମୟ ଅନୁଯାୟୀ ସାମ୍ବାଦିକ ପାଠକଙ୍କ ବ୍ୟବହାର ଅନୁଯାୟୀ ଶବ୍ଦ ଏବଂ ଲେଖାର ପ୍ରୟୋଗ କରୁଛନ୍ତି । ଏଣୁ ଏହାକୁ ଅଣଦେଖା କରିବା ସମ୍ପାଦକୀୟ ନୀତିନିୟମର ଖିଲାପ ହୋଇଥାଏ । ଯଦିଓ ଏହା ଦ୍ୱାରା ଅନେକ ସମ୍ପାଦକୀୟ ସମସ୍ୟା ଦେଖାଦିଏ ତଥାପି ଆମେ ଏହାକୁ ଏଡାଇ ପାରିବା ନାହିଁ ।

ଉଦାହରଣ, ଯଦି କୌଣସି ତଥ୍ୟ ଜନତାଙ୍କୁ ଜଣାଇବା ନିହାତି ଆବଶ୍ୟକ ଆମେ ସେ ସ୍ଥାନରେ ଏହି ଖବରକୁ ଅଣଦେଖା କରିବା ଫଳରେ ରିପୋର୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶକୁ ଛାଡିବା ଅଥବା ପାଠକ ତଥା ଜନତାଙ୍କ ନିକଟରେ ଖବର ପହଞ୍ଚାଇବାରେ ବିଫଳ ହେବା । ଏଭଳି ସ୍ଥିତି ସମ୍ପାଦକୀୟ ବିଚାରକୁ ଯନ୍ତ୍ର ସହକାରେ ସମ୍ଭାଳିବା ଆବଶ୍ୟକ ।

ତଥ୍ୟ ଯନ୍ତ୍ର ସହ ଉପସ୍ଥାପନର ପ୍ରଣାଳୀ ହେଉଛି ସିସିଟିଭି କ୍ୟାମେରା, ୱେବକ୍ୟାମ୍, ଭିଡିଓ କ୍ୟାମେରା ଏବଂ ମୋବାଇଲ ଫୋନ୍ ।

ସମସ୍ତ ଅସଲି ତଥ୍ୟର ଉନ୍ମୋଚନ ଜଣେ କରିବା ଅସମ୍ଭବ । ଅନେକ ଆଦର୍ଶବାନ ଗଣମାଧ୍ୟମ ସଂସ୍ଥା ଦୁଇଟି ସଂସ୍ଥାକୁ ତଥ୍ୟ ଯାଞ୍ଚ କରି ପ୍ରକାଶନ ନିମନ୍ତେ ନିର୍ଦ୍ଧାରଣ କରନ୍ତି । ମିଳିତ ଭାବରେ ତଥ୍ୟ ପ୍ରକାଶନ ସମ୍ଭବ ହୋଇନଥାଏ । ଏହି ସ୍ଥାନରେ ସମ୍ପାଦକୀୟ ତାକରାର ଆବଶ୍ୟକତା ପଡିଥାଏ ।

ତଥ୍ୟ ଯାଞ୍ଚର ଅନେକ ମାଗଣା ବ୍ୟବସ୍ଥା ଉପଲବ୍ଧ ହେଉଛି । ଯେମିତିକି ସ୍ଥାନ, ତାରିଖ, ଅବସ୍ଥା ଏବଂ ଜମା କରାଯାଇଥିବା ତଥ୍ୟର ସମୟ ଅବଧି ।

ଯଦି ତଥ୍ୟ ଯୁକ୍ତିଯୁକ୍ତ ସ୍ୱଷ୍ଟ ଚିତ୍ରଣ ସବୁଠୁ ଉତ୍ତମ । ମାତ୍ର ଉପସ୍ଥାପନ ସମୟରେ ଆମକୁ ଦେଖିଚାହିଁ ପ୍ରକାଶନ କରିବାକୁ ପଡିଥାଏ । ଏହା ସମ୍ପାଦକୀୟ ଏବଂ ସଂସ୍ଥା ଉପରେ ଗୁରୁତର ପ୍ରଭାବ ପକାଇଥାଏ । ନିର୍ଭରଯୋଗ୍ୟ, ବିଶ୍ୱସ୍ତ, ସାଧୁତା, ସ୍ୱଷ୍ଟବାଦୀ ଏବଂ ସଠିକତା ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଆମକୁ ଏହାକୁ ରକ୍ଷା କରିବାକୁ ହେବ । ଯଦି ପାଠକ ଜାଣନ୍ତି ଯେ, କୌଣସି ବିଷୟରେ ରିପୋର୍ଟ ଉପସ୍ଥାପନରେ ତଥ୍ୟ ବିଶ୍ୱସନୀୟ ନ ହୁଏ ଅଥବା ଗଣମାଧ୍ୟମ ସଂସ୍ଥା ତଥ୍ୟ ଉପସ୍ଥାପନରେ ଖିଲାପ କରୁଛି ସେସ୍ଥଳରେ ସଂସ୍ଥା ଜନତାଙ୍କ ବିଶ୍ୱାସ ହରାଇବସେ ।

## ୨.୩.୩ ଜଜ୍ ଏବଂ ଜୁରୀ

ସାମ୍ବାଦିକଙ୍କ କାର୍ଯ୍ୟ ହେଉଛି ତଥ୍ୟ ସଂଗ୍ରହ କରି ଜନମଞ୍ଚରେ ଉପସ୍ଥାପନ କରିବା । ଫଳରେ ଜନତା ବୁଦ୍ଧିମତାର ସହକାରେ ନିଜର ମତାମତ ଦେଇପାରିବେ । ଆମେ ରହୁଥିବା ସମ୍ପ୍ରଦାୟରେ ଘଟୁଥିବା ଘଟଣାର ଠିକ୍ କି ଭୁଲ୍ ନିର୍ଦ୍ଧାରଣ କରିବା ବା ଜଜ୍ ଆମେ ନୁହେଁ ।

ସାମ୍ବାଦିକଙ୍କ ଅଧିକାର ଥାଏ ଯେ, ଜନତାଙ୍କ ଇଚ୍ଛାନୁଯାୟୀ କୌଣସି ଷ୍ଟୋରୀକୁ ତଦନ୍ତ କରି ତଥ୍ୟ କାଢିବା । ହେଲେ ଏସବୁ ମଧ୍ୟରେ ସେ ଆଇନକୁ ନଜରରେ ରଖି କାର୍ଯ୍ୟ କରିବା ଆବଶ୍ୟକ । ତାଙ୍କର ତଦନ୍ତ ଯେପରି କାହାର କ୍ଷତିସାଧନ ନ କରେ ଅଥବା କାହାକୁ ବ୍ୟକ୍ତିଗତସ୍ତରରେ କ୍ଷତି ନ ପହଞ୍ଚାଏ ସେଥିପ୍ରତି ଧ୍ୟାନ ଦେବାକୁ ହୋଇଥାଏ ।

କିଛି ଜଣଙ୍କ ମତରେ ବ୍ୟକ୍ତିଗତ ସ୍ୱାଧୀନତା ଅଧିକାର ବ୍ୟକ୍ତିଙ୍କ ବ୍ୟବହାର ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଯଦି ଜଣେ କ୍ରାଇମ କିମ୍ବା ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ଧରାପଡିଥାନ୍ତି ତେବେ ସେ ନିଜର ବ୍ୟକ୍ତିଗତ ସ୍ୱାଧୀନତା ଅଧିକାର ହରାଇ ବସନ୍ତି । କାରଣ ଜନତା ତାଙ୍କ ଘଟଣାବଳୀର ସମ୍ପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆଣିବାକୁ ଇଚ୍ଛା ପ୍ରକାଶ କରନ୍ତି । ଏହା ଆମ ଦ୍ୱାରା ବିବେଚନା କରିବା କଷ୍ଟସାଧ୍ୟ ।

ଅବସ୍ଥାନ୍ତର ଏବଂ ବିବାଦପୂର୍ଣ୍ଣ ଦେଶକ୍ଷେତ୍ରରେ ଏହା ସୂକ୍ଷ୍ମ ବିଷୟ । ଜଣେ ଯଦି ଅସାମାଜିକ ବା ବେଆଇନ କାମ କରନ୍ତି ବୋଲି ଜଣାପଡେ ଅନ୍ୟମାନଙ୍କ ନଜରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ନ୍ୟାଯ୍ୟ ବିଷୟ, ଯାହାକି ଶାସନ ପ୍ରଣାଳୀ ଏବଂ ଶାସନ କଳକୁ ରକ୍ଷା କରିବା ବିପକ୍ଷରେ ଯାଇଥାଏ ।

ବ୍ୟକ୍ତିଗତ ସ୍ୱାଧୀନତାକୁ ସମ୍ମାନ ଦେଇ ଆମେ ଯଦି କହୁ ରେକର୍ଡିଂକୁ ରୋକିବା ଲାଗି , ତେବେ ଏହା ସମ୍ପାଦକୀୟ ମତରେ ଯୁକ୍ତିଯୁକ୍ତ ନହେବାଯାଏଁ କୌଣସି ହସ୍ତକ୍ଷେପ କରିପାରିବା ନାହିଁ । ଏ ସ୍ଥିତିରେ ଆମେ ନିଜର ନିଷ୍ପତ୍ତି ଉପରେ ସ୍ପଷ୍ଟ ହେବା ଆବଶ୍ୟକ ।

ପ୍ରତିଯୋଗୀତା କରିବା, ଅଧିକ ଖବର କାଗଜ ପ୍ରକାଶନ କରିବା କି ଅଧିକ ଶ୍ରୋତାମଣ୍ଡଳୀ ଗଠନ ମନୋଭାବ ରଖିବା କେତେକ କାରଣବସତଃ ଉଚିତ୍ ନୁହଁ । ଷ୍ଟୋରୀ ଜନ ବିତର୍କର ସମ୍ମୁଖୀନ ହୁଏ । ଏଣୁ ଏଥିରେ ଥିବା ତଥ୍ୟ ସ୍ପଷ୍ଟ ଏବଂ ସଠିକ୍ ହେବା ଯଥାର୍ଥ । ଯାହାକି ଜନତା ଏବଂ ଷ୍ଟୋରୀ ମଧ୍ୟରେ ସମାନତା ରକ୍ଷା କରିପାରିବ ।

ସବୁପରେ ଜଣେ ସାମ୍ବାଦିକ ନିଶ୍ଚିତ ରହିବା ଆବଶ୍ୟକ ଯେ, ସେ ଯେଉଁ ରିପୋର୍ଟ ପ୍ରକାଶ କରୁଛନ୍ତି ଏହାର ସମାପ୍ତି ବା ଶେଷକଥା ଯୁକ୍ତିଯୁକ୍ତ ହେବା ଆବଶ୍ୟକ ।

## ୨.୩.୪ ସମ୍ମତି ପ୍ରାପ୍ତ କରିବା

ଅନେକ ସ୍ଥାନ ରହିଛି ଯେଉଁଠି ସାମ୍ବାଦିକଙ୍କୁ ଅନେକ ପ୍ରକାର ସମ୍ମତି ମିଳିଥାଏ । ପ୍ରଥମରେ ଏମାନେ ତଥ୍ୟ ଏକତ୍ର କରିପାରିବେ ଏବଂ ଦ୍ୱିତୀୟରେ ଏହାର ପ୍ରକାଶନ ବା ପ୍ରସାରଣ କରିପାରିବେ । ଡାକ୍ତରଖାନା, ବିଦ୍ୟାଳୟ ଏବଂ ଜେଲ୍ ଏଥି ମଧ୍ୟରେ ଅନ୍ତର୍ଭୁକ୍ତ ।

ସାମ୍ବାଦିକ ସର୍ବଦା ନିମ୍ନୋକ୍ତ ବିଷୟରେ ନିଜର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କଠୁଁ ପରାମର୍ଶ ଏବଂ ତଥ୍ୟ ଗ୍ରହଣ କରିବା ଆବଶ୍ୟକ -

- ରେକର୍ଡ ହେଉଥିବା ତଥ୍ୟ ଯଦି ସାମ୍ବାଦିକଙ୍କ ଜ୍ଞାନ ବାହାରେ ତେବେ ଏକାକୀ ରେକର୍ଡିଂ ସାମଗ୍ରୀ ବ୍ୟବହାର କଲାସମୟରେ
- ଟେଲିଫୋନ୍ ବାର୍ତ୍ତାଳାପ ସମୟରେ ପ୍ରଚ୍ଛଦ ନିର୍ଦ୍ଦେଶ ବିନା ପ୍ରସାରଣ
- ଆଗୁଆ ସାକ୍ଷାତକାର ନେବାର ସମସ୍ତ କ୍ଷମତା ପାଖାପାଖି ହେବା
- ଅନ୍ୟମାନେ ରେକର୍ଡ କରିଥିବା ତଥ୍ୟକୁ ଜନତାଙ୍କ ଆବଶ୍ୟକୀୟ ତଥ୍ୟରେ ପରିଣତ କରିବା

### ୨.୩.୫ ଇଲେକ୍ଟ୍ରୋନିକ ନୋଟ୍ ନେବା

ତଥ୍ୟ ନୋଟ୍  କରିବା ପାଇଁ ଅନେକ ସାମ୍ବାଦିକ ଇଲେକ୍ଟ୍ରୋନିକ ନୋଟକୁ ଅଂଶବିଶେଷର ରୂପ ଦେଇସାରିଲେଣି । ଏସବୁଠୁଁ ସର୍ବୋତ୍ତର ହେଉଛି ରେକର୍ଡିଂ, ରିପୋର୍ଟିଂରେ ଯେପରି କିଛି ବି ଛଡା ନ ହୁଏ ଏବଂ ସଠିକ୍ ତଥ୍ୟ ଉପସ୍ଥାପିତ ହେବ ସେଥିପାଇଁ ଏହାର ବ୍ୟବହାର । ଇଲେକ୍ଟ୍ରୋନିକ ନୋଟ୍ ତୁଳନାରେ ଏହି ରେକର୍ଡିଂ ବ୍ୟବସ୍ଥା ସବୁବେଳେ ବ୍ୟବହାର ଯୋଗ୍ୟ ହୋଇଥାଏ । ନୋଟ୍ ନେବା ଗବେଷଣା ପାଇଁ ଠିକ୍, ମାତ୍ର ପ୍ରସାରଣ ପାଇଁ ଉପଯୋଗୀ ନୁହେଁ । ଯଦି କୌଣସି ଭିଡିଓ କ୍ଲିପ୍‌କୁ ରେକର୍ଡ କରାଯାଇ ନାହିଁ ଏବଂ ଦର୍ଶକଙ୍କ ପାଇଁ ଏହା ଆବଶ୍ୟକୀୟ ତେବେ ଉପରୋକ୍ତ ସମ୍ପାଦକଙ୍କ ପରାମର୍ଶ ନେଇ ଖବର ପ୍ରସାରଣ କରିବା ଆବଶ୍ୟକ ହୋଇଥାଏ ।

### ୨.୩.୬ ପାଖରେ ପହଞ୍ଚାଇବା

ବେଳେବେଳେ ସାମ୍ବାଦିକ ସାକ୍ଷାତକାରକୁ ବଞ୍ଚାଇବାକୁ ଯାଇ ନଛୋଡବନ୍ଧା ହୋଇପଡନ୍ତି । ବାସ୍ତବିକରୂପରେ ଏହାର ଆବଶ୍ୟକତା ରହିଛି ?  ଏହାର ଉଦ୍ଦେଶ୍ୟ କ'ଣ ହୋଇପାରେ ? ସବୁ ଚ୍ୟାନେଲରେ ଯେଉଁ ତଥ୍ୟ ନାହିଁ  ବାସ୍ତବରେ ସେ ତଥ୍ୟ କିପରି ଉପସ୍ଥାପନ କରିବ ।

ସାମ୍ବାଦିକର କର୍ତ୍ତବ୍ୟ ହେଉଛି ନିଜ ଉଦ୍ଦେଶ୍ୟ ଅନୁଯାୟୀ ପ୍ରଶ୍ନୋତ୍ତର କରିବେ ଏବଂ ନିଜେ କ'ଣ କରୁଛନ୍ତି ଏହାର ଗୁଣବତ୍ତା ରକ୍ଷା କରିବେ । ସାଧାରଣ ଜନତା କେତେକ ନିର୍ଦ୍ଧିଷ୍ଟ ପର୍ଯ୍ୟାୟଯାଏଁ ଚିନ୍ତା କରିପାରିବେ । ଯଦିଓ ସାଧାରଣ ସଂଖ୍ୟା ନିର୍ଣ୍ଣୟରେ ରାଜନୈତିକ ନେତାଙ୍କୁ ଅନେକ ସମସ୍ୟାରେ ପଡିବାକୁ ପଡିଥାଏ । ଏମାନଙ୍କୁ ଚିନ୍ତାର ବାହାରେ ପ୍ରଶ୍ନ କରାଯାଇଥାଏ ଏବଂ ସମସ୍ତ ଉତ୍ତର ପ୍ରକାଶ ଯେପରି କରାଯିବ ସେଥିପ୍ରତି ଚେଷ୍ଟା କରାଯାଇଥାଏ ।

ଯଦି ରିପୋର୍ଟର ଷ୍ଟୋରୀକୁ ହୃଦବୋଧ କରନ୍ତି, ତାଙ୍କୁ ଷ୍ଟୋରୀ ପଛରେ ଅଧିକ ଗୋଡାଇବାକୁ ପଡିବ ନାହିଁ । ଯଦି ଷ୍ଟୋରୀ ଜନତାଙ୍କୁ ଉତ୍ସାହିତ କରୁଛି ତେବେ ଏହି ଷ୍ଟୋରୀ ସହ ଜଡିତ ବ୍ୟକ୍ତିଙ୍କ ସାକ୍ଷାତକାର ନିମନ୍ତେ ଅଧିକ ଅନୁରୋଧ କରିବାକୁ ପଡିବ ନାହିଁ । ଆମକୁ ବି ମନେ ରଖିବାକୁ ହେବ ଯେ, ତାଙ୍କ ନିକଟରେ ପ୍ରତ୍ୟାଖ୍ୟାନ କରିବାର ଅଧିକାର ରହିଛି ।

## ୨.୩.୨ ଅନ୍ୟ ଦୃଶ୍ୟଲେଖାର ଟ୍ୟାଗ୍

ଅନ୍ୟାନ୍ୟ ଦୃଶ୍ୟଲେଖାର ସମଷ୍ଟିରେ ସାମ୍ବାଦିକ ରିପୋର୍ଟ ପ୍ରସ୍ତୁତ କରନ୍ତି ଯେତେବେଳେ ଏହା ଜନତାଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥାଏ ବା ଘଟଣା ବିଷୟରେ ଜାଣିବାକୁ ଜନତାଙ୍କ ଉତ୍କଣ୍ଠା ରହିଥାଏ । ଅଧିକ ତଥ୍ୟ ଅନ୍ୱେଷଣ ପାଇଁ ପୋଲିସ୍, ସମ୍ପ୍ରଦାୟ, ଆପ୍ରବାସନ ବା ପରିବେଶ ବିଜ୍ଞାନୀ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀଙ୍କଠୁଁ ତଥ୍ୟ ସଂଗ୍ରହ କରିପାରିବେ ।

ମାତ୍ର ରିପୋର୍ଟ ପ୍ରକାଶନ ପୂର୍ବରୁ ନିଶ୍ଚିତ ହେବା ଆବଶ୍ୟକ ଯେ, ଏହା ସାଧାରଣ ଜନତାଙ୍କ ଇଚ୍ଛାନୁଯାୟୀ ରହିବା ଆବଶ୍ୟକ । କାରଣ ରିପୋର୍ଟ ବ୍ୟକ୍ତିଗତ ଗୋପନୀୟତା, ସମ୍ମତି , ଅଧିକାର ପ୍ରବେଶ ଆଦି ଅନେକ ସମସ୍ୟାକୁ ନେଇ ପ୍ରକାଶିତ ହୋଇଥାଏ ।

ବେସରକାରୀ ଅଫିସରେ ଯଦି ରିପୋର୍ଟିଂ କରିବାକୁ ଯାଉଛ ତେବେ ତୁମେ କିଏ ଏବଂ କେଉଁ ଉପରେ ରିପୋର୍ଟିଂ କରୁଛ ସ୍ୱଷ୍ଟୀକରଣ ହେବା ଆବଶ୍ୟକ ଏବଂ କେଉଁଠି ଏହାର ବ୍ୟବହାର ହେବ, ତଥ୍ୟର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କଠୁଁ ସମ୍ମତି ନେବାକୁ ହେବ । ଯଦି ସେ ସମ୍ମତି ଦେଇ ନାହାଁନ୍ତି ତେବେ ତୁରନ୍ତ ସ୍ଥାନ ପରିତ୍ୟାଗ କରିବାକୁ ପ୍ରସ୍ତୁତ ରହିବା ଆବଶ୍ୟକ । ନଚେତ୍ ତାଙ୍କୁ ଅନ୍ୟ ସମ୍ପାଦକୀୟ ତଥ୍ୟର ଉଦାହରଣ ଦେଇ ସମ୍ମତି ଦେବାକୁ ବାଧ୍ୟ କରିବାକୁ ହେବ ଯେ, ଏହା ଗଣମାଧ୍ୟମ ସଂସ୍ଥାର ଆବଶ୍ୟକତା ପାଇଁ ନୁହେଁ ବରଂ ଜନତାଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ରିପୋର୍ଟ କରାଯାଉଛି ।

## ୨.୩.୮ ରିପୋର୍ଟିଂ ଯନ୍ତ୍ରଣା ଓ ଦୂରାବସ୍ଥା

ଗଣମାଧ୍ୟମ ଏବଂ ଜନତାଙ୍କ ମଧରେ ସମୟାନୁକ୍ରମରେ ସମ୍ପର୍କ ଯନ୍ତ୍ରଣାଦାୟକ ଓ ଦୂରାବସ୍ଥାଜନିତ । ଏହା ବାସ୍ତବରେ ଚିନ୍ତାର ବାହାରେ । ସାମ୍ବାଦିକ ଯେତେବେଳେ ଜଣେ ବ୍ୟକ୍ତିଙ୍କ ଘରକୁ ଯାଆନ୍ତି ଯେଉଁଠି ପରିବାରବର୍ଗ ନିଜ ଆତ୍ମୀୟଙ୍କୁ କ୍ରିମିନାଲ କାର୍ଯ୍ୟକଳାପ ଯୋଗୁଁ ହରାଇ ବସିଥିବେ ଅଥବା ଦୁର୍ଘଟଣା କିମ୍ବା ବୋମା ବିସ୍ଫୋରଣରେ ହରାଇଥିବେ ଏଭଳି ସ୍ଥାନରେ ତିନୋଟି ପ୍ରତିକ୍ରିୟା ଦେଖିବାକୁ ମିଳିଥାଏ ।

ପ୍ରଥମରେ, ତୁମେ କବାଟ ବାଡେଇବାବେଳେ କାହାରି ଉତ୍ତର ନ ମିଳେ, ମାତ୍ର ଘରେ ଆଲୁଅ ଜଳିବା ଓ ଜନଗହଳି ଶବ୍ଦ ଶୁଭୁଥିବ । ତୁମେ ଜାଣିଛ ଯେ, ଲୋକେ ଭିତରକୁ ଯାଉଛନ୍ତି ଏବଂ ତୁମକୁ ଯିବାରେ ବାଧା ବି ଦେବେ ନାହିଁ । ଅନ୍ୟପଟେ ତୁମେ ଜାଣିଛ ଯେ, ନ୍ୟୁଜ୍ ସମ୍ପାଦକ ତୁମଠୁଁ ମୃତକଙ୍କ ଫଟୋଚିତ୍ର ସହ ପରିବାର ତଥା ପଡୋଶୀ, ଆତ୍ମୀୟଙ୍କ ସାକ୍ଷାତକାର ପାଇବା ଆଶାରେ ରହିଥିବେ ।

ତୁମେ କ'ଣ କରିବ ? ଉତ୍ତର ନ ମିଳିବା ଯାଏଁ କବାଟ ବାଡେଇବ ଅଥବା ସବୁ ଛାଡି ମୁଣ୍ଡ ପୋତି ଅଫିସ୍‌କୁ ଫେରି ଆସିବ ? ତାଙ୍କ ଦୁଃଖକୁ ସମ୍ମାନ ଦେବ ଏବଂ ତାଙ୍କ ନିଷ୍ପତ୍ତି ତୁମଠୁଁ ଲୁଚି ରହିବ ? ତୁମ ନ୍ୟୁଜ୍ ସମ୍ପାଦକ ହୁଏତ ତୁମ ନିଷ୍ପତ୍ତିରେ ସହମତ ହୁଅନ୍ତି ଅଥବା ତୁମକୁ କଠିନ ସମୟ ଦେବେ ସାକ୍ଷାତକାର ଏବଂ ଫଟୋଚିତ୍ର ଆଣିବା ପାଇଁ । ତୁମେ କାହିଁକି ଆସିଲ ଏବଂ କାହିଁକି ସାକ୍ଷାତ କରିବାକୁ ଚାହିଁଲ ଏଭଳି ସମସ୍ୟା ଲେଖି କବାଟ ପାଖରେ ଏକ ଚିଠି ଛାଡି ଯିବ ।

ଦ୍ୱିତୀୟରେ କବାଟ ଖୋଲି ତୁମ ପାଖରେ କୁକୁର ରଖିଦେବେ ଅଥବା ଅପବ୍ୟବହାର କରିବେ । ତୃତୀୟରେ ଘରକୁ ଡାକି ଚା' କପେ ଦେଇ ଫଟୋଚିତ୍ର ଦେଖାଇ ତୁମକୁ ବିଦା କରିଦେବେ ।

ତୁମେ ଜାଣି ନାହଁ କି ତୁମକୁ କେଉଁଭଳି ପ୍ରତିକ୍ରିୟା ମିଳିବ । ଏଣୁ ରିପୋର୍ଟର ସମ୍ବେଦନଶୀଳ ହୋଇ ସମସ୍ତ ଯନ୍ତ୍ରଣା, ପ୍ରତିକ୍ରିୟାକୁ ସହିବାର କ୍ଷମତା ରଖିବା ଆବଶ୍ୟକ ।

ଲୋକଙ୍କ ଇଚ୍ଛା ବିନା କାହାର ବ୍ୟକ୍ତିଗତ ଦୁଃଖଦ ଜୀବନରେ ଅନଧୀକାର ପ୍ରବେଶ ସମ୍ଭବ ନୁହେଁ । ମାତ୍ର ଏଠାରେ ସେସବୁର ଖଣ୍ଡନ ହୋଇଥାଏ । ଗଣମାଧମ ଅପମାନିତ, ଲଜ୍ଜିତ ହୋଇଥାଏ ଏଭଳି ଖବର ପ୍ରକାଶନ ବା ପ୍ରସାରଣ କରି । ମାତ୍ର ସାଧାରଣ ଜନତା ଦୁର୍ବିପାକ ବା ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଫଟୋଚିତ୍ର ସହ ଅନ୍ୟାନ୍ୟ ଖବର ଜାଣିବାକୁ ଖବରକାଗଜ କିଣନ୍ତି । ଘଟଣାର ସଙ୍ଗେ ସଙ୍ଗେ ଟିଭି ଖୋଲି ବ୍ରେକିଙ୍ଗ ନ୍ୟୁଜ୍‌କୁ ଜଗି ବସନ୍ତି । ବଲାଙ୍ଗୀର ପାର୍ସଲ ବୋମାର ଉଦାହରଣ ନିଆଯାଉ । ଲୋକେ ପ୍ରଥମେ ଘଟଣାକୁ ଜାଣିବାକୁ ଉତ୍ସୁକ ଥିବାବେଳେ ଅର୍ଦ୍ଧ ପୋଡା ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ ସହ ସଂଘର୍ଷ କରୁଥିବା ରୀମାଙ୍କ (ପାର୍ସଲ ବୋମାରେ ମୃତକଙ୍କ ପତ୍ନୀ) ଅବସ୍ଥା ଜାଣିବାକୁ ଚାହିଁଲେ ।
ଆମେ ଜିତି ପାରିବୁ ନାହିଁ । ମାତ୍ର ପେସାଦାର, ସୁସଙ୍ଗତ ଏବଂ ନିଶ୍ଚିତ ହେବା ଆବଶ୍ୟକ ଯେ, ଆମେ ଯାହା ବି କରୁଛେ ଲୋକଙ୍କ ଇଚ୍ଛାକୁ ଆଧାର କରି କରୁଛେ ।

### ୨.୩.୯ ଗ୍ରାଫିକାଲ ତଥ୍ୟ

ସମ୍ପାଦକୀୟରେ ବର୍ଣ୍ଣିତ ସମସ୍ତ ତଥ୍ୟର ଗ୍ରାଫିକାଲ ତଥ୍ୟକୁ ଦର୍ଶାଇବା ଲୋକଙ୍କ ସଂଘର୍ଷ ଏବଂ ଚିନ୍ତାକୁ ପରିପ୍ରକାଶ କରାଯାଇଥାଏ । ଏଭଳି କୌଣସି ପରିସ୍ଥିତି ନଥାଏ ଯେଉଁଠି ଏହାର ସମ୍ପାଦନ ଯଥାର୍ଥ ହୋଇପଡେ ଏବଂ କେତେକ କ୍ଷୁଦ୍ର ପରିସ୍ଥିତିରେ ଯଥାର୍ଥ ହୋଇପଡେ କେତେକ ଦୃଶ୍ୟକୁ ପ୍ରସାରଣ କରିବା , ଯାହାକି ମନୁଷ୍ୟକୁ ମୃତ୍ୟୁ ଆଡକୁ ଟାଣିନିଏ । ସର୍ବଦା ଦୃଶ୍ୟରେ ଅଭିଯୁକ୍ତ ବା ଅଭିଯୋଗକାରୀ, ପୀଡିତା କିମ୍ବା ଆଘାତପ୍ରାପ୍ତ କ୍ଷତ ଏସବୁର ସମ୍ପୂର୍ଣ୍ଣ ଦୃଶ୍ୟ ଦେଖାଇବାକୁ ଏଡାଇ ଝାପ୍‌ସା ବା ଅସ୍ପଷ୍ଟ ଦୃଶ୍ୟ ଦେଖାଇବା ।

ନିଜ ରିପୋର୍ଟର ତଥ୍ୟ ବିଷୟବସ୍ତୁକୁ ଆଧାର କରି ରହିବ ଯେମିତି ତାକୁ ଧ୍ୟାନ ଦେବା । ଯଦି ରାଜ୍ୟର ସମ୍ପାଦକୀୟ ନୀତି ଅନୁଯାୟୀ ଯିବା ତେବେ ମୃତକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଦେବାରେ ଅସମର୍ଥ ହେବା । ପରିବାରବର୍ଗଙ୍କ ସ୍ୱୀକୃତି ବିନା ଆମେ କୌଣସି ନିୟମ ବା ରିପୋର୍ଟ କରିପାରିବା ନାହିଁ । ଏଣୁ ଏସବୁକୁ ସବୁଦିଗରୁ ବିଚାର କରି ନିଷ୍ପତ୍ତି ନିଆଯାଏ । ଅମାନବୀୟ ଘଟଣାକୁ ରିପୋର୍ଟ କରିବାକୁ ତତ୍ପରତା ଦେଖାଉଥିବା ବାମପନ୍ଥୀ ଏ ଦିଗରେ ଯଦି ଆଗଭର ହୁଅନ୍ତି ତେବେ ତାଙ୍କୁ ଧ୍ୟାନ ଦେବାକୁ ହେବ ଯେ, ବିଦେଶୀୟ ଆକସ୍ମିକ ଘଟଣାକୁ ରିପୋର୍ଟ କରିବାରେ ବି ସେଭଳି ତତ୍ପରତା ଯଥାର୍ଥ ।

ସମ୍ପାଦକୀୟ ନୀତି ଅନୁଯାୟୀ ଗୋଟିଏ ପରିବାରର ମୃତ ବ୍ୟକ୍ତିଙ୍କ ଫଟୋଚିତ୍ର ବା ଫୁଟେଜ୍ ଗ୍ରହଣ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ ହଜାର ମାଇଲ ଦୂରରେ ମୃତ୍ୟୁ ହୋଇଥବା ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ରହସ୍ୟ ବା ଘଟଣା ଜାଣିବା ସେତିକି ଯୁକ୍ତିଯୁକ୍ତ । ଆମେ ସମ୍ପାଦକୀୟ ପାଇଁ ଉଭୟକୁ ସେତେବେଳେ ସ୍ଥାନିତ କରିବା ଯେତେବେଳେ ଆମ ପାଖରେ ସମସ୍ତ ତଥ୍ୟ ରହିଥିବ ।

ଗ୍ରାଫିକ୍ ତଥ୍ୟ ପ୍ରସାରଣରେ ସମୟର ଭୂମିକା ମହତ୍ତ୍ୱପୂର୍ଣ୍ଣ ରହିଥାଏ. ଯେତେବେଳେ ପ୍ରସାରଣରେ ବ୍ୟବହୃତ ତଥ୍ୟ ବିଚାର କରିବାର ନିଷ୍ପତ୍ତି ନେବାକୁ ପଡିଥାଏ । କାର୍ଯ୍ୟକ୍ରମର ପରେ ପରେ ଗ୍ରାଫିକାଲ

ତଥ୍ୟ ଉପସ୍ଥାପନ ସାଧାରଣତଃ ଯୁକ୍ତିଯୁକ୍ତ । ଭୟ, ଉତ୍ତମ ସ୍କ୍ରିପ୍ଟର ପ୍ରକୃତ ଚିତ୍ରଣ ଦର୍ଶାଇବା ପାଇଁ ଏଭଳି ଯଥାର୍ଥ ଦୃଷ୍ଟାନ୍ତର ବର୍ଣ୍ଣନା ସମ୍ଭବ ।

ଯଦି ଷ୍ଟୋରୀକୁ ସମ୍ପୂର୍ଣ୍ଣ କରାନଯାଏ ପରେ ଏହାର ରିପୋର୍ଟ ବର୍ତ୍ତମାନ ପରିସ୍ଥିତିକୁ ନେଇ ପ୍ରସ୍ତୁତ କରିବା କଷ୍ଟସାଧ । କାର୍ଯ୍ୟକ୍ରମର ଜନ୍ମ ବାର୍ଷିକୀ କିମ୍ବା ଐତିହାସିକ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇ ତଥ୍ୟ ବ୍ୟବହାର କରାଯାଇପାରିବ ।

ବ୍ୟକ୍ତିଙ୍କୁ କଷ୍ଟ କିମ୍ବା ଦୁଃଖରେ ପକାଇପାରିବା ନାହିଁ । ସାକ୍ଷାତକାର ନେବା ପାଇଁ ତାଙ୍କୁ ଆମେ ଚାପରେ ରଖିପାରିବା ନାହିଁ । ଫୋନ୍‌କଲ୍, ମ୍ୟାସେଜ୍, ଇମେଲ୍ କିମ୍ବା ବାରମ୍ବାର କଲ କରି ତାଙ୍କୁ ମାନସିକ ସ୍ତରରେ ନିର୍ଯାତନା ଦେଇପାରିବା ନାହିଁ । ଆମେ ତାଙ୍କୁ ବାଧ୍ୟ କରିପାରିବା ନାହିଁ । ସେମାନଙ୍କ ପାଖିରେ ସାକ୍ଷାତକାର ନ ଦେବାର ଅଧିକାର ବି ଅଛି ସେ ମନା ବି କରିପାରନ୍ତି । ଏହାକୁ ବି ସ୍ୱୀକାର କରିବାକୁ ହେବ । ଆମେ ତାଙ୍କ ପଛରେ ଜଗୁଆଳ ଭଳି ବୁଲିପାରିବା ନାହିଁ ।

ଯାହା ବି ଗ୍ରାଫିକ୍ ବ୍ୟବହାର କରୁଛେ, ସେଥିରେ ଅଭିଯୁକ୍ତ ବା ଅଭିଯୋଗକାରୀଙ୍କ ମତାମତ ଯଦି ରେକର୍ଡ ହେଉଛି ତେବେ ତାଙ୍କ ଚେହେରାକୁ ଲୁଚାଇ ପ୍ରସାରଣ କରିବା ଆବଶ୍ୟକ । ପରେ ତାଙ୍କୁ ଯେପରି କୌଣସି ଅସୁବିଧା ନ ହୁଏ ବା ତାଙ୍କ ଅରାଜୀରେ କୌଣସି ନିଷ୍ପତ୍ତି ନେବା ଠିକ୍ ନୁହେଁ । ଏଭଳି ସ୍ତରରେ ସମସ୍ତ ଅନୁମତି ଗ୍ରହଣ ଯଥାର୍ଥ ।

### ୨.୩.୧୦ ଶବ ଅନ୍ତ୍ୟେଷ୍ଟି

ଶବ ଅନ୍ତ୍ୟେଷ୍ଟି ସରକାରୀ ଘଟଣାକୁ ବାଦ୍ ଦେଲେ ଏହା ପ୍ରାୟତଃ ବ୍ୟକ୍ତିଗତ କାର୍ଯ୍ୟ । ପରିବାରର ବିନା ଅନୁମତିରେ ଆମେ ହସ୍ତକ୍ଷେପ ବା କୌଣସି କାର୍ଯ୍ୟ କରିପାରିବା ନାହିଁ । ଏମିତିକି ପ୍ରତିଷ୍ଠିତ ବ୍ୟକ୍ତି ରାଜନେତା, ଖେଳାଳୀ, କଳାକାର ହେଲେ ବି ଆମେ ତାଙ୍କ ବ୍ୟକ୍ତିଗତ ମାଲିକାନାରେ ପ୍ରବେଶ କରିବା ଯୁକ୍ତିଯୁକ୍ତ ନୁହେଁ । ଏଭଳି ପରିସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ବିଶେଷ କରି ବାହାରେ ଅଥବା ପରିବାରରେ ସ୍ୱତନ୍ତ୍ର ସମୟ ଦିଆଯାଇଥାଏ ।

### ୨.୩.୧୧ ପୂର୍ବ କାର୍ଯ୍ୟକ୍ରମ ଉପରେ ନଜର ଦେବା

ବର୍ତ୍ତମାନର ଘଟଣାକୁ ଦର୍ଶାଇବାକୁ ଗଣମାଧ୍ୟମ ସଂସ୍ଥା ପୂର୍ବ ଘଟଣା ଉପରେ ସର୍ବଦା ନଜର ପକାଇଥାଆନ୍ତି । ପରିଶେଷରେ ନ୍ୟୁଜ୍ ପ୍ରଯୋଜକ ନିଶ୍ଚିତ ହେବା ଆବଶ୍ୟକ ଯେ, ସେ ଯାହା ବି କରୁଛନ୍ତି ଏହାଦ୍ୱାରା ଅଭିଯୁକ୍ତ କିମ୍ବା ପୀଡିତାଙ୍କ ଉପରେ ଯେପରି କୌଣସି ପ୍ରଭାବ ନ ପଡେ । ରିପୋର୍ଟ ମାଧ୍ୟମରେ ତାଙ୍କର ଦୁଃଖ ବା କ୍ଳେଶ ଦୂର ହୋଇପାରିବ ।

ନିର୍ଯାତନା ଏବଂ ଟ୍ରାଉମା ଭଳି ଘଟଣା ରିପୋର୍ଟ କଲାବେଳେ ଏଭଳି ପରିସ୍ଥିତି ଅଧିକ ମାତ୍ରାରେ ଦେଖାଦିଏ । ପୂର୍ବରୁ ଲୋକଙ୍କ ଜ୍ଞାତରେ ଥିବା ଘଟଣା ରିପୋର୍ଟ ସମୟରେ ଏହାକୁ ପ୍ରୟୋଗ କରାଯାଏ । ସମ୍ଭବତଃ ସ୍ଥାନରେ ପୀଡିତା ବା ମୃତକଙ୍କ ପରିବାରକୁ ରିପୋର୍ଟ ଏବଂ କାର୍ଯ୍ୟକ୍ରମ ସମ୍ବନ୍ଧରେ ପୂର୍ବ ସୂଚନା ଦିଆଯାଇଥାଏ ।

### ୨.୩.୧୨: ଲାଇବ୍ରେରୀ ତଥ୍ୟ

ସମସ୍ତ ଗଣମାଧମ ସଂସ୍ଥା ନ୍ୟୁଜ୍ ସଂଗ୍ରହ ସମୟରେ ଲାଇବ୍ରେରୀ ତଥ୍ୟକୁ ଆଧାର କରି ରିପୋର୍ଟ ପ୍ରସ୍ତୁତ କରନ୍ତି । ଏହା ଘଟଣାର ଦୁଃଖଦ ବିଷୟକୁ ପୁନର୍ବାର ଦେଖାଇବାରେ ସହାୟକ ହୋଇଥାଏ । ଆମେ ଏ ସମସ୍ତ ରିପୋର୍ଟ ଦେଖିବା ସମୟରେ ପରିବାରବର୍ଗଙ୍କୁ ନିଶ୍ଚିତ କରି ଦୃଶ୍ୟ ଉନ୍ମୋଚନ କରିବା । ସମ୍ପାଦକୀୟରେ ସମସ୍ତ ବିବରଣୀକୁ ସ୍ପଷ୍ଟ ଦର୍ଶାଇବାର ଅନୁମତି ଗ୍ରହଣ କରିବାକୁ ହେବ ।

ସାଧାରଣ ଘଟଣା ଦର୍ଶାଇବାକୁ ଯାଇ ଆମେ ଏସବୁ ତଥ୍ୟର ବ୍ୟବହାର କରିପାରିବା ନାହିଁ । ସବୁ ସମୟରେ ଆମକୁ ମନେ ରଖିବାକୁ ହେବ ଯେ, ଦୁଃଖଦ ପରିସ୍ଥିତିର ସମ୍ମୁଖୀନ ହୋଇଥିବା ଏହି ରିପୋର୍ଟ ଗୋଟିଏ ସମୟ ପାଇଁ ବ୍ୟବହାର ହେବ ।

### ୨.୩.୧୩: ନିଖୋଜ ବ୍ୟକ୍ତି

ଗଣମାଧମ ନିଜ ପ୍ରସାରଣ ମାଧମରେ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଇଥାଏ । ବ୍ୟକ୍ତିଙ୍କ ପରିଚୟ ସହ ଫଟୋଚିତ୍ର ଟିଭିରେ ଦୃଶ୍ୟମାନ ହେବା ଫଳରେ ସମ୍ପର୍କୀୟ କି ସାଙ୍ଗସାଥୀଙ୍କୁ ବି ଖୋଜିବାରେ ସହାୟକ ହୋଇଥାଏ ।

ଆମର ସାମ୍ବାଦିକ ଶିକ୍ଷା ଅନ୍ୟର ଆୟତ୍ତରେ ରହିପାରିବ ନାହିଁ । ଏପରିକି ଗଣମାଧମର ଏଭଳି ପ୍ରସାରଣ ହୁଏତ ପରିବାରବର୍ଗଙ୍କ ମଧ୍ୟରେ ଚିନ୍ତା ଏବଂ ଦୁଃଖଦାୟକ ହେବ । ଏମିତିକି ନିଖୋଜ ବ୍ୟକ୍ତିଙ୍କ ବିଷୟରେ ସମସ୍ତ ତଥ୍ୟ ତାଙ୍କ ବ୍ୟକ୍ତିଗତ ଜୀବନର ଖିଲାପରେ ନ ଯାଉ ।

ନିଖୋଜ ବ୍ୟକ୍ତିଙ୍କ ବିଷୟରେ ବିଜ୍ଞାପନ ବା ରିପୋର୍ଟ ଦର୍ଶାଇବା ପୂର୍ବରୁ ଆମେ ଜାଣି ରଖିବା ଆବଶ୍ୟକ ଯେ, ତାଙ୍କର କେତେ ଦୂର ପରିଚୟ ପ୍ରଦାନ କରାଯିବ । ଆଉ ମଧ୍ୟ ଧ୍ୟାନ ଦେବାକୁ ହେବ, ଯଦି ସେ ଏ ରିପୋର୍ଟ ଦେଖନ୍ତି ତାଙ୍କ ବ୍ୟକ୍ତିଗତ ସମ୍ମାନରେ ଆଘାତ ଯେପରି ନ ପହଞ୍ଚେ ।

### ୨.୩.୧୪ ବ୍ୟକ୍ତିଗତ ତଥ୍ୟ

ସାମ୍ବାଦିକଙ୍କ ଦାୟିତ୍ୱ ହେଉଛି ଯେ, ଯେଉଁ ବ୍ୟକ୍ତିବିଶେଷଙ୍କ ବିଷୟରେ ତୁମେ ରିପୋର୍ଟ କରୁଛ ତାଙ୍କ ଅନୁମତିକ୍ରମେ ବ୍ୟକ୍ତିଗତ ତଥ୍ୟ ଉପସ୍ଥାପନ କରିବା ଆବଶ୍ୟକ । ଏପରିକି ସମସ୍ତ ତଥ୍ୟ, ଟେଲିଫୋନ୍ ନଂ ଏବଂ ଇମେଲ ଆଦି ପ୍ରକାଶ କରିବା ଆବଶ୍ୟକ । ଅନ୍ୟ କାହାକୁ ରିପୋର୍ଟ ଦେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିନା ଅନୁମତିରେ ଆମେ କାହାରିକୁ ତଥ୍ୟ ହସ୍ତାନ୍ତର କରିପାରିବା ନାହିଁ ।

#### ବ୍ୟକ୍ତିଗତ ଗୋପନୀୟତା ଅଧିକାର

ଗଣମାଧମ ନିଜର ସଫଳତା ଏବଂ ଜନପ୍ରିୟତା ବଢାଇବା ପାଇଁ କୌଣସି ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜୀବନରେ ବାଧା ଦେବା ବା ସମ୍ମାନ ହାନି କରିବା ବ୍ୟକ୍ତିଗତ ଗୋପନୀୟତା ଅଧିକାରର ଖିଲାପ କରିଥାଏ । ମାତ୍ର ଯେତେବେଳେ କୌଣସି ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସମାଜରେ ଗୋପନୀୟ ହୋଇ ରହିନଥାଏ ସେତେବେଳେ ତାଙ୍କ ସହ ଘଟିତ ପ୍ରତ୍ୟେକ ଘଟଣା ଗଣମାଧମର ପ୍ରସାରଣ ବା ପ୍ରକାଶନ ନ୍ୟାଯ୍ୟ । ସମ୍ପୃକ୍ତ ବ୍ୟକ୍ତିଙ୍କ ଘର, ପରିବାର, ସମ୍ପ୍ରଦାୟ, ସ୍ୱାସ୍ଥ୍ୟ, ବ୍ୟକ୍ତିଗତ ଜୀବନ ସବୁକିଛି ବ୍ୟକ୍ତିଗତ ।

ମାତ୍ର କୌଣସି ଘଟଣାରେ ସମ୍ପୃକ୍ତି ରହିଲେ ଏବଂ ଜନତା ସେ ଦିଗରେ ନ୍ୟୁଜ୍ ଜାଣିବାକୁ ଉତ୍ସୁକ ହେଲେ ଏହା ଆଉ ବ୍ୟକ୍ତିଗତ ମାମଲା ହୋଇ ରହିପାରେ ନାହିଁ ।

**ଚିହ୍ନଟ ଦିଗରେ ସତର୍କତା**

କ୍ରାଇମ ବା ଅପରାଧ ଘଟଣା, ଦୁଷ୍କର୍ମ, ଶିଶୁଙ୍କ ସହ ଦୁଷ୍କର୍ମ, ଅମାନବୀୟ ବ୍ୟବହାର, ଯୌନକ୍ରିୟା ଉପରେ ପ୍ରଶ୍ନବାଚୀ ଏଭଳି ରିପୋର୍ଟ କଲା ସମୟରେ ପୀଡିତାଙ୍କ ନାମ, ଚିତ୍ରକୁ ପ୍ରକାଶିତ କରାଯିବ ନାହିଁ । ଯଦିବା ସେ ଘଟଣାର ମୁଖ୍ୟ, ତଥାପି ତାଙ୍କ ଛଦ୍ମ ନାମ ବ୍ୟବହାର କରାଯିବ ।

ପ୍ରେସ କାଇନସିଲ ଅଫ୍ ଇଣ୍ଡିଆର ନିୟମ ଅନୁଯାୟୀ ପ୍ରାପ୍ତ ବୟସ୍କ ଶିଶୁକୁ ଦୁଷ୍କର୍ମ ବା ବାଲ୍ୟବିବାହ ପାଇଁ ବାଧ କରୁଥିବା ଶିଶୁଙ୍କ ନାମ କି ଚିତ୍ର ପ୍ରକାଶିତ ହୋଇପାରିବ ନାହିଁ ।

## ୨.୪ ଷ୍ଟିଙ୍ଗ୍ ସାମ୍ବାଦିକତା

ଷ୍ଟିଙ୍ଗ୍ ସାମ୍ବାଦିକତା ହେଉଛି ଅନୁସନ୍ଧାନମୂଳକ ସାମ୍ବାଦିକତା । ବିଭ୍ରାନ୍ତିକର ଅନୁସନନ୍ଧାନରେ ଏଭଳି ଷ୍ଟିଙ୍ଗ୍ ସାମ୍ବାଦିକତା ପ୍ରୟୋଗରେ ଅପରାଧୀକୁ ଧରିବାକୁ ଚେଷ୍ଟା କରାଯାଏ । ରିପୋର୍ଟ ଦିଗରେ ଜନତାଙ୍କ ଉତ୍ସାହ ଦେଖି ଘଟଣାର କିଛି ଗୋପନୀୟ ରେକର୍ଡିଂ ପ୍ରସ୍ତୁତ କରି ପ୍ରମାଣସ୍ୱରୂପ ପ୍ରଦର୍ଶୀତ କରାଯାଏ । ଏଭଳି ଗୋପନୀୟ ରେକର୍ଡିଂ ଯୁକ୍ତିଯୁକ୍ତ ଯେତେବେଳେ ଦର୍ଶକ ଘଟଣାର ବିଷୟବସ୍ତୁ ଦେଖାଇପାରିନାହାଁନ୍ତି ବା ଶୁଣିନାହାଁନ୍ତି । ଗୋପନୀୟ ରେକର୍ଡିଂର ଆବଶ୍ୟକତା ନିମ୍ନୋକ୍ତ ବିଷୟରେ ଉପଯୋଗୀ ହୋଇଥାଏ –

- ପ୍ରମାଣ ସେଠି ଆବଶ୍ୟକ, ଯେଉଁଠି ଅପରାଧ ମନୋପ୍ରବଣ ତୀବ୍ରମାତ୍ରାରେ ରହିଥାଏ
- ଯେଉଁଠି ଖୋଲାଖୋଲିଭାବେ ପାଖକୁ ବଢ଼ିବା ସଫଳ ହୋଇପାରୁନାହିଁ
- ପ୍ରମାଣ ଏକଜୁଟ କରିବା
- ଜନତାଙ୍କ ଆଗ୍ରହାନୁଯାୟୀ ଗ୍ରାହକ , ସାମାଜିକ ଏବଂ ବୈଜ୍ଞାନିକ ଗବେଷକ

ସବୁ ଘଟଣାରେ ତଥ୍ୟ ଏକତ୍ରୀତ କରିବା ସଠିକ୍ ଏବଂ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦର୍ଶନ ସଠିକ୍ । ମାତ୍ର ଏସବୁରେ ସାମ୍ବାଦିକଙ୍କୁ ଆଇନଗତ ବାଧତା ଦୃଷ୍ଟିରୁ ଅତୀତ ଅଭିମୁଖୀ ସମ୍ମତି ନେବାକୁ ପଡିବ ଏବଂ କିଛି ଘଟଣାର କେତେକ ତଥ୍ୟକୁ ଉନ୍ମୋଚନ ନ କରିବା ବିଧେୟ ।
ଗୋପନୀୟ ରେକର୍ଡିଂରେ ଅନ୍ତର୍ଭୁକ୍ତ ହୁଏ –

- ଲୁକ୍କାୟିତ କ୍ୟାମେରା ଏବଂ ମାଇକ୍ରୋଫୋନ
- ଅଧିକ ଦୂରଗାମୀ ଅଡିଓ-ଭିଡିଓ ଉପକରଣ
- ଛୋଟ ଭିଡିଓ କ୍ୟାମେରା
- ଡ୍ରୋନ କ୍ୟାମେରାର ବ୍ୟବହାର
- ଗୁପ୍ତ କ୍ୟାମେରା
- ଫୋନକଲ
- ସାକ୍ଷାତକାର ସମାପ୍ତ ପରେ ବି ରେକର୍ଡିଂ ଚାଲୁରଖିବା

ଯଦି ତୁମେ ଗୋପନୀୟ ରେକର୍ଡିଂ କରୁଛ, ତେବେ ନିଜ ବିଭାଗୀୟ ମ୍ୟାନେଜରଙ୍କ ସ୍ୱୀକୃତି ନେବା ଆବଶ୍ୟକ । ତୁମ ସଂସ୍ଥାର କିଛି ପ୍ରକ୍ରିୟା ରହିଥିବ । ନିଶ୍ଚିତ ହେବା ଆବଶ୍ୟକ ଯେ, ତୁମ କାର୍ଯ୍ୟକଳାପ ତାଙ୍କୁ ଅଛପା ନ ରହୁ । ଏଥିରେ ସମ୍ପୃକ୍ତ ନିୟମାବଳୀ ଯଥାକ୍ରମେ-

- ବୟସ୍କ ସମ୍ପାଦକୀୟ ସମ୍ମତି ଏବଂ ହସ୍ତାକ୍ଷର ତଥ୍ୟ
- ସ୍ୱଷ୍ଟ ଘୋଷଣା ରହିବା ଆବଶ୍ୟକ ଯେ, ଏହି କାର୍ଯ୍ୟକଳାପ କାହିଁକି ଜନ ଉତ୍ସାହମତେ ହେଉଛି
- ତଥ୍ୟର ବ୍ୟବହାର ଉପରେ ଏକ ଘୋଷଣା ରହିବ
- ଆଇନ ମତରେ କାର୍ଯ୍ୟ ସମ୍ପାଦନ ପାଇଁ ସାର୍ଟିଫିକେଟ ବା ଲାଇସେନ୍‌ସର ଆବଶ୍ୟକତା ପଡିପାରେ
- ପ୍ରସାରଣ ଆବଶ୍ୟକୀୟ ଭିଡିଓ ଏବଂ ଅନାବଶ୍ୟକ ତଥ୍ୟର ଏକ ସାରଣୀ ପ୍ରସ୍ତୁତ
- ତଥ୍ୟ ବ୍ୟବହାରରେ ଠକାମୀ ନକରିବାକୁ ସ୍ୱୀକାରୋକ୍ତି ଜମା

ଶେଷ ଉକ୍ତି ସବୁଠୁ ଗୁରୁତ୍ୱପୂର୍ଣ୍ଣ ରହିଥାଏ । ସାମ୍ବାଦିକ ଅଧିକ ଚାପରେ ଆସିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଫଳରେ ଏମାନେ ସମ୍ପାଦନା ଏବଂ ନ୍ୟୁଜ୍ ତଥ୍ୟର ସଠିକ୍ ବ୍ୟବହାର କରନ୍ତି ନାହିଁ । ଫଳରେ ସଠିକ୍ ଶିରୋନାମା ଦେବାରେ ବିଫଳ ହୁଅନ୍ତି ।

ଯଦି ତୁମେ ସଂଗୃହିତ ତଥ୍ୟକୁ ଭବିଷ୍ୟତରେ ବ୍ୟବହାର ଉଦ୍ଦେଶ୍ୟ ରଖି ଗୋପନୀୟ ରଖ, ସେହି ବର୍ଷର ସମୀକ୍ଷା କରିବ ଅଥବା ଏହାର ବିବରଣୀକୁ ଦର୍ଶାଇବ । ହୁଏତ ତୁମକୁ ସମସ୍ତ ଘଟଣା ଉପରେ ପୁନର୍ବାର ନଜର ପକାଇବାକୁ ପଡିପାରେ , ହେଲେ ସର୍ବପ୍ରଥମେ ଆଇନଗତ ଅନୁମତି ଆଣିବା ଆବଶ୍ୟକ ।

ଜନତାଙ୍କ ଇଚ୍ଛାନୁଯାୟୀ ନିଆଯାଉଥିବା ପ୍ରତ୍ୟେକ ନିଷ୍ପତ୍ତି ପାଇଁ ନିମ୍ନୋକ୍ତ ନିୟମ ଅନୁସରଣ କରିବା ଆବଶ୍ୟକ –

- ବ୍ୟକ୍ତିଗତ ସ୍ଥାନ ଚୟନ ଯେଉଁଠି ସାଧାରଣ ଜନତାଙ୍କ ବଶବର୍ତ୍ତୀ ନଥିବ
- ଯେଉଁଠୁ ଲୋକେ ଡାକ୍ତରୀ ସୁବିଧା ପାଇପାରୁଥିବେ
- ଦୁଃଖ ଏବଂ ଅତ୍ୟନ୍ତ ଚିନ୍ତାଶୀଳ ଘଟଣାରେ

କ୍ରାଇମ ଏବଂ ଅସାମାଜିକ, ଅମାନବୀୟ ଘଟଣା ଯାହାକି ବ୍ୟକ୍ତିଗତସ୍ତରରେ ହେଉଛି ତାକୁ ଲୁକ୍କାୟିତ କ୍ୟାମେରା ରେକର୍ଡ କରୁଛି , ଏଥିପାଇଁ ପୁନର୍ବାର କ୍ୟାମେରା ଧରି ରେକର୍ଡ କରିବା ପାଇଁ ତତ୍ପର ହେବା ଅନାବଶ୍ୟକ । ଏହା କାହାର ବ୍ୟକ୍ତିଗତ ମାମଲା ବି ହୋଇପାରେ ।

ଏହିପରି, ଜଘନ୍ୟ ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ କୌଣସି ବି ଫୁଟେଜ୍ ଭୁଲବଶତଃ ଛାଡିବେ ନାହିଁ । ଏଥିପାଇଁ ଉପରୋକ୍ତ ସମ୍ପାଦକ ତଥା ଜନତାଙ୍କୁ ସ୍ୱଷ୍ଟୀକରଣ କରିବା ଆବଶ୍ୟକ ପଡିଥାଏ ।

## ୨.୫ କାମଳ (ୟେଲୋ) ସାମ୍ବାଦିକତା

ଉଣେଇଶହ ଶତାବ୍ଦୀ ପରଠୁ ଗଣମାଧମର ପ୍ରଚାର ଏବଂ ଅଗ୍ରସରତା ଦ୍ରୁତ ଗତିରେ ବୃଦ୍ଧି ପାଇଛି । କାରଣ ଏ ସମୟରେ ନୂତନ ସାମ୍ବାଦିକତାର ଜନ୍ମଲାଭ ହୋଇଛି । ଗଣମାଧମର ଉନ୍ନତି ପାଇଁ କାମଳ ସାମ୍ବାଦିକତା ଏକ ବିରାଟ ଅଧ୍ୟାୟ । ଏହି ପ୍ରତିଯୋଗୀ ପ୍ରସଙ୍ଗରେ ଅତିକାୟ ମନୋଭାବ ମାଲିକଙ୍କ ଖବରକାଗଜ, କେତେକ ଅତିରିକ୍ତ କ୍ରୁର ପାଠକଙ୍କ ସଂଖ୍ୟା ବୃଦ୍ଧି ପାଇଲା । ନିଜର ଖବରକାଗଜର ସଂଖ୍ୟା ବୃଦ୍ଧି ପାଇଁ କିଛି ବି ବିଷୟ ଏବଂ ପନ୍ଥାକୁ ଅବଲମ୍ବନ କରିବାକୁ ପଛଘୁଞ୍ଚା ଦେଲେ ନାହିଁ । ଫଳରେ ଏହା ବିଜ୍ଞାପନର ସଂଖ୍ୟା ବୃଦ୍ଧି କରାଇବାରେ ସହାୟକ ହେଲା ଏବଂ ଅର୍ଥନୈତିକ ବ୍ୟବସାୟ ବି ବେଶ୍ ଆଶାଜନକ ହୋଇପାରିଲା । ଫିଚର, ଗିମିକ୍, ଯାନ୍ତ୍ରିକ ଉପକରଣ ଏବଂ ଅନ୍ୟାନ୍ୟ ଉପାୟ ବ୍ୟବହାର କରି ନିଜ ପାଠକ ସଂଖ୍ୟା ବୃଦ୍ଧି କରି ଖବରକାଗଜର ଜନପ୍ରିୟତା ହାସଲ  ଦିଗରେ ଲାଗି ପଡିଲେ ।

ଖବରକାଗଜ ବ୍ୟବହାର କରୁଥିବା ଅନେକ ଉପକରଣ ୧୮୯୦ ମସିହାର ରିଭେଲେରିସ (ଏହା ମଧ୍ୟରୁ କିଛିଟା ରଙ୍ଗୀନ କମିକ୍ ଥିଲା, ଏହା ମଧ୍ୟରୁ ଗୋଟିଏ କମିକ୍ର ନାକରଣ ହୋଇଥିଲା ୟେଲୋ କମିକ୍ । ଏଥିରୁ କାମଳ ସାମ୍ବାଦିକତା ବା ୟେଲୋ ଜର୍ଣ୍ଣାଲିଜିମ୍ର ଉତ୍ପତ୍ତି) । କାମଳ ସାମ୍ବାଦିକତା ମ୍ୟଟେଡ୍ ବିଭାଗ । ଏହା ସାଧାରଣ ସାମ୍ବାଦିକତାର ନୀତି ନିୟମକୁ ପାଳନ କରେ ନାହିଁ । କାମଳ ସାମ୍ବାଦିକତା ଘଟଣାକୁ ଅତିରଞ୍ଜିତ, ବିକ୍ଷିପ୍ତ ଏବଂ ଭ୍ରାନ୍ତ ରୂପରେ ପାଠକଙ୍କୁ ଆକର୍ଷିତ କରିବା ପାଇଁ ପ୍ରକାଶିତ କରିଥାଏ । ୟେଲୋ ଜର୍ଣ୍ଣାଲିଜିମ୍ ଘଟଣାସ୍ଥଳକୁ ନ ଯାଇ ଭୁଲ୍ ରିପୋର୍ଟିଂ କରିବାକୁ ପ୍ରୋତ୍ସାହିତ କରିଥାଏ । ରିପୋର୍ଟର ସମ୍ପୂର୍ଣ୍ଣ ତଥ୍ୟ ନ ଥାଇ ପ୍ରସାରଣ ନ୍ୟୁଜ୍ ସହ ଖେଳିବା ବା ଅସମ୍ମାନ । ଏହା ପ୍ରବଳ ଉତ୍ତେଜନା, ଲୋକଙ୍କ ଆବେଗକୁ ପ୍ରଭାବିତ କରିବା, ବିଷୟ ବସ୍ତୁ ପ୍ରତି ଉନ୍ମାଦନା ସୃଷ୍ଟି କରିବା, ବଦନାମ କରିବା ବା ଲୋକଙ୍କ ମନରେ ନାନାଦି ମତାମତ ଆଣିବା ଏସବୁର ଲକ୍ଷ୍ୟ ରଖିଥାଏ ।

ଦି ବେଟେଲ ଅନ୍ ନ୍ୟୁୟର୍କରେ ୱିଲିୟମ୍ ରେନଡଲଫ୍ ହର୍ସ ଜର୍ଣ୍ଣାଲ ଏବଂ ଜୋସେଫ୍ ପଲଜର ୱାର୍ଲଡ ୧୯୦୦ ଶତାବ୍ଦୀର ଶେଷ ଆଡକୁ କାମଳ ସାମ୍ବାଦିକତାର ଆବିର୍ଭାବ ଉପରେ ଉଲ୍ଲେଖ କରିଛନ୍ତି ।

**କାମଳ ସାମ୍ବାଦିକତା-**

**ଏହାର ଆବିର୍ଭାବ ୧୮୯୦ ଶତାବ୍ଦୀର ମଧଭାଗରେ ଜୋସେଫ୍ ପଲଜର୍ , ନ୍ୟୁୟର୍କ ୱାର୍ଲଡ ଏବଂ ୱିଲିୟମ୍ ରେନଡଲଫ୍ ହର୍ସ , ନ୍ୟୁୟର୍କର ଦୁଇ ଜଣଙ୍କ ବିବାଦରୁ ହିଁ ହୋଇଥିଲା । ଲୋକଙ୍କ ମଧରେ ଉତ୍ତେଜନା ସୃଷ୍ଟି କରି ନିଜ ଖବରକାଗଜର ପ୍ରଚାର ପ୍ରସାର କରିବା ଏହାର ଲକ୍ଷ୍ୟ ।**

ଭାରତରେ ଏହି ରୀତି ଏବେ ଗଣମାଧମ ସଂସ୍ଥାରେ ଦ୍ରୁତଗତିରେ ସଂକ୍ରମଣ କରିଚାଲିଛି  । ଭାରି ପ୍ରାଚୀର ଏବଂ ରୁଚିହୀନ ଭାବେ ଏହା ଗଣମାଧମରେ ସ୍ଥାନିତ ହୋଇଛି । ଖବରକାଗଜ ଏବଂ ଟେଲିଭିଜନ ସଂସ୍ଥା ନିଜର ପ୍ରଚାର ଏବଂ ଅଧିକ ଦର୍ଶକ ବୃଦ୍ଧି ନିମନ୍ତେ ଏଭଳି କାର୍ଯ୍ୟ ପାଇଁ ସାମ୍ବାଦିକଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଏଭଳି ଅଭ୍ୟାସ ଜାରି ରଖିବାକୁ କହୁଛନ୍ତି । ପ୍ରତିଷ୍ଠିତ ସମ୍ପାଦକ, ଲେଖକ, ରିପୋର୍ଟର ବି ଘଟଣାକୁ ସଜାଇ, ନ୍ୟୁଜ୍ ଆଇଟମ୍ର ମାନ୍ୟତା ଦେଇ ପ୍ରକାଶିତ କରୁଛନ୍ତି । ଏହା ପୁଣି ଲୋକଙ୍କ ଆବେଗକୁ ପ୍ରଭାବିତ କଲାଭଳି ହୋଇଥାଏ । ବିବାଦ  କିମ୍ବା ମୃତ୍ୟୁ ଏହା ସାଧାରଣ ବିଷୟ । ମାତ୍ର ଏପରି ସ୍ଥାନରେ ଘଟଣାରେ ମସାଲା ମିଶାଇବା କି ଅଧିକ ଲମ୍ବା କରି ପ୍ରସାରଣ କରିବାର ଯଥାର୍ଥତା ନଥାଏ ।

ଅଧିକାଂଶ ଜନତା ୟେଲୋ ସାମ୍ବାଦିକତାର କାରଣ ଏବଂ ଲକ୍ଷଣ ବହୁ ସହଜରେ ଚିହ୍ନଟ କରିପାରନ୍ତି । ଅନ୍ୟ ପଟରେ ଘୃଣ୍ୟ କାର୍ଯ୍ୟ ହେଉଛି ଭିଜୁଆଲ । ଅଧିକ ବଡ ଅକ୍ଷର, ରଙ୍ଗୀନ ଫଟୋଚିତ୍ର, କାଳ୍ପନିକ କାହାଣୀ, ଅନାବଶ୍ୟକ ତଥ୍ୟ ଦେଇ ଘଟଣାକୁ ସୁନ୍ଦର କରିବାକୁ ଚେଷ୍ଟା କରାଯାଇଥାଏ । ଅଧିକାଂଶ ସମୟରେ ବଡ ବଡ ଅକ୍ଷରରେ ରିପୋର୍ଟ ପ୍ରକାଶିତ ହେବାର ମୁଖ୍ୟ କାରଣ ହୋଇଥାଏ ଅନାବଶ୍ୟକ ଏବଂ ଅତିରଞ୍ଜିତ କରି କାହାଣୀକୁ ଦର୍ଶକଙ୍କୁ ପଢିବାକୁ ବାଧ କରିବା । କେତେକ ସମୟରେ ଗଣମାଧ୍ୟମ ମିଛ କାହାଣୀ କରି ଅପପ୍ରଚାର କରିଥାଏ, ମିଛ ସଂଳାପ ଏବଂ କୃତ୍ରିମ ସାକ୍ଷାତକାରର କାହାଣୀ ତିଆରି କରିଥାଏ ।

ଖବରକାଗଜ ବି ଏଥିରେ ପଛରେ ରହେ ନାହିଁ । ଯଦି ଘଟଣା ବାହାର ସ୍ଥାନର ହୋଇଥାଏ ଲୋକେ ଅଧିକ ଉତ୍ସୁକ ରହିଥାନ୍ତି ଘଟଣା ସଂପର୍କରେ ଜାଣିବା ପାଇଁ । ସଲମାନ-ସାରୁଖ- କ୍ୟାଟ୍ରିନା ମନୋମାଳିନ୍ୟ, ସୌରଭ ଗାଙ୍ଗୁଲି- ଚାପେଲଙ୍କ ମଧରେ କଥାବାର୍ତ୍ତା, ମୋଦୀଙ୍କ ବିଦେଶ ଗସ୍ତ ଏଭଳି ରିପୋର୍ଟ ଜାଣିବାକୁ ଲୋକେ ଆଗ୍ରହ ଥିବାବେଳେ ଖବରକାଗଜ ସଂସ୍ଥା ଏହାକୁ ରିପୋର୍ଟ କରିବାରେ ଆଦୌ ସୁଯୋଗ ହାତ ଛଡା କରେ ନାହିଁ ।

ଭାରତୀୟ ଗଣମାଧ୍ୟମ ନିଜର ମାନ ହରାଇବାରେ ଲାଗିଲାଣି । ଏହାର କାରଣ ହେଉଛି ଗଣମାଧ୍ୟମ ନୀତି ଉଲ୍ଲଂଘନ, ଅନାବଶ୍ୟକ ତଥ୍ୟକୁ ଗୁରୁତ୍ୱ ଦେଇ ସଂଗ୍ରହ କରିବା ଏବଂ ତା ପଛରେ ତତ୍ପର ହେବା ଏସବୁ କାର୍ଯ୍ୟକଳାପ ସଂସ୍ଥାର ଅଧପତନ କରାଇବାରେ ଲାଗିଛି । ଭାରତ ନୂତନ ଜନ୍ମିତ ଦେଶଭାବେ ନିରପେକ୍ଷ ଖବର ଉପସ୍ଥାପନ କରିବା ଆବଶ୍ୟକ । ନବଜାତ ଶିଶୁ ହିସାବରେ ଭାରତ ନିଜ ଯୁବାବସ୍ଥାରେ କ'ଣ ଆବଶ୍ୟକ କରେ ଏବଂ କ'ଣ କରିବାକୁ ଚାହୁଁଛି ଏସବୁ ଦର୍ଶାହେବା ଆବଶ୍ୟକ । ଅଭିଜ୍ଞ ଗଣମାଧ୍ୟମ ସଂସ୍ଥାରେ ବିଚାରଶୀଳ ଚିନ୍ତାଧାରା ରହିବା ଆବଶ୍ୟକ ଯେ, କେଉଁ ଘଟଣାକୁ ଆମେ ଗୁରୁତ୍ୱ ଦେଇ ପ୍ରକାଶନ କରିବା ଏବଂ କେଉଁଟିକୁ ଏଥିରୁ ବାଦ୍ ଦେବା । ଏଭଳି ବିବେକର ଅଭାବ ପରିଲକ୍ଷିତ ହେବାର ଦେଖିବାକୁ ମିଳୁଛି । ଭାରତ ଆବଶ୍ୟକ କରେ ସତ୍ୟ, ନା କି ପକ୍ଷପାତ । ଆମର ଗଣମାଧ୍ୟମ ବୃହତ୍ ଏବଂ ଝାପ୍ସା ପରିବର୍ତ୍ତେ ଅଗ୍ରଗାମୀ ଏବଂ ବିବେକୀ ହେବା ଆବଶ୍ୟକ ।

ଭାରତରେ ଅନେକ ହିନ୍ଦୀ ଗଣମାଧ୍ୟମ ସଂସ୍ଥା ୟେଲୋ ଜର୍ଣ୍ଣାଲିଜିମର ଅଭ୍ୟାସ କରୁଛନ୍ତି । ତାଙ୍କର ଅସଙ୍ଗତି ସହ କେହି ପ୍ରତିଯୋଗୀତା କରିପାରିବେ ନାହିଁ କି ରେକର୍ଡ ଭଗ୍ନ କରିପାରିବେ ନାହିଁ । ଏହି ଚ୍ୟାନେଲସବୁର ଏଭଳି ଭିତ୍ତିହୀନ ଏବଂ ଅଳଙ୍କାରହୀନ ପଦକ୍ଷେପର ଶୁଭାରମ୍ଭ ଐତିହାସିକପୂର୍ଣ୍ଣ । ସାଧାରଣ ରିପୋର୍ଟରେ ଚାଞ୍ଚଲ୍ୟକର ଶବ୍ଦ ଏବଂ ଆବେଗ ବ୍ୟବହାରର ଯଥାର୍ଥତା କଣ ରହିଛି (ଉଦାହରଣ ସ୍ୱରୂପ ଅମିତାଭ ବଚ୍ଚନଙ୍କ ଦେହ ଅସୁସ୍ଥ ଥିବାରୁ ସେ ଡାକ୍ତରଖାନା ଯାଇ ସୁସ୍ଥ ହୋଇଫେରିଲେ , ଏହାକୁ ତାଙ୍କର ପୁର୍ନଜନ୍ମ କହି ବ୍ରେକିଙ୍ଗ ନ୍ୟୁଜ୍‌ରେ ସ୍ଥାନ ଦେବାର ଯଥାର୍ଥତା କିଛି ନାହିଁ ।) । ଏମାନେ କୌଣସି ବିଷୟକୁ ବି ମସାଲା ଦେଇ ନ୍ୟୁଜ୍‌ରୂପେ ପ୍ରକାଶିତ କରନ୍ତି (ବିଲେଇ ଯଦି ଅସୁବିଧାରେ ପଡି ଘରର ଉପର ମହଲାରୁ ତଳକୁ ଆସି ପାରୁନାହିଁ ଏହାକୁ ଅଧଘଣ୍ଟିଆ ଖବର କରିବା ମୂର୍ଖାମୀ) । ନିଜର ଦର୍ଶକଙ୍କ ଅନୁମତି ନେଇ କିଛି ବି ବିଷୟକୁ ନ୍ୟୁଜ୍ ଆକାରରେ ଦେଖାଇବା ଯଥାର୍ଥ ନୁହେଁ ।

ଏଭଳି ନ୍ୟୁଜ୍ ପ୍ରସାରଣକୁ ନେଇ ଗଣମାଧମ ସଂସ୍ଥାର ମାଲିକ ସବୁ ଦିଗ ଉପରେ ସତର୍କ ରହିବା ଆବଶ୍ୟକ । ଏମାନେ ବି ଅନୁଭବ କରନ୍ତି ଜନତା ପ୍ରସାରିତ କାର୍ଯ୍ୟକ୍ରମ ଉପରେ ଆଗ୍ରହୀ ହେବେ । ଏଥିପାଇଁ ଏହା ବ୍ରେକିଙ୍ଗ୍ ନ୍ୟୁଜ୍ ରୂପରେ ପ୍ରସାରିତ ହୁଏ । ଏବେ ଅନେକ ନ୍ୟୁଜ୍ ଚ୍ୟାନେଲ ଏଭଳି ଉତ୍ତେଜନାପୂର୍ଣ୍ଣ କାହାଣୀ ଉପରେ ଗୁରୁତ୍ୱ ଦେଉଛନ୍ତି । କାହିଁକି ? ସରଳଭାବରେ କହିଲେ ଏମାନେ ଏହାକୁ ବେପାର ବା ନିଜର ବ୍ୟବସାୟରେ ପରିଣତ କଲେଣି ଏବଂ ନିଜ ପ୍ରଶଂସକ ବଢାଇବାକୁ ଏମାନେ କୌଣସି ଘଟଣାକୁ ନ୍ୟୁଜ୍ ରୂପାନ୍ତର ଦେଇପାରିବେ । ଏମାନେ ଛୋଟ ବଜାର ତିଆରି କରିବାକୁ ଚାହାଁନ୍ତି ଯେଉଁଠି ପାଠକ ଏଭଳି ଉତ୍ତେଜିତ ଘଟଣା ବା ଆବେଗଭରା ଘଟଣାକୁ ଦେଖନ୍ତୁ । ଗୁରୁତ୍ୱପୂର୍ଣ୍ଣ ନ୍ୟୁଜ୍ ଉପରେ ହୁଏତ କମ୍ ନଜର ଦିଅନ୍ତୁ ।

ନ୍ୟୁଜ୍ ଉପସ୍ଥାପକ/ଉପସ୍ଥାପିକା ନିଜ କହିବାଶୈଳୀକୁ ବି ଏଥିପାଇଁ ପରିବର୍ତ୍ତିତ କରି ଘଟଣାନୁଯାୟୀ ପ୍ରଦର୍ଶନ କରିଥାନ୍ତି । ନ୍ୟୁଜ୍ ଉପସ୍ଥାପନ ଏଭଳି କରିଥାନ୍ତି ଯେମିତି ଏହା ରାସ୍ତାକଡରୁ ସଂଗୃହିତ ହୋଇଛି । ପେସାଗତ ନ୍ୟୁଜ୍ ଆଙ୍କରଙ୍କଠୁଁ ବହୁ ଗୁଣରେ ନିମ୍ନମାନର ଉପସ୍ଥାପନ କରି ନିଜକୁ କଳାକାରର ମାନ୍ୟତା ଦେଇଥାନ୍ତି । ବାସ୍ତବରେ ଏହା ଦୁଃଖଦ ବିଷୟ ।

## ୨.୬ ପେଡ୍ ନ୍ୟୁଜ୍

ପେଡ୍ ନ୍ୟୁଜ୍ ବା ପେଡ୍ କଣ୍ଟେଣ୍ଟ (ଟଙ୍କା ଦେଇ କିଣାଯାଉଥିବା ଖବର) ଏହା ଖବରକାଗଜ, ପତ୍ରପତ୍ରିକା ଏବଂ ଇଲେକ୍ଟ୍ରୋନିକ୍ ଗଣମାଧମର ସେହି ଖବର ଯାହାକି ସଂସ୍ଥାର ସପକ୍ଷରେ ଲେଖା ଛାପିଥାଏ ବା ପ୍ରସାରଣ କରିଥାଏ । ଏହି ନ୍ୟୁଜ୍ ବିଜ୍ଞାପନ ଭଳି ହୋଇଥାଏ, ମାତ୍ର ଏଥିରେ କୌଣସି ଟ୍ୟାଗ୍ ଲାଇନ ନଥାଏ । ଏହି ପ୍ରକାର ନ୍ୟୁଜ୍ ଦୁର୍ନୀତିର ପ୍ରତିସ୍ୱରୂପ । ଜନତାଙ୍କୁ ଠକି ନ୍ୟୁଜ୍ ରୂପାନ୍ତର ସ୍ୱରୂପ ଏହାକୁ ବିଜ୍ଞାପନ ମାଧମରେ ପ୍ରକାଶନ କରିଥାନ୍ତି । ଦ୍ୱିତୀୟରେ ଆୟ ବିନିଯୋଗର ପନ୍ଥା ଭାୟୋଲେଟ୍ ଟ୍ୟାକ୍ସ ଏବଂ ଇଲେକ୍ସନ୍ ଆଇନ ଅନୁଯାୟୀ ଦିଆଯାଏ । ମାତ୍ର ସବୁଠୁଁ ଗମ୍ଭୀର ପରିସ୍ଥିତି ହୁଏ ଇଲେକ୍ସନ୍ ସମୟରେ ଇଲେକ୍ଟ୍ରୋନିକ୍ ଗଣମାଧମରେ ଏଭଳି ବିଜ୍ଞାପନ ଦ୍ୱାରା ପ୍ରଚାର ପ୍ରସାରଣ । ଏହା ଭୋଟରଙ୍କୁ ପ୍ରଭାବିତ କରିବାର ସହଜ ଉପାୟ । କାରଣ ଦୁର୍ଗମ ଗ୍ରାମୀଣ ପରିବାରର ଜନତା ରାଜ୍ୟ କି ଦେଶର ଖବର ଜାଣନ୍ତି ନାହିଁ । ଏଣୁ ପ୍ରଚାର ଦ୍ୱାରା ଯାହା ବି କୁହାଯାଏ ତାକୁ ଏମାନେ ସତ୍ୟ ମାନିନିଅନ୍ତି ।

ପେଡ୍ ନ୍ୟୁଜ୍ ଭାରତୀୟ ଗଣମାଧମରେ ଏକ ଅଧ୍ୟାୟ ଯେଉଁଠି, ପ୍ରକୃତ ଗଣମାଧମ ସହ ଜଡିତ ହୋଇ ଟଙ୍କା ନେଇ ସଂସ୍ଥା ସପକ୍ଷରେ ନ୍ୟୁଜ୍ ପ୍ରକାଶନର ମାଧମ । ଏଭଳି ନ୍ୟୁଜ୍ ପ୍ରକାଶନ କେବଳ ରାଜନେତା, ବ୍ୟବସାୟୀ, ପ୍ରତିଷ୍ଠିତ ବ୍ୟକ୍ତି, ଅଭିନେତା, ଅଭିନେତ୍ରୀ ହିଁ କରନ୍ତି, କାରଣ ଏହା ଦ୍ୱାରା ଏମାନେ ନିଜର ଲୋକପ୍ରିୟତା ବଢାଇପାରନ୍ତି ଏବଂ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହଜ ହୋଇଥାଏ ।

ଭାରତୀୟ ଇଲେକ୍ସନ୍ କମିଶନ ଏହି ପେଡ୍ ନ୍ୟୁଜ୍ ମାଧମରେ ଖବର ମାଧମରେ କରାଯାଉଥିବା ଦୁର୍ନୀତିକୁ ରୋକିବାକୁ ଅନେକ ପଦକ୍ଷେପ ନେଇଛନ୍ତି । ଗଣମାଧମ ସଂସ୍ଥା ଏଭଳି କାର୍ଯ୍ୟକୁ ରୋକିବା ପାଇଁ ନିଷ୍ପତ୍ତି ନେବା ସହ ଏକତ୍ର ହୋଇ ପଦକ୍ଷେପ ଗ୍ରହଣ କଲେ ଏହି ଦୁର୍ନୀତିକୁ ରୋକାଯାଇପାରିବ । ଏହି ନିଷ୍ପତ୍ତିରେ ଅନେକ ସଂସ୍ଥା ନୀରବ ରହିବାର ଦେଖାଯାଏ । ଏମିତିକି ଏପରି ନ୍ୟୁଜ୍

ଆବଶ୍ୟକତାନୁଯାୟୀ ଛୋଟ କରି ପ୍ରକାଶ ବି କରାଯାଇପାରିବ । ମାତ୍ର ବାସ୍ତବିକସ୍ତରରେ ଏହା ସମ୍ଭବପର ହେଉନାହିଁ ।

## ୨.୭ ମିଡିଆ ନେଟ୍ ଏବଂ ବେସରକାରୀ ସନ୍ଧି

୨୦୦୩ ମସିହାରେ ପ୍ରତିଷ୍ଠିତ ଖବରକାଗଜ "ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍" ଏକ ସଂସ୍ଥା ନିର୍ମାଣ କଲେ ଯାହାର ନାମକରଣ ହେଲା 'ମିଡିଆନେଟ୍' । ଏଥିରେ ଏକ ସ୍ଥାନ ରହିଲା ପରିପୂରକ ବିଜ୍ଞାପନ ପାଇଁ, ଏହା ଦ୍ୱାରା ସଂସ୍ଥାର ଆୟର ପନ୍ଥା ବି ମିଳିପାରିଲା । ଏହି ପରିପୂରକ ବସ୍ତୁ ବିକ୍ରି ହେଲା ଏବଂ ବଣ୍ଟନ ହେଲା ମୁଖ୍ୟଖବର ସହ ଓ ଏହାର ନାମ ହେଲା 'ଡେଲି ଟାଇମ୍ସ' ବା 'ବମ୍ବେ ଟାଇମ୍ସ' । ପରେ ପରେ ଏହାର ନାମକରଣ ସହରର ଗଠନାନୁଯାୟୀ ନାମିତ ହେଲା । ଅର୍ଥ ଅନୁଯାୟୀ ସଂସ୍ଥା ପରିପୂରକ ବିଷୟର ପ୍ରକାଶନ ବା ପ୍ରସାରଣ କରୁଥିଲେ । ସାମ୍ବାଦିକଙ୍କୁ ବିଭିନ୍ନ ସଂସ୍ଥାକୁ ପଠାଇ ବସ୍ତୁର ପ୍ରଥମ ବଜାର ପ୍ରବେଶ କିମ୍ବା କଳାକାରଙ୍କ କୌଣସି କାର୍ଯ୍ୟକ୍ରମକୁ ପ୍ରଚାରପ୍ରସାର ନିମନ୍ତେ ଗଣମାଧମରେ ପ୍ରକାଶନ ପାଇଁ ଟାରିଫ୍ ପ୍ଲାନ୍ ଦେବାକୁ ନିର୍ଦ୍ଦେଶ ଦିଆଯାଏ । ବିଜ୍ଞାପନର ତଥ୍ୟ ସଂସ୍ଥାର ରିପୋର୍ଟରଙ୍କ ଦ୍ୱାରା ହିଁ ଲେଖାଯାଏ । ଜନତାଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ କଳାକାର, ରାଜନେତା, କମ୍ପାନୀ ଏସବୁ ପନ୍ଥାକୁ ଖୁବ୍ ସହଜରେ ଆପଣେଇଥାନ୍ତି । ନିଜର ଲୋକପ୍ରିୟତା ବିଜ୍ଞାପନ ମାଧମରେ ହାସଲ କରିଥାନ୍ତି । ଏଭଳି ବିଜ୍ଞାପନ ଦ୍ୱାରା ବ୍ୟକ୍ତିଙ୍କ ଚରିତ୍ର ଜନତାଙ୍କ ସମ୍ମୁଖକୁ ସ୍ୱଚ୍ଛ ଏବଂ ସ୍ପଷ୍ଟଭାବେ ଆସିଥାଏ । ଏସବୁକୁ ରିପୋର୍ଟର ନିଜ ମନ ଅନୁଯାୟୀ ପ୍ରକାଶନ କରିଥାନ୍ତି । ଏଥିରେ ସାମ୍ବାଦିକଙ୍କ ନାମ ବାଏଲାଇନ ପଛରେ ରହିଥାଏ । ଏଭଳି ଅଭ୍ୟାସ ଟାଇମ୍ସ ଅଫ୍ ଇଣ୍ଡିଆ ପାଇଁ ନୂଆ ବା ସୀମିତ ନୁହେଁ । ଅନ୍ୟ ଭାରତୀୟ ଗଣମାଧମ ବି ଏହି ପନ୍ଥାକୁ ଆପଣେଇଥାନ୍ତି । ମାତ୍ର ଟାଇମ୍ସ ଅଫ୍ ଇଣ୍ଡିଆ ଏହାକୁ ସଜ୍ଜିତ କରି ଦେଇଥାଏ ।

ମିଡିଆ ନେଟ୍ ଅଭ୍ୟାସ ଅନେକ ଭାଗରେ ସମାଲୋଚିତ ହୋଇଥାଏ । ଲୋକେ ଏଭଳି ନ୍ୟୁଜ୍‌କୁ ନିନ୍ଦା କରିଥାନ୍ତି । ୨୦୧୦ ମସିହାରେ, ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆର ସହ-କମିଟି ନିର୍ମାଣ କରି ଏହି ମଡେଲ ଏବଂ ମିଡିଆ ନେଟ୍ ଅଭ୍ୟାସ ପାଇଁ ସ୍ଥାନ ନିରୂପଣ ଏସବୁକୁ ନିରୀକ୍ଷଣ କରିଥିଲେ । ବିଶେଷ କରି ଇଲେକ୍ସନ ସମୟରେ ଟଙ୍କା ଦେଇ ଖବର ପ୍ରକାଶନକୁ ନିନ୍ଦନୀୟ ବୋଲି ଘୋଷଣା କରିଥିଲେ ।

ମିଡିଆ ନେଟ୍‌କୁ ବାଦ୍ ଦେଲେ "ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍" , ୨୦୧୫ ମସିହାରେ ଅନ୍ୟ ଏକ ବ୍ୟବସାୟିକ ପନ୍ଥା ଆପଣେଇଥିଲେ ସେ ହେଉଛି "ପ୍ରାଇଭେଟ୍ ଟ୍ରିଟିସ୍"(ବେସରକାରୀ ସନ୍ଧି) । ଭିଡିଓକନ୍ ଇଣ୍ଡିଆ ଏବଂ କାଇନେଟିକ୍ ମୋଟର୍ସ ସହ ୧୦ଟି କମ୍ପାନୀଙ୍କୁ ନିଯୁକ୍ତ କରାଯାଇଛି, "ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍" ର ଅଜ୍ଞାତ ଅର୍ଥର ନିରପେକ୍ଷ ଭାଗିଦାରୀ ପାଇଁ । ଅନ୍ୟ ପକ୍ଷରେ ବେନେଟ୍ କୋଲେମ୍ୟାନ ଏବଂ କର୍ପୋରେସନ ଲିମିଟେଡ୍ (ବିସିସିଏଲ) "ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍"ରେ ବିଜ୍ଞାପନ ନିମନ୍ତେ ସ୍ଥାନ ସଂରକ୍ଷଣ କରିବାରେ ସହାୟକ ହୋଇଥାଏ । ଏହି ଯୋଜନାର ସଫଳତା ବିସିସିଏଲକୁ ଭାରତର ସବୁଠୁ ବୃହତ୍ ବେସରକାରୀ ଇକ୍ୱିଟି ଅର୍ଥ ବିନିଯୋଗକାରୀ ରୂପେ ପରିଣତ କରିପାରିଲା । ୨୦୦୭ ମସିହାର ଶେଷରେ, ଗଣମାଧମ କମ୍ପାନୀ ସବୁ ୧୪୦ କମ୍ପାନୀରେ ଅର୍ଥ ବିନଯୋଗ ନିମନ୍ତେ ପ୍ରୋତ୍ସାହିତ କରିଛନ୍ତି । ଏହାଫଳରେ ଗଣମାଧମ ଅନ୍ୟ ଉପାୟ ଏବଂ ମନୋରଞ୍ଜନ ଦ୍ୱାରା ଏହାର ଭରଣା କରୁଛି । ଏହି ପନ୍ଥାକୁ ଅନ୍ୟ ଗଣମାଧମ ସଂସ୍ଥା ବି ନିଜର ଅର୍ଥନୈତିକ ବ୍ୟବସାୟ ବଢାଇବା ଲାଗି ବ୍ୟବହାର କରିବା ଆରମ୍ଭ କରିଦେଲେ । ଏହା ବର୍ତ୍ତମାନ କର୍ପୋରେଟ୍‌ସ୍ତରରେ ଗଣମାଧମ

ସହଭାଗିତାରେ ବିଜ୍ଞାପନ, କିଛି ଅନ୍ତର୍ଭୁକ୍ତୀକରଣ ଅଥବା ଅନ୍ୟାନ୍ୟ ସହଭାଗୀ କାର୍ଯ୍ୟ କରିବାକୁ ଆଗଭର ହେଉଛି । ବେସରକାରୀ ସନ୍ଧି ସିକ୍ୟୁରିଟି ଏକ୍ସଚେଞ୍ଜ୍ ବୋର୍ଡ ଅଫ୍ ଇଣ୍ଡିଆ (ଏସଇବିଆଇ)କୁ ବି କ୍ଷୁବ୍ଧ କରିଦେଇଛି । ଜୁଲାଇ ୨୦୦୯ ମସିହାରେ, ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ଚେୟାରମେନ୍ ଜଷ୍ଟିସ୍ ଜେ.ଏନ୍.ରାୟ ଲେଖିଛନ୍ତି, ଏଭଳି ଯୋଜନା ଇଚ୍ଛା ଏବଂ ଗଣମାଧମର ସ୍ୱାଧୀନତାର ଲଘୁକରଣ ମଧରେ ବିବାଦୀୟ ସ୍ରୋତ । ଏସଇବିଆଇ ଆହୁରି ମଧ ଲକ୍ଷ୍ୟ କଲା ଯେ, ବେସରକାରୀ ସନ୍ଧି ନ୍ୟୁଜ୍ ରିପୋର୍ଟକୁ ବ୍ୟବସାୟିକ ମାର୍ଗରେ ନେଉଛି । ସମାନ କାର୍ଯ୍ୟ ପରିଲକ୍ଷିତ ହେଉଛି ବିଜ୍ଞାପନ ଯାହାକି ଅନ୍ୟ କମ୍ପାନୀ ମାଧମରେ ପ୍ରକାଶିତ ହେଉଛି । ଅଥବା ସେମାନଙ୍କ ଇଚ୍ଛା ମୁତାବକ ଯାହା ପ୍ରକାଶିତ ହେଉଛି । ଏହା ସହ ବେସରକାରୀ ସଂସ୍ଥାର ପକ୍ଷପାତ ଏବଂ ଅସମାନଭାବେ ଖବର ପ୍ରକାଶନ କମ୍ପାନୀର ଲାଭର ପ୍ରତିଫଳନ ଦର୍ଶାଉଛି । ଏସଇବିଆଇ ଲକ୍ଷ୍ୟ କଲା ଯେ, ଏଭଳି ଖବର ପ୍ରକାଶନ କେବଳ କମ୍ପାନୀ ନିଜର ଲାଭ ସକାଶେ କରୁଛି । ମାତ୍ର ଏଥିରେ ନ୍ୟୁଜ୍‌ର କୌଣସି ଯଥାର୍ଥତା ପ୍ରତିପାଦନ ହେଉନାହିଁ କି ଅସଲ ଖବର ପ୍ରକାଶିତ ହୋଇପାରୁନାହିଁ ।

ମିଡିଆ ନେଟ୍ ଏବଂ ପ୍ରାଇଭେଟ୍ ଟ୍ରିଟିସ୍ ପେଡ୍ ନ୍ୟୁଜ୍‌ର ଅଲଗା ଶାଖା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ଖବରର ସ୍ୱାଧୀନତା ଏବଂ ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ । ନ୍ୟୁଜ୍‌ର ଅଖଣ୍ଡତା ଉଭୟ କ୍ଷେତ୍ରରେ ପ୍ରତିପାଦିତ ହୋଇପାରୁନାହିଁ । ଲକ୍ଷ ଲକ୍ଷ ଜନତାଙ୍କ ବିଶ୍ୱାସ ଏବଂ ସଚ୍ଚୋଟତାକୁ ନେଇ ଏହା ଏକ ଭ୍ରାନ୍ତଧାରଣ ତିଆରି କରୁଛି ।

## ୨.୮ ଆସ ପ୍ରଗତି ମାପିବା

୨.୧ ଗଣମାଧମ କାହିଁକି ବ୍ୟକ୍ତିଗତ ରିପୋର୍ଟିଂ କରିବାକୁ ପଛଘୁଞ୍ଚା ଦେଇଥାଏ ?

..................................................................................................

..................................................................................................

୨.୨ କେତେବେଳେ ୟେଲୋ ଜର୍ଣ୍ଣାଲିଜିମ୍ ଅଧିକ ଲୋକପ୍ରିୟତା ହାସଲ କଲା ?

..................................................................................................

..................................................................................................

୨.୩ ପେଡ୍ ନ୍ୟୁଜ୍ କହିଲେ କ'ଣ ବୁଝ ?

..................................................................................................

..................................................................................................

# ୟୁନିଟ-୩: ସାମ୍ବାଦିକତାର ଆଚରଣ ନିୟମାବଳୀ (କୋର୍ଡ ଅଫ୍ କଣ୍ଡକ୍ଟ)


୩.୦ ୟୁନିଟ ଗଠନ

୩.୧ ପଠନ ଉଦ୍ଦେଶ୍ୟ

୩.୨ ଉପକ୍ରମ

୩.୩ ସାମ୍ବାଦିକତା କୋଡ୍‌ର ଆବଶ୍ୟକତା ଏବଂ ମୂଳ କ୍ରିୟା

୩.୪ ସାମ୍ବାଦିକତା ଆଚରଣ ଉପରେ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ରୀତି

୩.୫ ସ୍ୱ-ଚାଳନା

୩.୬ଲୋକପାଳ

୩.୭ ଗଣମାଧମ ନୀତିନିୟମର ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ

୩.୮ ଆସ ପ୍ରଗତି ମାପିବା


## ୩.୧ ପଠନର ଉଦ୍ଦେଶ୍ୟ

ଏହି ବିଭାଗରେ ପେସାଗତ କୋଡ୍ ଏବଂ ସାମ୍ବାଦିକତାର ନୀତିନିୟମ ଅଭ୍ୟାସ ଉପରେ ଆଲୋଚିତ ହୋଇଛି । ବିଷୟର ଶେଷ ଭାଗରେ ଆପଣ ନିମ୍ନୋକ୍ତ ବିଷୟରେ ଜ୍ଞାନଲାଭ କରିପାରିବେ –

- ପେସାଗତ ସାମ୍ବାଦିକଙ୍କ ଦ୍ୱାରା ଅଭ୍ୟାସ କରାଯାଉଥିବା ସାମ୍ବାଦିକତାର ଆଚରଣ ନିୟମାବଳୀ (କୋର୍ଡ ଅଫ୍ କଣ୍ଡକ୍ଟ)
- ସାମ୍ବାଦିକତାକୁ ନିୟନ୍ତ୍ରଣ କରିବା ଉପକରଣ

## ୩.୨ ଉପକ୍ରମ

ପ୍ରତ୍ୟେକ ପେସାରେ ବର୍ଷ ବର୍ଷ ଧରି କିଛି ନିୟମାବଳୀ ରହିଥାଏ । ଏହାକୁ ଆଧାର କରି ଲୋକେ କାର୍ଯ୍ୟ କରିଥାନ୍ତି । ଫଳରେ ସଂସ୍ଥା ଏବଂ କାର୍ଯ୍ୟର ମାନକୁ ସୁଦୃଢ଼ କରିବା ସହ ସମାଜ ପାଇଁ କିଛି କରିବା ଏବଂ ସାମାଜିକ ଉନ୍ନତିରେ ସହାୟକ ହୋଇଥାଏ । ସାମ୍ବାଦିକତା ଆବଶ୍ୟକ କରେ ବିପୁଳ ମାତ୍ରାରେ ଜନ ବିଶ୍ୱାସନୀୟତା । ଏଣୁ ସାମ୍ବାଦିକଙ୍କୁ ଜନତାଙ୍କ ବିଶ୍ୱାସ ଜିତିବାକୁ ହେଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପେସାଦାର ଏବଂ ନୀତିନିୟମାନୁଯାୟୀ ଖବର ପ୍ରକାଶନ । ଏହି ମାନଦଣ୍ଡକୁ ସାମ୍ବାଦିକତାର ପେସାଗତ ନୀତି ବୋଲି କୁହାଯାଏ । ସାମ୍ବାଦିକର ଏହି ପେସାଗତ ଅଭ୍ୟାସ ଭିନ୍ନ ଭିନ୍ନ ସ୍ଥାନରେ ଆବଶ୍ୟକ ହୋଇଥାଏ । ନିୟମାନୁସାରେ କାର୍ଯ୍ୟ କରିବାରେ ଏହା ବିପୁଳ ମାତ୍ରାରେ ସହାୟକ ହୋଇଥାଏ । ଅଭ୍ୟାସଗତ ସାମ୍ବାଦିକ ଏଭଳି ରିପୋର୍ଟ ଦେଖିଲେ ସେ ସର୍ବଦା ନୀତିମିୟମକୁ ଗୁରୁତ୍ୱ ଦେଇ ଆହୁରି ନ୍ୟୁଜ୍‌କୁ ଯାଞ୍ଚ କରିଥାନ୍ତି ।

ନୀତିନିୟମର କୋର୍ଡକୁ ଅନୁସରଣ କରି ନ୍ୟୁଜ୍ ପ୍ରକାଶନ କଲେ ଏହା ଜନତାଙ୍କ ବିଶ୍ୱାସର ପାତ୍ର ହୋଇପାରେ । ମୁଦ୍ରଣ ଖବରକାଗଜ ବା ଅନଲାଇନ ଖବରକାଗଜ, ଇଲେକ୍ଟ୍ରୋନିକ ମିଡିଆ ସାଧାରଣ

ମିଡିଆ କୋର୍ଡ ଏବଂ ନିୟମାବଳୀକୁ ଅନୁସରଣ କରିଥାନ୍ତି । ଏହା ତାଙ୍କର ସାମ୍ବାଦିକ ନୀୟମାବଳୀର ଅନୁଧାବନ କରିଥାଏ । ସମସ୍ତ ଖବର ପାଇଁ ଏହି ନୀତି ସମାନ ରହିଥାଏ ଏବଂ ସମସ୍ତ କର୍ମଚାରୀଙ୍କୁ ମନେ ପକାଇଦିଏ ଯେ, ଏହି ନିୟମାନୁଯାୟୀ କାର୍ଯ୍ୟପନ୍ଥା ଅବଲମ୍ବନ କରିବେ ।

ଭିନ୍ନ ଭିନ୍ନ ଗଣମାଧମ ସଂସ୍ଥା ନିଜର ନୀତି ବି ପ୍ରଣୟନ କରିଥାନ୍ତି । ଏପରିକି ନିଜ ରିପୋର୍ଟରଙ୍କ ପାଇଁ ବି ଅଲଗା ନିୟମାବଳୀ ରହିଥାଏ । ଆସନ୍ତୁ ଏହି ବିଷୟରେ ସାମ୍ବାଦିକତାରେ ବ୍ୟବହୃତ ସାଧାରଣ ନୀତି ଉପରେ ଆଲୋଚନା କରିବା ।

## ୩.୩ ସାମ୍ବାଦିକତା କୋଡ୍‌ର ଆବଶ୍ୟକତା ଏବଂ ମୂଳ କ୍ରିୟା

ସାମ୍ବାଦିକତା ନୀତି ପ୍ରଣୟନର ଆବଶ୍ୟକତା ହେଉଛି କି, ଅନେକ ସମସ୍ୟାରୁ ଏହାଦ୍ୱାରା ଆମକୁ ସହାୟତା ମିଳିପାରିବ । ଇଚ୍ଛା ବିରୁଦ୍ଧରେ ବିବାଦ, ନୀତି ଉପରେ ଦ୍ୱନ୍ଦ୍ୱ ଏଭଳି ସମସ୍ୟା ପାଇଁ ଏହାର ଆବଶ୍ୟକତା ରହିଛି । କୋର୍ଡ ଏବଂ ନିୟମ ସାମ୍ବାଦିକତାଙ୍କୁ ଦେବାର ମୂଳ ଉଦ୍ଦେଶ୍ୟ ହେଉଛି, ଏମାନେ ନିଜେ ସ୍ୱ-ପର୍ଯ୍ୟାଲୋଚକ ଏବଂ ସ୍ୱ-ସଂଗଠିତ ହୋଇପାରିବେ ।

**କୋଡ୍‌ର ଅଭ୍ୟାସ**

ଯୁକ୍ତରାଷ୍ଟ୍ର ଏବଂ ଇଉରୋପୀୟ ଦେଶର ସାମ୍ବାଦିକଙ୍କ ଉପରେ ଯେତେବେଳେ ଏଭଳି ନୀତି ଲାଗୁ କରାଯାଏ ଏବଂ ଏମାନେ ତାକୁ ଗ୍ରହଣ କରନ୍ତି ନିୟମର ପ୍ରତିଫଳନ ରିପୋର୍ଟରେ ପରିଲକ୍ଷିତ ହୋଇଥାଏ । ଅନେକ ଦେଶର ଗଣମାଧମ ସଂସ୍ଥାରେ ଏଭଳି କୋର୍ଡ ବ୍ୟବହାରରେ ପ୍ରେସ୍‌ର ସ୍ୱାଧୀନତାକୁ ଗୁରୁତ୍ୱ ଦିଆଯାଏ । ଲିଖିତ ନୀତି ଏବଂ ପ୍ରକୃତରେ ବ୍ୟବହାର ହେଉଥିବା ନୀତି ଦେଶ-ଦେଶ ଏବଂ ସଂସ୍ଥା-ସଂସ୍ଥା ମଧ୍ୟରେ ଭିନ୍ନତା ଦେଖିବାକୁ ମିଳିଥାଏ । ମାତ୍ର ଏଥିରେ ଗଣମାଧମର ମୂଳ ସ୍ରୋତ ଏବଂ ସମାଜ ମଧ୍ୟରେ ଆଂଶିକଭାବେ ଖାପଛଡା ହୋଇଯାଏ । ୨୦୦୮ ମସିହାରେ, ଅନ୍ତର୍ଜାତୀୟ ସାମ୍ବାଦିକତା ସଂଘ (ଆଇଏଫଜେ) ସାମ୍ବାଦିକତାର ନୀତି ପ୍ରଣୟନ କଲେ, ଯାହାକି ପେସାଗତ କର୍ମଚାରୀଙ୍କୁ ସତର୍କ କରିପାରିବ । ୨୦୧୩ ମସିହାରେ, "ଏଥିକାଲ ଜର୍ଣ୍ଣାଲିଜିମ୍ ନେଟୱାର୍କ" ପ୍ରଣୀତ କଲେ ଆଇଏଫଜେର ଜେନେରାଲ ସେକ୍ରେଟାରୀ 'ଏଇଦାନ ହ୍ୱାଇଟ୍' । ଅନ୍ତର୍ଜାତୀୟ ଏବଂ ଆଞ୍ଚଳିକ ଗଣମାଧମ ସଂସ୍ଥାର ଏକତ୍ରୀକରଣ ଯୋଗୁଁ ଦଳୀୟ ସାମ୍ବାଦିକଙ୍କ ନୀତନିୟମ, ସୁଶାସନ ନୀତି କ୍ୟାମ୍ପେନ୍ ଏବଂ ସମସ୍ତ ଗଣମାଧମ ସଂସ୍ଥାର ସଚାଳନା ନିମନ୍ତେ ଭିତ୍ତିଭୂମିର ନିର୍ମାଣ ଆଦି ସମ୍ଭବପର ହୋଇପାରିଛି ।

ଯୁକ୍ତରାଷ୍ଟ୍ର ଆମେରିକାରେ ସାମ୍ବାଦିକ ମାନଦଣ୍ଡ ଏବଂ ନୀତିର ପ୍ରତିଷ୍ଠିତ ସ୍ୱର ହେଉଛି ପେସାଗତ ସାମ୍ବାଦିକ ସମାଜ ।

"କୋଡ୍ ଅଫ୍ ଏଥିକ୍ସ"ର ଭୂମିକା ଦର୍ଶାଏ –

ଜନତାଙ୍କ ଜ୍ଞାନାଦୋୟର ଅଗ୍ରଗାମୀ ବ୍ୟକ୍ତି ହେଉଛନ୍ତି ଜଷ୍ଟିସ୍ ଏବଂ ଗଣତନ୍ତ୍ରର ପ୍ରତିଷ୍ଠାତା । ସାମ୍ବାଦିକର କର୍ତ୍ତବ୍ୟ ହେଉଛି ସତ୍ୟ ଏବଂ ସଚ୍ଚୋଟତାକୁ ପୁନଃ ଖୋଜିବା ଏବଂ ବିସ୍ତୃର୍ଣ୍ଣ କାର୍ଯ୍ୟପନ୍ଥା ଏବଂ ସମସ୍ୟାର ସମାଧାନ କରିବା । ସମସ୍ତ ଗଣମାଧମର ବିବେକୀ ଏବଂ ଦକ୍ଷ ସାମ୍ବାଦିକ ଜନତାଙ୍କ ସବୁବେଳେ ପ୍ରସନ୍ନ

କରିବା ଏବଂ ସଚ୍ଚୋଟତାର ସହ ସମସ୍ୟା ସମାଧାନ କରିବା ଦିଗରେ ଲକ୍ଷ୍ୟ ରଖିବା ଆବଶ୍ୟକ । ପେସାଗତ ସଚ୍ଚୋଟତା ଜଣେ ସାମ୍ବାଦିକର ବିଶ୍ୱାସର ଭିତ୍ତି ପ୍ରସ୍ତର ।

ରେଡିଓ ଟେଲିଭିଜନ୍ ଡିଜିଟାଲ୍ ନ୍ୟୁଜ୍ ଆସୋସିଏସନ୍ (ଆରଟିଡିଏନଏ) ହେଉଛି ଇଲେକ୍ଟ୍ରୋନିକ ସାମ୍ବାଦିକତା ଉପରେ ପର୍ଯ୍ୟବସିତ ସଂସ୍ଥା । ଏହା ମଧ ନିଜର ନୀତିକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଥାଏ । ଜନତାଙ୍କ ସମ୍ମୁଖରେ ସତ୍ୟ, ସଚ୍ଚୋଟତା, ସାଧୁତା, ସ୍ୱାଧୀନ ଏବଂ ଦାୟିତ୍ୱାଧୀନ ହୋଇ କାର୍ଯ୍ୟ କରିଥାଏ । ପେସାଗତ ଇଲେକ୍ଟ୍ରୋନିକ ସାମ୍ବାଦିକଙ୍କ ଖବର ଉପସ୍ଥାପନ ସଚ୍ଚୋଟତା ଏବଂ ଶାଳୀନତାପୂର୍ଣ୍ଣ ହୋଇଥାଏ । ବାସ୍ତବତା ଏବଂ ନିଜ ଇଚ୍ଛା ମଧ୍ୟରେ ଥିବା ବିବାଦଠୁଁ ଦୂରେଇ ଯାଇ ଜନତା ଏବଂ ନ୍ୟୁଜ୍‌ର ଗୁରୁତ୍ୱକୁ ସମ୍ମାନ ଦେଇ ମର୍ଯ୍ୟାଦାର ସହ ଖବର ଉପସ୍ଥାପନ କରିଥାନ୍ତି ।

“ଆରଟିଡିଏନଏ” ଏବଂ ପେସାଗତ ନୀତି ଦର୍ଶାଇଥାଏ ଯେ, ଖବର ଉପସ୍ଥାପନ ସମୟରେ ନିଜ ଇଚ୍ଛା ଏବଂ ବାସ୍ତବତା ମଧ୍ୟରେ ଥିବା ବିବାଦଠୁଁ ଉପରକୁ ଯାଇ, ପ୍ରକୃତ ଏବଂ ଉପଲବ୍ଧି କରିଥିବା ଜ୍ଞାନକୁ ଦର୍ଶାଇବା ଆବଶ୍ୟକ । ନ୍ୟୁଜ୍ ରିପୋର୍ଟିଂ ଏବଂ ଉପସ୍ଥାପନରୁ ଜଣାପଡିଯାଏ ଯେ, ସାମ୍ବାଦିକ ନିଜ ଖବର, ତଥ୍ୟ ଏବଂ କାର୍ଯ୍ୟ ସହ କେଉଁଭଳିଭାବରେ ଜଡିତ । ଏହା ସେତେବେଳେ ଉନ୍ନତ ହୋଇଥାଏ ଯେତେବେଳେ ସେ ନିଜ ପସନ୍ଦ ଏବଂ ଇଚ୍ଛାନୁଯାୟୀ କାର୍ଯ୍ୟ କରିଥାନ୍ତି । ଇଲେକ୍ଟ୍ରୋନିକ ସାମ୍ବାଦିକ ନିଜ କାର୍ଯ୍ୟରତ ଜୀବନ ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରେ ଦ୍ୱନ୍ଦ୍ୱରେ ପଡିଯାଆନ୍ତି । ଯେଉଁଠି ବାସ୍ତବତା ଏବଂ ଇଚ୍ଛା ମଧ୍ୟରେ ବିବାଦ ସୃଷ୍ଟି ହୋଇଥାଏ ।

ଆରଟିଡିଏନଏ ସାମ୍ବାଦିକଙ୍କୁ ଗଭୀରଭାବେ ଉତ୍ସାହିତ କରିଥାଏ ନିଜ ରିପୋର୍ଟ ସଂଗ୍ରହ କଲାବେଳେ ଦେଖାଦେଉଥିବା ନିମ୍ନୋକ୍ତ ସମସ୍ୟା ବା ପ୍ରଶ୍ନର କିପରି ବାସ୍ତବ ବା ଇଚ୍ଛାନୁଯାୟୀ ଜ୍ଞାନ ଅନ୍ୱେଷଣ କରିବା ।

## ୩.୪ ସାମ୍ବାଦିକତା ପାଇଁ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ମାନଦଣ୍ଡ

“ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ” ସମସ୍ତ ଗଣମାଧ୍ୟମ ସଂସ୍ଥା, ନ୍ୟୁଜ୍ ଏଜେନ୍ସି, ସାମ୍ବାଦିକ ତଥା ପେସାଗତ ପ୍ରତିଷ୍ଠିତ ସାମ୍ବାଦିକଙ୍କ ନ୍ୟାୟ ନିର୍ଣ୍ଣୟ ଅନୁଯାୟୀ ସମୟ ସମୟରେ ଏମାନଙ୍କ ପାଇଁ “କୋଡ୍ ଅଫ୍ କଣ୍ଡକ୍ଟ” ବାଧ୍ୟତାମୂଳକ ରୂପେ ଲାଗୁ ହୋଇଛି ।  ଯଦିଓ ମୁଦ୍ରଣ ସାମ୍ବାଦିକତାରେ ସମସ୍ତ ଘଟଣା ପାଇଁ କୋଡ୍ ଅଫ୍ କଣ୍ଡକ୍ଟର ଆବଶ୍ୟକତା ନ ଥାଏ ମାତ୍ର ରେଡିଓ ଏବଂ ଟେଲିଭିଜନ ପାଇଁ ଏହା ବହୁଳ ମାତ୍ରାରେ ସହାୟକ ହୋଇଥାଏ ।

**ଜର୍ଣ୍ଣାଲିଷ୍ଟିକ୍ କଣ୍ଡକ୍ଟର ଆଗୁଆ (ଫରୱାର୍ଡ) ଧାରାର ମାନଦଣ୍ଡ ଦର୍ଶାଏ-**

କାହାର ପସନ୍ଦାନୁସାରେ ଅଜ୍ଞତା ଏବଂ ଆଜନ୍ମ ବିଦ୍ୱେଷ ପାଇଁ ଚାପ ପକାଇବା ଏବଂ ତଦନୁଯାୟୀ କାର୍ଯ୍ୟ କଲାବେଳେ ପ୍ରଶ୍ନ କର ଏବଂ ଲେଖ ଯେ, ଏଥିପାଇଁ ଦାୟୀ କିଏ ? କୌଣସି ଆଇନ, ଚଳଣି, ପରମ୍ପରା ଅଥବା ମାନଦଣ୍ଡ । ଲୋକେ ଭୁଲିଯାଆନ୍ତି ଯେ, ଏକ ସୁସ୍ଥ ଏବଂ ଶାଳୀନତାପୂର୍ଣ୍ଣ ଜୀବନ ପ୍ରଣାଳୀ ନିମନ୍ତେ କେତେକ ଆଦର୍ଶ ଏବଂ ମାନଦଣ୍ଡର ଯଥାର୍ଥତା ରହିବା ନିତାନ୍ତ ଆବଶ୍ୟକ । ଏଥିପାଇଁ କୌଣସି ବ୍ୟକ୍ତି ବିଶେଷଙ୍କ ଅତ୍ୟାବଶ୍ୟକ ସର୍ଜନାତ୍ମକକୁ ପୋତ୍ସାହିତ କରିବା ଆବଶ୍ୟକ ।  ସମ୍ପୂର୍ଣ୍ଣ ଦକ୍ଷତା ଏବଂ ଯେଉଁମାନେ ଏହାକୁ ଉତ୍ସାହିତ କରୁଛନ୍ତି ଏମାନଙ୍କ ମଧ୍ୟରେ ପାର୍ଥକ୍ୟ ରହିବା ଆବଶ୍ୟକ । ଫଳରେ

ଏସବୁକୁ ଅବରୋଧ କରାଯାଇପାରିବ । ସ୍ୱାଧୀନତା ଏବଂ ସୃଜନାତ୍ମକ ଗୋଟିଏ ସମାଜରେ ତଥ୍ୟ ସଂଗ୍ରହ କରିବାରେ ସହାୟକ ହୋଇଥାଏ । ନହେଲେ ସମାଜରେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଚରିତ୍ର ବୃଦ୍ଧି ଅନୁକୂଳ ହୋଇପାରିବ ନାହିଁ । ଚଳନ୍ତି ସଂସ୍ଥାର ସଂଚାଳନ ପରାଜିତ ହେବ ।

ମନୁଷ୍ୟ ହେଉଛି , ସ୍ୱାଧୀନତାର ସ୍ୱାଭାବିକ ଗୁଣ ନଷ୍ଟ କରି ଲାଇସେନ୍ସରେ ପରିବର୍ତ୍ତନ ଏବଂ ସୃଜନଶକ୍ତିର ବିକୃତି ଏବଂ ସମାଜ ପାଲଟିଯାଏ ଦୁର୍ନୀତି ମଳକୁଣ୍ଡର ଅଭ୍ୟାସ ଓ ପ୍ରଯତ୍ନ । ଧୈର୍ଯ୍ୟର ସହ ଯାଞ୍ଚ କରିବା ଏବଂ ଗଠନମୂଳକ ନିର୍ଦ୍ଦେଶନା ଆବଶ୍ୟକ ପଡିଥାଏ, ଶାଳୀନତା ଗୁଣବତ୍ତା, ଶକ୍ତିଶାଳୀ ସୃଜନଶକ୍ତି ଏବଂ ସୁସ୍ଥ ବୃଦ୍ଧିକୁ ସାଇତି ରଖିବା ପାଇଁ ।

ସମସ୍ତ ଗତାନୁଗତିକ ପଥ ଏବଂ ପରମ୍ପରା, ମାନଦଣ୍ଡ ଏବଂ ଆଇନର ସଂକ୍ଷିପ୍ତୀକରଣ ଏହି ଉଦ୍ଦେଶ୍ୟ ଭେଦ କରିବା ନିମନ୍ତେ ହିଁ ଗଠିତ । ଏହାକୁ ବୃଦ୍ଧି କରିବା ପାଇଁ ଏମାନେ ଉଦ୍ଦେଶ୍ୟତାକୁ ପ୍ରୋତ୍ସାହିତ କରନ୍ତି, ଏପରିକି ଏମାନେ ଉଦ୍ଦେଶ୍ୟର ସଫଳ ପରିଚାଳନା କରିଥାନ୍ତି । ଗୋଟିଏ ଛୋଟିଆ କାରଣ ବି ମନୁଷ୍ୟ ଗତିବିଧିର ପରିମାପକ ହୋଇପାରେ । ସବୁଠୁ ବଡ ପରିମାପକ ଏବଂ ତ୍ରୁଟି ମାପକ ଯନ୍ତ୍ର ହେଉଛି ବ୍ୟବହୃତ ଶବ୍ଦ । ଶବ୍ଦ ଏବଂ ଯୋଗାଯୋଗର ଆବିଷ୍କାର ଯଦିବା ହୋଇଥାଏ , ପ୍ରଥମେ କଥାବାର୍ତ୍ତା ପରେ ମନଷ୍ୟ ଉନ୍ନତିର ପଥ ନିର୍ଦ୍ଧାରଣ କରିଥାଏ ।

ପ୍ରଥମେ ଲେଖା ଏବଂ ପରେ ଏହାର ଗ୍ରାଫିକାଲ ତଥ୍ୟ ପ୍ରଦାନ ମନୁଷ୍ୟ କାର୍ଯ୍ୟର ସଫଳତାକୁ ଦର୍ଶାଇଥାଏ ଏବଂ ସୁଦୃଢ଼ କରିଥାଏ । ବର୍ତ୍ତମାନ ମଣିଷ ନିଜର ତଥ୍ୟକୁ ବିସ୍ଫୋରଣରୂପରେ ପଦାକୁ ଆଣୁଛି ଏବଂ ଅନ୍ୟକୁ ହସ୍ତାନ୍ତର କରୁଛି । ବିଜ୍ଞାନ ଏବଂ ପ୍ରଯୁକ୍ତିବିଜ୍ଞାନର ମାଇଣ୍ଡ ବଗଲଗଙ୍କ ଦ୍ରୁତଗାମୀ କାର୍ଯ୍ୟ ନିମନ୍ତେ ଏମାନେ ପ୍ରଶଂସାର ପାତ୍ର ପାଲଟିଛନ୍ତି ।

ମାତ୍ର ତଥ୍ୟର ବାହାର କକ୍ଷମାନ ଯାହାକି ପଦାକୁ ଆଣିବାରେ କୌଣସି ଅସୁବିଧା ନାହିଁ, ବିଶେଷ କରି ଯୋଗାଯୋଗ କ୍ଷେତ୍ରରେ । ମାତ୍ର ଯଦି ବାସ୍ତବରେ ସଠିକ୍ ତଥ୍ୟ ନ ଆସେ, ଲେଖା, କଥା, ମୁଦ୍ରଣ, କପି ମାଧମରେ ସମାଜକୁ ତଥ୍ୟ ଦେବା ଭୁଲ ସାବ୍ୟସ୍ତ ହୋଇପାରେ ।

ଶବ୍ଦର ବ୍ୟବହାର ଅଧିକ ଦୂର ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଲେଖାଯାଏ, ଏହା ସମସ୍ୟା, ସମାଜ, ଜନତାଙ୍କ ଇଚ୍ଛା, ସଠିକ୍, ସାଧୁତା ଏବଂ ଅନ୍ୟ ରିପୋର୍ଟରଙ୍କ ମତାମତ ଅନୁଯାୟୀ ଲେଖିବା ଆବଶ୍ୟକ । ଏଣୁ କୌଣସି ବି ବ୍ୟକ୍ତି ଏହାକୁ ବ୍ୟବହାର କଲାବେଳେ, ରାଜନୈତିକ ଦୃଷ୍ଟିକୋଣ ଏବଂ ଗଣତାନ୍ତ୍ରିକ ଅନୁଚିନ୍ତାରୁ ଲେଖିବା ଆବଶ୍ୟକ । ଡିଗ୍ରୀ ଏବଂ ଏହାର ବିବର୍ତ୍ତନ ସମୟ, ରାଜନୈତିକ, ସାମାଜିକ, ସାମ୍ପ୍ରଦାୟିକ ପରିସ୍ଥିତି  ଅନୁଯାୟୀ ଆବଶ୍ୟକ ହୋଇଥାଏ । ମାତ୍ର କିଛିଟାର ପରିବର୍ତ୍ତନ ସମୟାନୁଯାୟୀ ବି ସମ୍ଭବ ହୋଇପାରେ ନାହିଁ । ଆମ ସମ୍ବିଧାନ ଅନୁଯାୟୀ ଧାରା ୧୯(କ)ରେ ବ୍ୟକ୍ତିର ସ୍ୱାଧୀନ ମତବ୍ୟକ୍ତ ଏବଂ ଭାବ ଆଦାନ ପ୍ରଦାନର ଅଧିକାର ଦିଆଯାଇଛି । ସମାନ ସମୟରେ ଧାରା ୨ ରେ ଲେଖାରହିଛି ଯେ, ଏସବୁକୁ ପାଳନ କଲାବେଳେ ବିରୋଧତାକୁ ପ୍ରାଧାନ୍ୟ ଦିଆଯିବ । ପ୍ରତ୍ୟେକ ରାଜ୍ୟ ଆଇନ ତିଆରି ସମୟରେ ମୌଳିକ ଅଧିକାର ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥାଏ । ବହୁ ସମୟରେ ରାଜ୍ୟର ସାର୍ବଭୌମତ୍ୱ ଏବଂ ସଚ୍ଚୋଟତା, ଜନତାଙ୍କ ଦାବି, ଅନ୍ୟ ରାଜ୍ୟ ସହ ସମ୍ପର୍କ ପ୍ରତିଷ୍ଠା, ରାଜ୍ୟର ସୁରକ୍ଷା,

ଶାଳୀନତା ଏବଂ ନୈତିକତା, ମାନହାନି ଅଥବା ଦୋଷ ପ୍ରବର୍ତ୍ତନା ଦେବା, କୋର୍ଟ ଅବମାନନା ଏସବୁକୁ ଦୃଷ୍ଟିରେ ରଖି ସ୍ୱାଧୀନତା ଅଧିକାର ଆଇନ ଅଭ୍ୟାସରେ ନ୍ୟାୟସଂଗତ ନିବାରଣଧାର୍ଯ୍ୟ କରାଯାଇଥାଏ ।

ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ , ପ୍ରେସ୍ ଏବଂ ନ୍ୟୁଜ୍ ଏଜେନ୍ସିର ସ୍ୱାଧୀନତା , ପରିଚାଳନା ଏବଂ ଏହାର ମାନରେ ଉନ୍ନତି ଆଣିବା ଦିଗରେ କେତେକ ନିୟମ ପରିଲକ୍ଷଣ କରିଛନ୍ତି । ଏହା ସହ ଅନେକ ନିୟମ ଆବଶ୍ୟକ ରହିଥାଏ ଖବରକାଗଜ ଏବଂ ନ୍ୟୁଜ୍ ଏଜେନ୍ସିର ସ୍ୱାଧୀନତାରକ୍ଷା ଏବଂ ପରିଚାଳନା ନିମନ୍ତେ । ବ୍ୟକ୍ତିଗତ ସ୍ୱାଧୀନତା ନିମନ୍ତେ ସାମ୍ବାଦିକ ଏବଂ ପେସାଗତ ନ୍ୟୁଜ୍ ଏଜେନ୍ସିଙ୍କୁ ମାନ ରକ୍ଷା ଏବଂ ପେସାର ପରିଚାଳନା ନିମନ୍ତେ କିଛି ନିୟମଅନୁସରଣ କରିବାକୁ ହୋଇଥାଏ । ସାମ୍ବାଦିକଙ୍କୁ ପେସାଗତ ହୋଇ ଜନତାଙ୍କ ଇଚ୍ଛା ଏବଂ ଆବଶ୍ୟକତାନୁଯାୟୀ ଖବର ପରିବେଷଣ କରିବାକୁ ପଡିଥାଏ । ଏହା ସହ ଜନତାଙ୍କ ବିଶ୍ୱାସ, ନାଗରିକଙ୍କ ଅଧିକାର, ଦାୟିତ୍ୱ ଆଦିକୁ ବୃଦ୍ଧି କରିବା ଦିଗରେ ଧ୍ୟାନ ଦେବାକୁ ହୋଇଥାଏ । ଜଣେ ସାମ୍ବାଦିକ ଏସବୁ ଦିଗ ପ୍ରତି ତତ୍ପର ହୋଇ ପେସାଗତଭାବେ କାର୍ଯ୍ୟ କରିବା ଆବଶ୍ୟକ । ସାମ୍ବାଦିକ ପ୍ରତି ଆଗ୍ରହ ଥିବା ସାମ୍ବାଦିକ ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କ ପାଇଁ ବୋର୍ଡ କେତେକ ନିୟମ ପ୍ରଚଳନ କରିଛି । ଏହାର ବିରୁଦ୍ଧରେ ଗଲେ ଜନତାଙ୍କ ବିଶ୍ୱାସ ହରାଇବା ସହ ନ୍ୟୁଜ୍‌ଟି ଅବିଶ୍ୱସନୀୟ ହୋଇଥାଏ । ବର୍ଷ ବର୍ଷ ଧରି ବୋର୍ଡ ଦ୍ୱାରା ପ୍ରଚଳିତ ନିୟମକୁ ସମସ୍ତ ନ୍ୟୁଜ୍ ଏଜେନ୍ସି ଏବଂ ସାମ୍ବାଦିକ ଅନୁସରଣ କରି କାର୍ଯ୍ୟ କରୁଛନ୍ତି । ଏହାର ଉଦ୍ଦେଶ୍ୟତାକୁ ଧ୍ୟାନରେ ରଖି କାର୍ଯ୍ୟ କରିବାକୁ ହୋଇଥାଏ ।

ତଥାପି ଏହି ନିୟମର ଶେଷ ସଂସ୍କରଣରେ କେତେକ ନିୟମ ଅନ୍ତର୍ଭୁକ୍ତ ହୋଇଛି । ଫାଇନାନସିଆଲ ଜର୍ଣ୍ଣାଲିଜିମ୍, ଏକଜିଟ୍ ପୋଲ ସର୍ଭେ ଏବଂ ଏକଜିଟ୍ ପୋଲ୍ ପୂର୍ବର ତଥ୍ୟ ପାଇଁ କିଛିଟା ନୂତନ ନିୟମ ପ୍ରଣୀତ ହୋଇଛି । ଆବଶ୍ୟକତାକୁ ଅନୁଭବ କରି କାଉନସିଲ ନିୟମରେ ଏସବୁ ପରିବର୍ତ୍ତନ ଆଣି ପ୍ରକାଶନ କରିଛି । ଏହି ପ୍ରକାଶନରେ ତଥ୍ୟକୁ ସଜାଡି ଏବଂ ବିଷୟବସ୍ତୁକୁ ସମୟାନୁଯାୟୀ ବିସ୍ତିର୍ଣ୍ଣଭାବେ ଉପସ୍ଥାପନ କରାଯାଇଛି । ନିୟମକୁ ବାଦ୍ ଦେଲେ, ପ୍ରକାଶନରେ ସମ୍ବିଧାନ ଅନୁଯାୟୀ ବିଚାରାର୍ଥ ପ୍ରେରଣ ବ୍ୟବସ୍ଥାର ଆବଶ୍ୟକତା ରହିଥାଏ ଏବଂ ମୁଦ୍ରଣ ଗଣାମାଧମରେ ବ୍ୟକ୍ତିଙ୍କ ଚରିତ୍ର ଓ ବାହ୍ୟ ଆଚରଣକୁ ଦର୍ଶାଇବା ପାଇଁ ଆଇନଗତ ନିୟମ ରହିଛି । ଏଥିରୁ ଆଶା କରାଯାଏ ଯେ, ସମସ୍ତ ବିଷୟ ପାଇଁ ଏହା ସହାୟକ । କାଉନସିଲ ମନସ୍ଥ କଲା ଯେ, ସମସ୍ତ ନିୟମକୁ ଆଞ୍ଚଳିକ ଭାଷାରେ ବି ପ୍ରକାଶନ କରିବେ । ମାତ୍ର ଆଞ୍ଚଳିକ ଭାଷାର ଖବରକାଗଜ ପ୍ରକାଶନ ସଂଖ୍ୟା ବହୁ କମ୍ । ଏଣୁ ଆବଶ୍ୟକୀୟ କୋଡ୍‌ର ଅନୁବାଦ କରାଗଲା ।

## ୩.୫ ନିଜସ୍ୱ - ପରିଚାଳନା

କୋଡ୍ ଅଫ୍ ଏଥିକ୍ସର ଅର୍ନ୍ତଭୁକ୍ତିକରଣକୁ ଦେଖିଲେ ଅନେକ ଖବରକାଗଜ ସଂସ୍ଥା ନିଜର ଘରୋଇ ଲୋକଙ୍କୁ ରଖନ୍ତି । ଯେଉଁମାନେ ସଂସ୍ଥାର ପାର୍ଶ୍ୱବର୍ତ୍ତୀ ହୋଇ କାମ କରନ୍ତି, ମାତ୍ର ତାଙ୍କ ଦ୍ୱାରା ସଂସ୍ଥା ସାଧୁତା ଏବଂ ଜନତାଙ୍କ ନିକଟରେ ଦାୟିତ୍ୱବାନ ହୋଇଥାଏ । ଏହି ଲୋକମାନେ ଇଚ୍ଛାକୃତଭାବରେ ବାହ୍ୟ ଏବଂ ଅନ୍ତଃ ଚାପ, ନ୍ୟୁଜ୍ ରିପୋର୍ଟିଂରେ ଜନତାଙ୍କ ବିଶ୍ୱାସ ଜିତିବା, ନିଜସ୍ୱ ସମାଲୋଚନାକୁ ବୃଦ୍ଧି କରିବା, ସଂହିତାବଦ୍ଧ ଏବଂ ଅସଂହିତାବଦ୍ଧ ନିୟମ ଏବଂ ମାନ ମଧ୍ୟରେ ଆନୁଗତ୍ୟକୁ ପ୍ରୋତ୍ସାହନ ଦେବା ଆଦି ସମସ୍ତ ବିଷୟରେ ମଧ୍ୟସ୍ଥତା କରିଥାନ୍ତି । ଜନ ସମ୍ପାଦକଙ୍କ ବିଭାଗ ସହ ଏହି ବିଭାଗର କାର୍ଯ୍ୟ

ସମାନ ହୋଇଥାଏ । ଜନସମ୍ପାଦକ ମଧ୍ୟ ପାଠକ ଏବଂ ଖବରକାଗଜ ମଧ୍ୟରେ ଯୋଗସୂତ୍ର ରକ୍ଷା କରିଥାନ୍ତି । ନ୍ୟୁଜ୍‌ର ପାଖାପାଖି ରହି ବି ନ୍ୟୁଜ୍ ସଂସ୍ଥାର ସଦସ୍ୟ ହେବାକୁ ପସନ୍ଦ କରନ୍ତି ନାହିଁ ।

### ୩.୫.୧ ତଥ୍ୟମୂଳକ ରିପୋର୍ଟିଂର ସଠିକତା ଏବଂ ମାନ

- ରିପୋର୍ଟରଙ୍କଠୁଁ ଆଶା କରାଯାଏ ଯେ, ସେମାନଙ୍କୁ ଦିଆଯାଇଥିବା ସମୟସୀମା ମଧ୍ୟରେ ଷ୍ଟୋରୀ ପ୍ରସ୍ତୁତ କରିବା ସହ ଯେତିକି ସ୍ଥାନ ରହିଥାଏ ସେତିକି ମଧ୍ୟରେ ରିପୋର୍ଟ ଉପସ୍ଥାପନ କରିଥାନ୍ତି ଏବଂ ବିଶ୍ୱାସଯୋଗ୍ୟ ବିଷୟବସ୍ତୁକୁ ଖୋଜି ପ୍ରକାଶନ କରିଥାନ୍ତି ।
- କୌଣସି ବି ବିଷୟର ଆଖିଦେଖା ସାକ୍ଷୀକୁ ଆରୋପଣୀୟରୂପେ ଗ୍ରହଣ କରାଯାଏ । ଏଭଳି ପରିସ୍ଥିତିରେ କାହାଣୀକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ସଠିକ୍ ପ୍ରମାଣ କରିବାକୁ ହେଲେ ଦୁଇରୁ ତିନିଜଣ ସ୍ୱାଧୀନ ସାକ୍ଷୀ ମିଳିଲେ ଭଲ । ଆରୋପ ସହ ବିବାଦପୂର୍ଣ୍ଣ ସତ୍ୟକୁ ବି ପ୍ରକାଶ କରିବା ଆବଶ୍ୟକ ।
- ବ୍ୟକ୍ତିଗତସ୍ତରରେ ସତ୍ୟତା ପରୀକ୍ଷା କରିବା ପାଇଁ ଅନ୍ୟ ସହଯୋଗୀ କର୍ମଚାରୀଙ୍କ ସହାୟତା ସ୍ପୃହଣୀୟ ।
- ଭୁଲ ପ୍ରମାଣିତ ହେଲେ ସୁଧାର ଆବଶ୍ୟକ ହେବ ।
- ପ୍ରତିବାଦୀ ବ୍ୟବହାର କରୁଥିବା ଆରୋପ ଯଦି ସତ୍ୟ ନ ହୋଇଥାଏ , ତାକୁ ବ୍ୟବହାର କରାଯାଇପାରିବ ନାହିଁ । କୌଣସି ବିଷୟ ଉପରେ ସଜା ନ ଶୁଣାଇବାଯାଏଁ ଆମେ ନିଜର ମତବ୍ୟକ୍ତ କରିପାରିବା ନାହିଁ । ନଚେତ୍ ଏହା ଅନେକ ବିବାଦଘେରକୁ ଚାଲିଯିବ ।
- ମତାମତ ସର୍ଭେ ଏବଂ ପରିସଂଖ୍ୟାନ ତଥ୍ୟ ଆବଶ୍ୟକ କରିଥାଏ ଅନେକ ସୁଧାର ଏବଂ ବିଚାରବିମର୍ଷ । କାରଣ ଏହାର ଅନ୍ତିମ , ପୂର୍ବାପର ସମ୍ପର୍କ ଫଳାଫଳ, ଭୁଲ୍ ଏବଂ ବ୍ୟବସ୍ଥା ଶାସ୍ତ୍ରରେ ସମାଲୋଚନା ଥାଇ ବି ସଠିକତା ଦର୍ଶାଇବା ।

### ୩.୫.୨ ଅପବାଦ ଏବଂ ଆଇନ୍ ଅନୁସାରେ ବାଧିତ ବିଚାର

- ସତ୍ୟ ରିପୋର୍ଟ ଆଇନ ଅନୁଯାୟୀ ବିଧିତ ନୁହେଁ, ଯାହାକି ସଠିକତାକୁ ଦର୍ଶାଏ । ଯାହାକି ବହୁ ପରିମାଣରେ ଗୁରୁତ୍ୱପୂର୍ଣ୍ଣ ।
- ବେସରକାରୀସ୍ତରରେ ଏମାନଙ୍କ ନିଜର ବ୍ୟକ୍ତିଗତ ସ୍ୱାଧୀନତା ରହିଥାଏ । ମାତ୍ର ଖବର ପ୍ରକାଶନ ଜନତାଙ୍କ ଇଚ୍ଛା ଅନୁଯାୟୀ ରହିବ ତଥା ତଥ୍ୟ ଉପସ୍ଥାପନ ନିଧାର୍ଯ୍ୟ । ଯୁକ୍ତରାଷ୍ଟ୍ର ଆମେରିକା ଅନୁସାରେ ଜନତାଙ୍କ ମତରେ କମ୍ ମାତ୍ରାରେ ସ୍ୱାଧୀନତା ରହିଥାଏ, ଯେମିତିକି ରିପୋର୍ଟର ଦ୍ୱେଷରୁ ଦୂରେଇ ଯାଇ ବେସାମରିକ ବିଷୟରେ ରିପୋର୍ଟିଂ କରନ୍ତି । କାନାଡାରେ କିଛିଟା ପ୍ରତିରକ୍ଷା ରହିଥାଏ, ରିପୋର୍ଟର ଜନତାଙ୍କ ଅଙ୍କକୁ ନେଇ ତଥ୍ୟ ପ୍ରଦାନ କରନ୍ତି ।
- ଉପସ୍ଥାପକ ବଳିଷ୍ଠଭାବେ ଆଇନ ଅନୁସାରେ ରିପୋର୍ଟ ଉପସ୍ଥାପନ କରିଥାନ୍ତି । ଏହା ସାଧାରଣତଃ ଆଇନ ଅନୁସାରେ ବାଧିତ ବୀମା ।

### ୩.୫.୩ କଷ୍ଟକର ସୀମାବନ୍ଧନ ନିୟମ

ଏକ ନିର୍ଦ୍ଧିଷ୍ଟ କାମ ରିପୋର୍ଟରକୁ ଦିଆଯାଇଥିଲେ ପ୍ରଥମେ ତାଙ୍କୁ ନିମ୍ନୋକ୍ତ କାର୍ଯ୍ୟ କରିବାକୁ ହୋଇଥାଏ । ତଥ୍ୟ ଏବଂ ସମ୍ପୂର୍ଣ୍ଣ ଖବର ସାଇତିବା, ଆବଶ୍ୟସ୍ଥଳେ ସାକ୍ଷାତକାର ଆୟୋଜନ କରିବା , ଭିଡିଓ ଏବଂ ଅଡିଓ ରେକର୍ଡ, ଫଟୋ ଉଠାଇବା, ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରକାଶନ ସହ କଠିନ ପନ୍ଥାର ଅବଲମ୍ବନ ଏବଂ ଏହାର ବ୍ୟବହାର କାହିଁକି ଓ କେଉଁଥିପାଇଁ ହେଉଛି ଏହାର ବିବେଚନା କରିବା । ରିପୋର୍ଟର ଯାହା ବି ଅଧ୍ୟୟନ କରନ୍ତି ତାକୁ ଆଧାର କରି ରିପୋର୍ଟ ତିଆରି କରନ୍ତି । ନିୟମର ସୀମାବଦ୍ଧତା ଅନୁସରଣ କଲେ କୌଣସି ସମସ୍ୟା ବା ଦ୍ୱନ୍ଦ୍ୱର ଆଶଙ୍କା ରହି ନ ଥାଏ ବା କାର୍ଯ୍ୟ ଉପରେ କୁପ୍ରଭାବ ପଡି ନ ଥାଏ । ପେସାଗତ ସାମ୍ବାଦିକଙ୍କ କୋର୍ଡ ଅନୁଯାୟୀ କେତେକ ନିୟମାନୁସାରେ କାର୍ଯ୍ୟ ନିମ୍ନୋକ୍ତ ଉପାୟରେ କରିଥାନ୍ତି ।

- ନ୍ୟୁଜ୍ ମାଧମରେ ପ୍ରଭାବିତ ହେଉଥିବା ବ୍ୟକ୍ତିଙ୍କ ପ୍ରତି ଅନୁକମ୍ପା ପ୍ରଦାନ ଯଥାର୍ଥ । ଶିଶୁ ଅଥବା ଅଜଣା ବିଷୟବସ୍ତୁ ଉପରେ ରିପୋର୍ଟ କଲାବେଳେ ସମ୍ବେଦନଶୀଳଭାବ ପୋଷଣ ସହ ନ୍ୟୁଜ୍ ଉପସ୍ଥାପନ କରିବା ଆବଶ୍ୟକ ।
- ଦୁର୍ଘଟଣା ବା ଶୋକାକୁଳ ପରିବେଶର ସାକ୍ଷାତକାର, ଖବର କି ଫଟୋ ସଂଗ୍ରହ ସମୟରେ ସମ୍ବେଦନଶୀଳ ହେବା ଆବଶ୍ୟକ ।
- ନ୍ୟୁଜ୍ ସଂଗ୍ରହ ଏବଂ ତଥ୍ୟ ରିପୋର୍ଟିଂ ଯେପରି କଷ୍ଟକର ବା ଅଶାଳୀନ ନ ହୁଏ ସେଥିପ୍ରତି ଧାନ ଦେବାକୁ ହେବ । ଏଭଳି ପରିସ୍ଥିତିର ନ୍ୟୁଜ୍ ପ୍ରସ୍ତୁତ କରିବା ଯେ ଗର୍ବର ବିଷୟ ଚିନ୍ତା କରିବା ଭୁଲ୍ ।
- ବେସରକାରୀସ୍ତରରେ ଜନତା ନିଜ ମତାମତକୁ ପ୍ରକାଶ ନ କରିବାର ଅଧିକାର ରହିଛି । ଏଣୁ ଏଭଳି ସ୍ଥିତିରେ ଶକ୍ତିଶାଳୀ, ସରକାରୀ ସହାୟତା ଲୋଡି ତଥ୍ୟ ଅନ୍ୱେଷଣ କରିବା ଆବଶ୍ୟକ । କେବଳ ଜନତାଙ୍କ ଆବଶ୍ୟକତା ଅନୁଯାୟୀ କାହାର ବ୍ୟକ୍ତିଗତ ବିଷୟରେ ଅନଧିକାର ପ୍ରବେଶ ଯଥାର୍ଥ ।
- ଭଲ ସମ୍ବାଦ ବା ନ୍ୟୁଜ୍ ଉପସ୍ଥାପନ କର । ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ଅତିରଞ୍ଜିତ ଖବର ପ୍ରକାଶନଠୁଁ ଦୂରେଇ ରହିବା ଭଲ ।
- କିଶୋର ସନ୍ଦେହପାତ୍ର ଚିହ୍ନଟ ଅଥବା ଯୌନ ଅପରାଧରେ ସମ୍ପୃକ୍ତ ନ୍ୟୁଜ୍ ରିପୋର୍ଟ କଲାବେଳେ ସତର୍କ ରହିବା ଆବଶ୍ୟକ ।
- ଚାର୍ଜଶିଟ୍ ଦାଖଲ ନ ହେବାଯାଏଁ ଅପରାଧୀଙ୍କ ନାମରେ କୌଣସି ରିପୋର୍ଟ ଦେଲାବେଳେ ସତର୍କ ରହିବା ଆବଶ୍ୟକ ।
- ଅପରାଧ ଘଟଣା ରିପୋର୍ଟ କରି ଉପସ୍ଥାପନ ବେଳେ ଜନତାଙ୍କ ଅଧିକାର ଏବଂ ଘଟଣାକୁ ସମତୁଲ କରି ପ୍ରକାଶ କରିବାକୁ ପଡିଥାଏ ।

## ୩.୬: ଲୋକପାଳ

ଓମ୍ବୁଡସ୍‌ମେନ୍ ହେଉଛନ୍ତି ଶାସନ ବା ସଂସ୍ଥା ପରିଚାଳନା କ୍ଷେତ୍ରର ଉଚ୍ଚ ପଦସ୍ଥ ଅଧିକାରୀ ଯେ କି ସବୁ କିଛି ସମସ୍ୟାକୁ ଗ୍ରହଣ କରି ଏହାର ସଠିକ୍ ଏବଂ ଯୁକ୍ତିଯୁକ୍ତ ସମାଧାନ କରିଥାନ୍ତି । ଓମବଡସମେନ ଆମେ ସରକାରୀ ସଂସ୍ଥା, କର୍ପୋରେଟ୍ ଅଫିସ୍, ଡାକ୍ତରଖାନା, ଅନୁଷ୍ଠାନ ବା ଅନ୍ୟାନ୍ୟ କାର୍ଯ୍ୟାଳୟରେ ପାଇବା । ପ୍ରଥମେ ସ୍ୱିଡେନ ନିଜ ଦେଶର ଜନତାଙ୍କ ଅଭିଯୋଗ ସମାଧାନ ପାଇଁ ଏହାର ପ୍ରଚଳନ କରିଥିଲେ ।

ଓମ୍ବୁଡସ୍‌ମେନ ନ୍ୟୁଜ୍ ରିଡର, ଓକିଲ, ଜନ ସମ୍ପାଦକଏବଂ ପାଠକଙ୍କ ପ୍ରତିନିଧି ହୋଇ କାର୍ଯ୍ୟ କରିଥାନ୍ତି । ଖବରକାଗଜ ପାଠକ, ଟିଭି ବା ରେଡିଓ ଦର୍ଶକଙ୍କ ଅଭିଯୋଗ ସମାଧାନ କରନ୍ତି । ରିପୋର୍ଟର ସତ୍ୟତା, ସଠିକତାସ ସମତୁଲତା ଏବଂ ନ୍ୟୁଜ୍‌କୁ ଏକ ଭଲ ମାର୍ଗ ଦର୍ଶକ ଦେଇଥାଆନ୍ତି । ଯଦି ଓମବଡସମେନ ସମ୍ପାଦକ ବା ରିପୋର୍ଟରଙ୍କ ଦାୟିତ୍ୱ ଗ୍ରହଣ କରନ୍ତି ତେବେ ସେ ରିପୋର୍ଟକୁ ଭଲ ଭାବେ ଦେଖି ସମସ୍ୟାର ନିରାକରଣ କରିଥାନ୍ତି । ନିଜେ ରିପୋର୍ଟକୁ ନିରାକରଣ କରିବା ପାଇଁ କଣ ଦାୟିତ୍ୱ ଗ୍ରହଣ କରିବେ ଏବଂ କିପରି ସମସ୍ୟା ସମାଧାନ ହେବ ଏ ସମସ୍ତ ବିଷୟକୁ ବି ଧ୍ୟାନ ଦେଇଥାଆନ୍ତି । କେତେକ ସ୍ଥଳରେ ଜନତାଙ୍କ ପାଇଁ ସ୍ତମ୍ଭ ଲେଖି ଏହା ମାଧ୍ୟମରେ ଜନତାଙ୍କ ସମସ୍ୟା ସମାଧାନର ପନ୍ଥା ଉପରେ ଆଲୋଚନା କରିଥାଆନ୍ତି । ଏପରିକି ତାଙ୍କ ନିକଟରେ ଅଧିକାର ରହିଥାଏ କେତେକ କ୍ଷେତ୍ରରେ ଖବରକାଗଜର ନିଷ୍ପତ୍ତି ଉପରେ ବି ପ୍ରଶ୍ନବାଚୀ ସୃଷ୍ଟି କରିପାରିବେ ।

- ଦାୟିତ୍ୱସମ୍ପନ୍ନ ଖବରକାଗଜ ବା ପ୍ରସାରଣ ସଂସ୍ଥା ଓମ୍ବୁଡସ୍‌ମେନ୍ ନିଯୁକ୍ତି ଦ୍ୱାରା ସୁଫଳ ପାଇଥାନ୍ତି । କାରଣ ଏହା ତାଙ୍କ ପାଇଁ ଉପାଦେୟ ହୋଇଥାଏ ।
- ରିପୋର୍ଟର ସଠିକତା, ସତ୍ୟତା ଏବଂ ସମତୁଲତା ନାନାଦି ଅନ୍ୱେଷଣ ମାଧ୍ୟମରେ ନିର୍ଦ୍ଧାରଣ କରିବା
- ନ୍ୟୁଜ୍ ରିପୋର୍ଟରଙ୍କୁ ବା ଉପସ୍ଥାପକଙ୍କୁ ଖବର ପ୍ରସାରଣର ସୁଫଳତା ଅନୁଯାୟୀ ଏଥିରେ ସୁଧାର ଆଣିବା । କିପରି ଜନପ୍ରିୟତା ହାସଲ କରାଯାଇପାରିବ ସେଥିପ୍ରତି ବି ଧ୍ୟାନ ଦେବାକୁ ପଡିବ ।
- ପେସାଗତ ସାମ୍ବାଦିକ କିପରି ଜନତାଙ୍କ ମତାମତକୁ ନେଇ ନ୍ୟୁଜ୍ ରିପୋର୍ଟ ପ୍ରତି ସଚେତିତ ହେବେ ଏହାକୁ ବି ଧ୍ୟାନରେ ରଖିବାକୁ ହେବ
- ବୟୋଜ୍ୟେଷ୍ଠ ସମ୍ପାଦକ ଏବଂ ପ୍ରକାଶକଙ୍କୁ ରକ୍ଷା କରିବା ପାଇଁ ଅଥବା ପ୍ରସାରଣଦାତା ଏବଂ ନ୍ୟୁଜ୍ ନିର୍ଦ୍ଦେଶକ ସମସ୍ତଙ୍କ ଅଭିଯୋଗ ଗୋଟିଏ ମାଧ୍ୟମରେ ସମାଧାନ ହୋଇପାରିବ ।
- କିଛି ସମସ୍ୟା ସମାଧାନ ପାଇଁ ଆଟର୍ଣ୍ଣି ବି ମିଳିଥାଏ ଏବଂ କଡା ମକଦ୍ଦମା ବି କରିପାରିବେ ।

"ହିନ୍ଦୁ" ହେଉଛି ପ୍ରଥମ ଖବରକାଗଜ ଯିଏକି ଓମ୍ବୁଡସମେନ୍ ନିଯୁକ୍ତ କରିଥିଲେ । ସ୍ୱାଧୀନ, ପେସାଗତ, ପୁରା ସମୟ ଦେଉଥିବା ଏବଂ ପାଠକଙ୍କ ସମ୍ପାଦକରୂପେ ନିଯୁକ୍ତି ପାଇଥିଲେ । ଖବରକାଗଜର ସମସ୍ତ ନୀତି ଏବଂ ନିୟମାନୁଯାୟୀ ସେ ଚାକିରୀ କରିଥିଲେ । ୨୦୦୬ ମସିହାରେ

ଏହାର ପୁନରାବୃତ୍ତି ହୋଇଥିଲା ଯେତେବେଳେ ଖବରକାଗଜକୁ ୧୨୭ ବର୍ଷ ପୁରଲା । ଏଭଳି ପ୍ରୋତ୍ସାହନ ଅନେକ ଅଭ୍ୟାସ ଏବଂ ଅନୁଭୂତିରୁ ମିଳିଥାଏ ।

ନ୍ୟୁଜ୍ ଓମ୍ବୁଡସମେନ୍ ଫିଚର, ସ୍ତମ୍ଭ, ଫଟୋଗ୍ରାଫି ଏବଂ ଅନ୍ୟାନ୍ୟ ଗ୍ରାଫିକାଲ ତଥ୍ୟର ସତ୍ୟତା, ସଠିକତା ଏବଂ ସମତୁଲତାକୁ ସମ୍ଭାଳିଥାନ୍ତି । ନିଜେ ସହମାନର ତଥ୍ୟ ଉପସ୍ଥାପନ ମାଧମରେ ସଠିକ୍ ଲୋକର ସନ୍ଧାନ କରି ନ୍ୟୁଜ୍ ରିପୋର୍ଟ ପ୍ରସ୍ତୁତ କରନ୍ତି । ଏମାନେ ପ୍ରକାଶିତ ରିପୋର୍ଟର ଅଭିଯୋଗ ଏବଂ କଟାକ୍ଷ ସଂଗ୍ରହ କରି ଏହାର ସମାଧାନର ପନ୍ଥା ଅବଲମ୍ବନ କରନ୍ତି । ସମସ୍ୟାର ନାନାଦି ଉପାୟ ପ୍ରତି ସମ୍ପାଦକ, ରିପୋର୍ଟର ଏବଂ ସଂସ୍ଥାର ଅନ୍ୟାନ୍ୟ ସଦସ୍ୟଙ୍କଠୁଁ ମତାମତ ଗ୍ରହଣ କରନ୍ତି । କିଛି ଜଣ ଏହାର ସୁଧାର ବି କରନ୍ତି । ଅନ୍ୟମାନେ ନ୍ୟୁଜ୍ ପାଠକଙ୍କ ମତାମତ ଏବଂ କଟାକ୍ଷାନୁଯାୟୀ ସୁଧାର ଆଣନ୍ତି । ଅନେକ ଓମବଡସମେନ୍ ନିୟମିତ ସ୍ତମ୍ଭ ଲେଖନ୍ତି , ଯେଉଁଥିରେ ଜନତାଙ୍କ ପ୍ରଶ୍ନର ସମାଧାନ, ଅନେକ ସମସ୍ୟାର ଉପାୟକୁ ନେଇ ବିଚାର ବିମର୍ଶ ଏବଂ ପ୍ରକାଶନ ହୋଇଥାଏ । ଆଉ କିଛି ଜଣ ଏକ ସ୍ୱତନ୍ତ୍ର ସ୍ଥାନ ଜନତାଙ୍କ ସମସ୍ୟା ନିମନ୍ତେ ତିଆରି କରନ୍ତି । ଏଥିରେ ସମସ୍ତ ସହାୟତା ଏବଂ ସମାଧାନର ଉପାୟ ପ୍ରକାଶିତ ହୋଇଥାଏ । ଅନେକେ ଉତ୍ତର ପ୍ରକାଶନ ପୂର୍ବରୁ ନିଜର ମତ ବି ପ୍ରକାଶ କରନ୍ତି । କିଛି ଜଣ ଅନେକ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାକ୍ଷାତକାର ବା ଅନ୍ୟ କିଛି ରିପୋର୍ଟ ପ୍ରସ୍ତୁତ କରିବା ସହ ମତାମତ ପାଇଁ ବି ସ୍ଥାନ ଦେଇଥାଆନ୍ତି । ଅନେକ କାହାଣୀ, ପ୍ରଶ୍ନୋତ୍ତର ଏବଂ ସତ୍ୟତାର ପ୍ରମାଣ ବି ଦେଇଥାଆନ୍ତି । ଛୋଟ ସଂସ୍ଥାରେ ଓମ୍ବୁଡସମେନ ଖବର ସଂଗ୍ରହରେ ଅଧିକ ଧ୍ୟାନ ଦିଅନ୍ତି । ମାତ୍ର କୌଣସି କାର୍ଯ୍ୟକ୍ରମରେ ଏମାନେ କେବଳ ମତ ପ୍ରକାଶ କରିବେ , ଅନୁଶୀଳନ କ୍ଷମତାଶାଳୀ ନୁହଁନ୍ତି ।

ଓମ୍ବୁଡସମେନ ଜନତାଙ୍କୁ ନ୍ୟୁଜ୍ ସଂଗ୍ରହର ଉପାୟ ଦର୍ଶାଇଥାଆନ୍ତି । ଏହା ଏକ ରହସ୍ୟପୂର୍ଣ୍ଣ ଏବଂ ପାଠକଙ୍କ ପାଇଁ ସନ୍ଦେହଜନକ ।

ଘଟଣାର ପରାମର୍ଶଦାତା ବା ପ୍ରତ୍ୟକ୍ଷଦର୍ଶୀ ଗଣମାଧମ ସଂସ୍ଥା ପ୍ରତି ଅନାସକ୍ତ, ଉଦ୍ଧତ ତଥା ଜନତାଙ୍କ ପ୍ରତି ଅସମ୍ବେଦନଶୀଳ ଏବଂ ସାଧାରଣତଃ ନିଜ ଅଂଚଳ ପ୍ରତି ଅଗଣ୍ୟ ହେବା ଆଦି ଅଭିଯୋଗରୁ ରକ୍ଷା ପାଇଥାଏ । ଓମ୍ବୁଡସମେନ୍‌ଙ୍କ ରିପୋର୍ଟ ପାଠକଙ୍କ ପାଇଁ ଉପଯୋଗୀ ହେବା ସହ ଏକ ଖବରକାଗଜ ସଂସ୍ଥା ପାଇଁ ବି ସଫଳଦାୟକ ହୋଇଥାଏ ।

## ୩.୭ ଗଣମାଧମର ବଳିଷ୍ଠ ସକାରାତ୍ମକ ଏବଂ ନକାରାତ୍ମକ ନୀତିର ପ୍ରଭାବ

ଗଣମାଧମ ନୀତି ପ୍ରଣୟନ, ବଳିଷ୍ଠ ନୀତି ପ୍ରଣୟନ ବୋର୍ଡ ଯିଏକି ସାମାଜିକ ଆନ୍ଦୋଳନରେ ଗଣମାଧମ ଏବଂ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରିଥାଏ । ଗଣମାଧମ ନୀତି ପ୍ରଣୟନର ପ୍ରକାରଭେଦ ରହିଛି । ୱେବସାଇଟ୍‌ରେ ଖବର ପ୍ରକାଶନ, ତଦନ୍ତ ଉପରେ ଭିଡିଓ ଏବଂ ଅଡିଓ ପ୍ରକାଶନ, ଆନ୍ଦୋଳନକୁ ନେଇ ସୂଚନା ପ୍ରସାରଣ ଏବଂ ଗଣମାଧମ ଓ ଯୋଗାଯୋଗ କ୍ଷେତ୍ରକୁ ନେଇ କ୍ୟାମ୍ପେନ୍ ଆୟୋଜନ କରିବା ।

## ୩.୭.୧ ଗଣମାଧମ ନୀତି ପ୍ରଣୟନର ପ୍ରକାରଭେଦ

ସୋସିଆଲ ମିଡିଆ ଅନେକ କ୍ଷେତ୍ରରେ ଗଣମାଧମ ନୀତିର ପ୍ରକାରଭେଦ ହିସାବରେ ବ୍ୟବହୃତ ହୋଇଥାଏ । କାରଣ ପାରସ୍ପରିକ ଆଦାନପ୍ରଦାନ ସହ ଫିଚର ପ୍ରସ୍ତୁତି ଏବଂ ବିସ୍ତୃତ ସୂଚନା ଗ୍ରହଣ ଦ୍ୱାରା ଶୀଘ୍ର ତଥ୍ୟ ବିକ୍ଷିପ୍ତ କରିହୁଏ ଏବଂ ପ୍ରଶଂସକଙ୍କ ଏକତ୍ରୀକରଣ ହୋଇଥାଏ । ପାରମ୍ପରିକ ଗଣମାଧମ ତୁଳନାରେ ଫେସବୁକ୍, ଟ୍ୱିଟର, ହ୍ୱାଟସାପ୍ ବହୁ କମ୍ ସମୟ ମଧରେ ବିସ୍ତୃତ ଜନତାଙ୍କ ନିକଟରେ ପହଞ୍ଚି ପାରୁଛି ଏବଂ ଖବର ଆଦାନପ୍ରଦାନର ମାଧମ ହୋଇପାରୁଛି । ଯଦିବା ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ସଂଖ୍ୟା କମ୍ ତଥାପି ଏହାକୁ ଅଫ୍‌ଲାଇନ ଗଣମାଧମଠୁଁ ଅଧିକ ବ୍ୟବହାର କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ । ଭାବ ତଥା ତଥ୍ୟ ଆଦାନପ୍ରଦାନର ପ୍ରଥମ ସୋପାନ ହେଉଛି ସୋସିଆଲ ମିଡିଆ ସହ ସଂଯୋଗୀକରଣ । କୌଣସି  ଲିଡର ବିନା ଏହି ମାଧମ ଆମକୁ ସାହାଯ୍ୟ କରିଥାଏ ଭାବ ଆଦାନ ପ୍ରଦାନ ନିମନ୍ତେ । ନିଜ ଭାବନା, ମତାମତ, ଅନୁଚିନ୍ତା ସବୁକିଛି ବିନା ଦ୍ୱିଧା, ନିୟମରେ ଆମେ ନିଃସନ୍ଦେହରେ ଫେସବୁକ୍‌ରେ ପ୍ରକାଶ କରିପାରୁ ।

"ଲାଇଭ୍ ଷ୍ଟ୍ରିମିଙ୍ଗ" ବର୍ତ୍ତମାନ ଟିଭିର ସ୍ଥାନ ନେଇପାରିଛି । ଏହି ଆପଲିକେସନ୍ ବହୁ ସହଜରେ ଆପଣ ଯେଉଁ ସ୍ଥାନରେ ଥାଆନ୍ତୁ ନା କାହିଁକି ନିଜ ସ୍ଥାନର କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ଫେସବୁକ୍ ସାହାଯ୍ୟରେ ଦର୍ଶକଙ୍କ ନିକଟକୁ ପହଞ୍ଚାଇ ପାରିବେ । ଏଠାରେ ବି ସେନସରସିପ୍ ଲାଗୁ ହୁଏ । ଇସ୍ତାନବୁଲରେ ହୋଇଥିବା ପ୍ରତିବାଦ ଏହାର ଏକ ଉଦାହରଣ । ପ୍ରକୃତ ଗଣମାଧମର ଉଦ୍ଦେଶ୍ୟତାରେ ତ୍ରୁଟି ଏବଂ ଟେଲିଭିଜନ ଯୋଗୁଁ ଏଭଳି ଘଟଣା ଉତ୍ପନ୍ନ ହୋଇଥିଲା । ଅନ୍ୟପଟେ ଅନେକ ପ୍ରତିବାଦକାରୀ ହ୍ୱାଟସାପ୍ ଏବଂ ଅନ୍ୟ ଆପଲିକେସନ୍ ଓ୍ୱାକି-ଟକି ମାଧମରେ ନିଜର ମତବ୍ୟକ୍ତ କରି କୌଣସି ଘଟଣାର ତଥ୍ୟ ଆଦାନପ୍ରଦାନ କରନ୍ତି । ଯାହାକି ଅନ୍ୟ ଆନ୍ଦୋଳନକାରୀଙ୍କୁ ତଥ୍ୟ ଏକଜୁଟ୍ କରିବାର ଖୋରାକ୍ ଯୋଗାଇଥାଏ । ହ୍ୱାଟସାପ୍ ଗ୍ରୁପ୍ ଦ୍ୱାରା ସଂସ୍ଥାର ପ୍ରତିବାଦକାରୀଙ୍କ ସଂଖ୍ୟା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।

ୟ୍ୟୁ ଟ୍ୟୁବ୍ ବି ତଥ୍ୟ ବିସ୍ତାର କରିବାର ଆଉ ଏକ ମାଧମ । ଏହା ସାଧାରଣତଃ ଅନ୍ୟ ସୋସିଆଲ ମିଡିଆ ଫେସବୁକ୍, ଟ୍ୱିଟର ଭଳି ବ୍ୟବହାର ହୋଇଥାଏ । ଏହାର ସବୁଠୁ ବଡ ସଫଳତା ହେଉଛି ଏଥିରେ ଭିଡିଓକୁ ଅପ୍‌ଲୋଡ୍ କରିବା ସହ ୬ ଦିନ ମଧରେ ବିଶ୍ୱର ମିଲିୟନ୍ ଲୋକଙ୍କ ନିକଟରେ ପହଞ୍ଚାଯାଇପାରେ । ସାଧାରଣ ଏବଂ ସହଜ ଭାଷାରେ ପ୍ରତିବାଦୀ ନିଜର ମତ ଦେଇ ବିଶ୍ୱର ପ୍ରତିକୋଣରେ ପହଞ୍ଚିପାରନ୍ତି ।

ସାଂସ୍କୃତିକ ଭାବାନୁ ପ୍ରଦାନ ଗଣମାଧମ ନୀତି ପ୍ରଣୟନର ଅନ୍ୟ ଏକ ମାଧମ । ମେନ ଷ୍ଟ୍ରିମ୍ ମାଧମ ତୁଳନାରେ ଏହା ଅତି କମ୍ ସମୟରେ ଲୋକଙ୍କ ନିକଟରେ ଖବର ପହଞ୍ଚାଇପାରେ । ପ୍ରତିବାଦୀଙ୍କ ନିକଟକୁ ବି ତଥ୍ୟ ସଂପ୍ରସାରଣ କରିପାରେ ।

ସାମ୍ବାଦିକତା ଏବଂ ନ୍ୟୁଜ୍ ମିଡିଆରେ ପ୍ରକୃତ ଘଟଣା ରିପୋର୍ଟ କରିବା ଗଣମାଧମ ନୀତି ଦ୍ୱାରା ଅଧିକତର ହୋଇପାରିଛି । ଗଣମାଧମ ନୀତି ଦର୍ଶକଙ୍କୁ ନିଜସ୍ତରରେ ନ୍ୟୁଜ୍ ପ୍ରସ୍ତୁତ କରିବାକୁ ଶିକ୍ଷା ଦେଇଥାଏ । ଗଣମାଧମ ନୀତି ସୁଯୋଗ ଦିଏ ଗଣମାଧମ ପ୍ରସ୍ତୁତି ଏବଂ ପ୍ରବେଶ ।

## ୩.୮: ଆସ ପ୍ରଗତି ମାପିବା

୩.୧ ଜର୍ଣ୍ଣାଲିଜିମ୍ କୋଡ୍‌ର ଆବଶ୍ୟକତା ?

..........................................................................................

..........................................................................................

୩.୨ ଭାରତରେ ଓମ୍ବୁଡସ୍‌ମେନ୍ ବିପକ୍ଷରେ କଣ ନାମକରଣ ହୋଇଥାଏ ?

..........................................................................................

..........................................................................................

୩.୩ ଗଣମାଧମ ନୀତିର ପ୍ରକାରଭେଦ ଦର୍ଶାଅ ।

..........................................................................................

..........................................................................................

## ଅଧିକ ପଢ଼ିବା ପାଇଁ


୧. ଏସ୍ ରାଇଡୁ, ଏସ.ବି. ନାଗେଶ୍ୱର ରାଓ, ମାସ ମିଡିଆ ଲଅସ୍ ଆଣ୍ଡ ରେଗୁଲେସନ୍ , ହିମାଳୟା ପବଲିସିଙ୍ଗ୍ ହାଉସ୍, ୧୯୯୫

୨. ଏମ୍. ନିଲମଲାର, ମିଡିଆ ଲଅସ୍ ଆଣ୍ଡ ଏଥିକ୍ସ , ପିଏଚଆଇ ଲାର୍ଣ୍ଣିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍, ୨୦୧୦

୩. ରାଓ, ଏମ.ସି. (୧୯୭୪), ଦ ପ୍ରେସ୍, ନେସନାଲ ବୁକ୍ ଟ୍ରଷ୍ଟ

୪. ରଙ୍ଗସ୍ୱାମୀ, ପି (୧୯୮୯), ହିଷ୍ଟ୍ରି ଅଫ୍ ଜର୍ଣ୍ଣାଲିଜିମ୍ , ଷ୍ଟେରଲିଙ୍ଗ୍ ପବଲିକେଶନ୍

୫. ନଟରାଜନ୍, ଜେ. (୨୦୦୦), ହିଷ୍ଟ୍ରି ଅଫ୍ ଇଣ୍ଡିଆନ୍ ପ୍ରେସ୍, ପବଲିକେଶନ୍ ଡିଭିଜନ୍

୬. ଇାସୁ, ଡି.ଡି. (୨୦୦୫), ପ୍ରେସ୍ ଲଅସ୍, ପ୍ରେଣ୍ଟିସ୍ ହଲ

୭. ଆଇଅର୍, ଭି. (୨୦୦୦), ମାସ୍ ମିଡିଆ ଲଅସ୍ ଆଣ୍ଡ ରେଗୁଲେସନ୍ ଇନ୍ ଇଣ୍ଡିଆ, ଏଏମଆଇସି ପବଲିକେଶନ୍

୮. ଠାକୁରତା, ପି.ଜି. (୨୦୦୯), ମିଡିଆ ଏଥିକ୍ସ, ଅକ୍ସଫୋର୍ଡ ୟୁନିଭର୍ସିଟି ପ୍ରେସ୍

୯. ଡଗଲ୍ , ପି. (୨୦୦୨), ସାଇବର୍ ଇନ୍ ଇଣ୍ଡିଆ, ସାକ୍ସର ଲଅ ପବଲିକେଶନ

୧୦. କିରନ୍, ଆର.ଏନ୍ (୨୦୦୦), ଫିଲୋସୋଫିସ୍ ଅଫ୍ କମ୍ୟୁନିକେଶନ ଆଣ୍ଡ ମିଡିଆ ଏଥିକ୍ସ, ଥିଓରି କନସେପ୍‌ଟସ୍ ଆଣ୍ଡ ଏମପୋରିଆଲ ଇସ୍ୟୁସ୍, ଏଲବିଆର ପବଲିକେଶନ

୧୧. ଦୁଆ, ଏମ.ଆର.(୨୦୦୦)ପ୍ରେସ୍, ଏଜ୍ ଲିଡର୍ ଅଫ୍ ସୋସାଇଟି, ଆଇଆଇଏମସି

୧୨. ଶ୍ରୀବାସ୍ତବା, କେ.ଏମ. (୨୦୦୫), ମିଡିଆ ଏଥିକ୍ସ-ବେଦଟୁ ଗାନ୍ଧୀ ଆଣ୍ଡ ବେୟଣ୍ଡ, ମିନିଷ୍ଟ୍ରି ଅଫ୍ ଇନଫରମେସନ୍ ଆଣ୍ଡ ବ୍ରଡକାଷ୍ଟିଙ୍ଗ, ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ

୧୩. ଶର୍ମା, ପି.କେ. (୧୯୯୯), ଜର୍ଣ୍ଣାଲିଜିମ୍ ଏଥିକ୍ସ, ରାନଡମ୍ ପବଲିକେଶନ
୧୪. ମେନନ୍, ପି.କେ. (୨୦୦୫), ଜର୍ଣ୍ଣାଲିଷ୍ଟିକ୍ ଏଥିକ୍ସ, ପଏଣ୍ଟର ପବଲିସର୍ସ, ଜୟପୁର
୧୫. ମହାପାତ୍ର, ଡ. ପ୍ରଦୀପ (୧୯୯୯), ଓଡିଆ ସାମ୍ବାଦିକତାର କ୍ରମବିକାଶରେ ଉତ୍କଳ ଦୀପିକାର ଭୂମିକା, ବ୍ରହ୍ମପୁର ୟୁନିଭର୍ସିଟି, ବ୍ରହ୍ମପୁର
୧୬. ଚାଟର୍ଜୀ, ଡ. ମୃଣାଳ (୨୦୧୩), ହିଷ୍ଟ୍ରି ଅଫ୍ ଜର୍ଣ୍ଣାଲିଜିମ୍ ଇନ୍ ଓଡିଶା, ସେଫାଳି କମ୍ୟୁନିକେସନ୍ସ, ଢେଙ୍କାନାଳ

## ପ୍ରଗତି ଜାଣିବା ପାଇଁ ଉତ୍ତର

### ୟୁନିଟ-୧

**ପ୍ରଶ୍ନ ୧.୧ର ଉତ୍ତର**

ଖବର ସଂଗ୍ରହ ହେଉଛି ଏବଂ କିଭଳି ଏହା ରିପୋର୍ଟିଂ କରାଯାଉଛି, ଏହା ସାମ୍ବାଦିକତାର ମାନଦଣ୍ଡକୁ ସୂଚାଏ । ନ୍ୟୁଜ୍ ରିପୋର୍ଟିଂ ଏବଂ ସଂଗ୍ରହର ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ସାମ୍ବାଦିକ "ନୀତି "।

ଜଣେ ପେସାଦାର ସାମ୍ବାଦିକଙ୍କ କାର୍ଯ୍ୟପ୍ରଣାଳୀରେ କିଛିଟା ବ୍ୟକ୍ତିଗତ ମାନଦଣ୍ଡ ରହିଥାଏ । ତାକୁ ଆମେ "ପେସାଗତ ନୀତି" ବି କହିପାରିବା । ନୀତି ଅନୁସରଣ କରିବାକୁ କାହାକୁ ବାଧ କରାଯାଇ ନାହିଁ । ମାତ୍ର ପ୍ରତ୍ୟେକ ପେସାରେ ବ୍ୟକ୍ତିଗତ ଗୋପନୀୟତା ରହିଥାଏ, ଯାହାକୁ ପାଥେୟ କରି ନୀତିସବୁକୁ ଅଭ୍ୟାସ କରାଯାଇଥାଏ । ଏହା ବ୍ୟବହାର ପାଇଁ କାହାକୁ ବାଧ କରାଯାଇପାରିବ ନାହିଁ । ମାତ୍ର ନୀତି ନିୟମାବଳୀ ପ୍ରତି ପେସାର ବୈଶିଷ୍ଟତାକୁ ଦର୍ଶାଇଥାଏ । ସାମ୍ବାଦିକତା ଅଥବା ଖବରକାଗଜ ନିଜ କର୍ମଚାରୀଙ୍କ ପାଇଁ ନିଜ ନୀତି ପ୍ରଣୟନ କରିଥାନ୍ତି ।

**ଉତ୍ତର ୧.୨**

ନ୍ୟୁଜ୍ ପେପର ଯାହାକି ପ୍ରତିଦିନ ଜନତାଙ୍କ ନିକଟରେ ପହଞ୍ଚେ, ଏହା ସତ୍ୟ ଏବଂ ବିଶ୍ୱସ୍ତ ଘଟଣା ଉପରେ ଆଧାରିତ ହୋଇଥାଏ । ଏହାର ସମସ୍ତ ଶ୍ରେୟ ଯାଏ ରିପୋର୍ଟରଙ୍କୁ ଯିଏକି ଜନତାଙ୍କୁ ଆକର୍ଷିତ ତଥା ତାଙ୍କ ଇଚ୍ଛାନୁଯାୟୀ ଖବର ପ୍ରକାଶନ କରିଥାନ୍ତି । ଖବରକାଗଜ ଏବଂ ସାମ୍ବାଦିକଙ୍କ କାର୍ଯ୍ୟ ହେଉଛି ସମାଜକୁ ସଠିକ୍ ସମୟ ଏବଂ ସଠିକ୍ ତଥ୍ୟାବଳୀ ଅନୁଯାୟୀ ନ୍ୟାୟ ଦେବା । ଏଣୁ ପାଠକଙ୍କ ଖବରକାଗଜ ଉପରେ ଅନେକ ବିଶ୍ୱାସ ରହିଥାଏ ।

**ଉତ୍ତର ୧.୩**

ଯେତେବେଳେ ଗଣମାଧ୍ୟମ ଉପରୁ ଜନତାଙ୍କ ବିଶ୍ୱାସ ହ୍ରାସ ପାଇବାରେ ଲାଗେ, ସେ ସ୍ଥାନରେ ସାମ୍ବାଦିକ ନିଜ ରିପୋର୍ଟରେ ବିବାଦକୁ ଏଡାଇବାକୁ ଚେଷ୍ଟା କରିବା ଆବଶ୍ୟକ ।ସାମ୍ବାଦିକଙ୍କୁ ରହିବା ପାଇଁ ହୋଟେଲ, ମାଗଣା ଏଆର ଟିକେଟ୍, ନାନାଦି ପ୍ରକାରରେ ଉପହାର, ଅନେକ ବାଣିଜ୍ୟିକ ବ୍ୟବସାୟିକ ଅନୁଷ୍ଠାନ ଏବଂ ରାଜନୈତିକ ଦଳରୁ ଡୋନେସନ୍ ମିଳିଥାଏ । ସାମ୍ବାଦିକ ଏମିତି ଅନେକ ବିବାଦୀୟ କାହାଣୀ ଉପରେ ବି ରିପୋର୍ଟ ପ୍ରସ୍ତୁତ କରିଥାନ୍ତି । ମାତ୍ର ଏ ସମସ୍ତ ବିବାଦକୁ ଜନତାଙ୍କ ଇଚ୍ଛାନୁଯାୟୀ ପ୍ରକାଶନ କରିଥାନ୍ତି ।

ଉତ୍ତର ୧.୪

ପ୍ରତିଦିନ ରିପୋର୍ଟର ସମସ୍ତ ରିପୋର୍ଟକୁ ନେଇ ଏକ ଫାଇଲ ପ୍ରସ୍ତୁତ କରନ୍ତି । ଯାହାକି ସମ୍ପାଦକଙ୍କ ଟେବୁଲକୁ ଯାଏ । ପରେ ଏହା ଉପରେ ପର୍ଯ୍ୟାଲୋଚନା ହୁଏ କେଉଁଟି ପ୍ରକାଶିତ ହେବ ଆଉ କେଉଁଟି ବାଦ୍ ଦିଆଯିବ । ଅନେକ ସମ୍ବେଦନଶୀଳ ସମସ୍ୟାଠୁ ନେଇ ଦେଶ ତଥା ଅନ୍ତର୍ଦେଶୀୟ ରିପୋର୍ଟ ଯାହାକି ଜନତାଙ୍କ ଇଚ୍ଛାନୁଯାୟୀ ପ୍ରକାଶ ପାଇବା ଆବଶ୍ୟକ , ରାଜନୈତିକ ଧମକ,ପ୍ରତିଶୋଧ, ସବୁଆଡୁ ଭୟ ପ୍ରଦର୍ଶନ , ଅନ୍ତ ସଙ୍କୋଚତା, ସମ୍ପାଦକଙ୍କ , ରିପୋର୍ଟର ଏବଂ ପ୍ରକାଶକ ଏବଂ ଅନ୍ୟାନ୍ୟ ତରଫରୁ ମଧରେ ବିବାଦ ଏବଂ ସମସ୍ୟାର ସମ୍ମୁଖୀନ ହେବା । ଏସବୁକୁ ନୈତିକ ସଙ୍କଟ କୁହାଯାଏ । ବିଦେଶୀ ନ୍ୟୁଜ୍ ପେପରର ସାମ୍ବାଦିକ ନିଜ ସରକାରଙ୍କ ସହ ଅତିକଷ୍ଟକର ନୈତିକ ସଙ୍କଟର ସମ୍ମୁଖୀନ ହୁଅନ୍ତି ।

## ୟୁନିଟ-୨

ଉତ୍ତର ୨.୧

ଗଣମାଧମ କର୍ମଚାରୀ କୌଣସି ବ୍ୟକ୍ତିଙ୍କ ବ୍ୟକ୍ତିଗତ ବିଷୟକୁ ନେଇ ରିପୋର୍ଟ ପ୍ରସ୍ତୁତ କଲାବେଳେ ସାମାନ୍ୟ ପଛଘୁଞ୍ଚା ଦିଅନ୍ତି । ବ୍ୟକ୍ତିଗତ ସ୍ୱାଧୀନତା ହ୍ରାସ ପାଏ ଯେତେବେଳେ ଜଣଙ୍କ ବ୍ୟକ୍ତିଗତ ରିପୋର୍ଟ ଗଣମାଧମରେ ପ୍ରକାଶ ପାଏ । ସାମ୍ବାଦିକ ସର୍ବଦା ଏକ ସମାନ୍ତରାଳ ସମସ୍ୟା ଦେଇ ଗତି କରନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିୟମ ହେଉଛି ଆମେ ଜନତାଙ୍କ ବିଶ୍ୱସ୍ତ ଓ ସତ୍ୟତାକୁ ଗୁରୁତ୍ୱ ଦେଉ । ଆମେ ନିଜସ୍ୱ ମତାମତ ଉପରେ ସ୍ୱଷ୍ଟବାଦୀ ହୋଇଥାଉ । ଆମର ବି କୌଣସି ନିଜସ୍ୱ ଇଚ୍ଛା ରହି ନ ଥାଏ କାହାର ବ୍ୟକ୍ତିଗତ ତଥ୍ୟକୁ ଉନ୍ମୋଚନ କରିବା । ଏହା ହେଉଛି ଜନତାଙ୍କ ଅଧିକାର ଏବଂ ଆମେ କେବଳ ଏହାର ସତ୍ୟତା ଉପରେ ରିପୋର୍ଟ କରୁ ।

ଉତ୍ତର ୨.୨

ଉଣେଇସହ ଶତାବ୍ଦୀ ପରଠୁ ଗଣମାଧମର ପ୍ରଚାର ଏବଂ ଅଗ୍ରସରତା ଦ୍ରୁତ ଗତିରେ ବୃଦ୍ଧି ପାଇଛି । କାରଣ ଏ ସମୟରେ ନୂତନ ସାମ୍ବାଦିକତାର ଜନ୍ମଲାଭ ହୋଇଛି । ଗଣମାଧମର ଉନ୍ନତି ପାଇଁ କାମଳ ସାମ୍ବାଦିକତା ଏକ ବିରାଟ ଅଧ୍ୟାୟ । ଏହି ପ୍ରତିଯୋଗୀ ପ୍ରସଙ୍ଗରେ ଅତିକାୟ ମନୋଭାବ ମାଲକଙ୍କ ଖବରକାଗଜର କେତେକ ଅତିରିକ୍ତ କ୍ରୁର ପାଠକଙ୍କ ସଂଖ୍ୟା ବୃଦ୍ଧି ପାଇଲା । ନିଜର ଖବରକାଗଜର ସଂଖ୍ୟା ବୃଦ୍ଧି ପାଇଁ କିଛି ବି ବିଷୟ ଏବଂ ପନ୍ଥାକୁ ଅବଲମ୍ବନ କରିବାକୁ ପଛଘୁଞ୍ଚା ଦେଲେ ନାହିଁ । ଫଳରେ ଏହା ବିଜ୍ଞାପନର ସଂଖ୍ୟା ବୃଦ୍ଧି କରାଇବାରେ ସହାୟକ ହେଲା ଏବଂ ଅର୍ଥନୈତିକ ବ୍ୟବସାୟ ବି ବେଶ୍ ଆଶାଜନକ ହୋଇପାରିଲା ।

ଉତ୍ତର ୨.୩

ପେଡ୍ ନ୍ୟୁଜ୍ ବା ପେଡ୍ କଣ୍ଟେଣ୍ଟ (ଟଙ୍କା ଦେଇ କିଣାଯାଉଥିବା ଖବର) ଏହା ଖବରକାଗଜ, ପତ୍ରପତ୍ରିକା ଏବଂ ଇଲେକ୍ଟ୍ରୋନିକ୍ ଗଣମାଧମର ସେହି ଖବର ଯାହାକି ସଂସ୍ଥାର ସପକ୍ଷରେ ଲେଖାଛାପିଥାଏ ବା ପ୍ରସାରଣ କରିଥାଏ । ଏହି ନ୍ୟୁଜ୍ ବିଜ୍ଞାପନ ଭଳି ହୋଇଥାଏ, ମାତ୍ର ଏଥିରେ କୌଣସି ଟ୍ୟାଗ୍ ଲାଇନ ନଥାଏ । ଏହି ପ୍ରକାର ନ୍ୟୁଜ୍ ଦୁର୍ନୀତିର ପ୍ରତିସ୍ୱରୂପ । ଏହା ଜନତାଙ୍କୁ ଠକି ନ୍ୟୁଜ୍ ରୂପାନ୍ତରରେ ବିଜ୍ଞାପନ ପ୍ରକାଶନ କରିଥାନ୍ତି । ଦ୍ୱିତୀୟରେ ଆୟ ବିନିଯୋଗର ପନ୍ଥା ଭାୟୋଲେଟ୍ ଟ୍ୟାକ୍ସ ଏବଂ ଇଲେକ୍ସନ୍ ଆଇନ ଅନୁଯାୟୀ ଦିଆଯାଏ । ମାତ୍ର ସବୁଠୁ ଗମ୍ଭୀର ପରିସ୍ଥିତି ହୁଏ ଇଲେକ୍ସନ୍ ସମୟରେ ଇଲେକ୍ଟ୍ରୋନିକ୍ ଗଣମାଧମରେ ଏଭଳି ପ୍ରଚାର ବିଜ୍ଞାପନର ପ୍ରସାରଣ । ଏହା ଭୋଟରଙ୍କୁ ପ୍ରଭାବିତ କରିବାର ସହଜ ଉପାୟ । କାରଣ ଦୁର୍ଗମ ଗ୍ରାମୀଣ ପରିବାରର ଜନତା ରାଜ୍ୟ କି ଦେଶର ଖବର ଜାଣନ୍ତି ନାହିଁ । ଏଣୁ ପ୍ରଚାର ଦ୍ୱାରା ଯାହା ବି କୁହାଯାଏ ତାକୁ ଏମାନେ ସତ୍ୟ ମାନିନିଅନ୍ତି ।

## ୟୁନିଟ-୩

**ଉତ୍ତର ୩.୧**

ସାମ୍ବାଦିକତା ନୀତି ପ୍ରଣୟନର ଆବଶ୍ୟକତା ହେଉଛି କି, ଅନେକ ସମସ୍ୟାରୁ ଏହାଦ୍ୱାରା ଆମକୁ ସହାୟତା ମିଳିପାରିବ । ଇଚ୍ଛା ବିରୁଦ୍ଧରେ ବିବାଦ, ନୀତି ଉପରେ ଦ୍ୱନ୍ଦ୍ୱ ଏଭଳି ସମସ୍ୟା ପାଇଁ ଏହାର ଆବଶ୍ୟକତା ରହିଛି । କୋର୍ଡ ଏବଂ ନିୟମ ସାମ୍ବାଦିକତାଙ୍କୁ ଦେବାର ମୂଳ ଉଦ୍ଦେଶ୍ୟ ହେଉଛି, ଏମାନେ ନିଜେ ସ୍ୱ-ପର୍ଯ୍ୟାଲୋଚକ ଏବଂ ସ୍ୱ-ସଂଗଠିତ ହୋଇପାରିବେ ।

**ଉତ୍ତର ୩.୨**

ଭାରତରେ ଲୋକାୟୁକ୍ତ ଓମ୍ବୁଡସ୍‌ମେନ୍  ବିପକ୍ଷରେ କାମ କରିଥାଏ । ଓମ୍ବୁଡସ୍‌ମେନ୍ ର ମୁଖ୍ୟ କାର୍ଯ୍ୟ ହେଉଛି ଅଭିଯୋଗକୁ ଏକତ୍ରୀକରଣ କରି ସମାଧାନ କରିବା । ସାଧାରଣତଃ ସୁପାରିଶ (ବାନ୍ଧିବା ବା ନାହିଁ) ବା ମଧ୍ୟସ୍ଥତା । ଓମ୍ବୁଡସ୍‌ମେନ୍ ଥରେ ଥରେ ନିମ୍ନମାନର କାର୍ଯ୍ୟ ସହ ସଂପୃକ୍ତ ସମସ୍ୟା ସମାଧାନରେ ଅଥବା ଜନ ଅଧିକାର ଉପରେ କାର୍ଯ୍ୟ କରିଥାଏ ।

**ଉତ୍ତର ୩.୩**

ସୋସିଆଲ ମିଡିଆ ଅନେକ କ୍ଷେତ୍ରରେ ଗଣମାଧ୍ୟମ ନୀତିର ପ୍ରକାରଭେଦ ହିସାବରେ ବ୍ୟବହୃତ ହୋଇଥାଏ । କାରଣ ପାରସ୍ପରିକ ଆଦାନପ୍ରଦାନ ସହ ଫିଚର ପ୍ରସ୍ତୁତି ଏବଂ ବିସ୍ତୃତ ସୂଚନା ଗ୍ରହଣ ଦ୍ୱାରା ଶୀଘ୍ର ତଥ୍ୟ ବିକ୍ଷିପ୍ତ କରିହୁଏ ଏବଂ ପ୍ରଶଂସକଙ୍କ ଏକତ୍ରୀକରଣ ହୋଇଥାଏ । ପାରମ୍ପରିକ ଗଣମାଧ୍ୟମ ତୁଳନାରେ ଫେସବୁକ୍, ଟ୍ୱିଟର, ହ୍ୱାଟସାପ୍ ବହୁ କମ୍ ସମୟ ମଧ୍ୟରେ ବିସ୍ତୃତ ଜନତାଙ୍କ ନିକଟରେ ପହଞ୍ଚି ପାରୁଛି ଏବଂ ଖବର ଆଦାନପ୍ରଦାନର ମାଧ୍ୟମ ହୋଇପାରୁଛି । ଯଦିବା ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ସଂଖ୍ୟା କମ୍ ତଥାପି ଏହାକୁ ଅଫ୍‌ଲାଇନ ଗଣମାଧ୍ୟମଠୁଁ ଅଧିକ ବ୍ୟବହାର କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ ।

## ଆଦର୍ଶ ପ୍ରଶ୍ନାବଳୀ

**କ. ଅତି ସଂକ୍ଷିପ୍ତ ପ୍ରଶ୍ନ**

୧. ତଥ୍ୟ ସମୂହାକାର କ'ଣ ?
୨. ଡିଜିଟାଲ ଟେକ୍ନୋଲୋଜି କ'ଣ ?
୩. ପ୍ରକୃତ ବିଶ୍ୱ କ'ଣ ?
୪. ମୁଖ୍ୟଧାରା ଗଣମାଧ୍ୟମ କ'ଣ ?
୫. ଜନଗହଳି ଉତ୍ସ କହିଲେ କ'ଣ ବୁଝ ?

**ଖ. ସଂକ୍ଷିପ୍ତ ପ୍ରଶ୍ନାବଳୀ (ପ୍ରତି ପ୍ରଶ୍ନର ଉତ୍ତର ୧୫୦ ଶବ୍ଦ ମଧ୍ୟରେ ଦିଅ)**

୧. ଇମର୍ଜିଂ ମିଡ଼ିଆ କହିଲେ କଣ ବୁଝ ?
୨. ଗଣମାଧ୍ୟମର ପାରସ୍ପରିକ ଆଦାନପ୍ରଦାନ ପ୍ରକୃତି ଆଲୋଚନା କର ।
୩. ଗଣମାଧ୍ୟମର ଗତାନୁଗତିକ ଏବଂ ପେସାଗତଭାବ କିପରି ?
୪. ଗଣମାଧ୍ୟମ କିପରି ତଥ୍ୟ ସହଜ ଏବଂ ସୁବିଧା ଉପାୟରେ ବାଣ୍ଟିଥାଏ ?

**ଗ. ବିସ୍ତୃତ ପ୍ରଶ୍ନାବଳୀ (ପ୍ରତି ପ୍ରଶ୍ନର ଉତ୍ତର ୩୦୦-୬୦୦ ମଧ୍ୟରେ ଦର୍ଶାଅ)**

୧. ସାମ୍ବାଦିକ କାହିଁକି ଆଦର୍ଶଗତ ହେବ, ବର୍ଣ୍ଣନା କର ।
୨. ନୀତି ଓ ଆଦର୍ଶ ବିନା ସାମ୍ବାଦିକତା ଲୋକଙ୍କ ବିରୋଧୀ, ଆଲୋଚନା କର ।

=୦=

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR